# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଏପ୍ରିଲ ୧୨/୨୦୨୨ (୧୪ ପୃଷ୍ଠା) | Sambalpur, Tuesday, April 12/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅମିତ ଅଧିନାୟକ**

ଜର୍ମାନୀ ବିପକ୍ଷ ପ୍ରୋ ଲିଗ୍ ହକି ମ୍ୟାଚ୍ ପାଇଁ ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ପଦରେ ଅପରିବର୍ତ୍ତିତ ରହିଛନ୍ତି ଓଡ଼ିଶାର ଅମିତ ରୋହିଦାସ।

**୧୪ | ୧୦**

**୨୨ରେ 'ଜର୍ସି'**

ବଲିଉଡ୍ ଚକୋଲେଟ୍ ହିରୋ ଶାହିଦ କପୁରଙ୍କ ଅଭିନୀତ ଫିଲ୍ମ 'ଜର୍ସି' ଆସନ୍ତା ୧୪ ବଦଳରେ ୨୨ରେ ମୁକ୍ତିଲାଭ କରିବ ।



# ସର୍ବୋଚ୍ଚ ରୋପ୍‌ୱେରେ ଦୁର୍ଘଟଣା



> ଝାଡ଼ଖଣ୍ଡ ପର୍ଯ୍ୟଟନ ବିଭାଗର ତଥ୍ୟ ଅନୁସାରେ ବାବା ବୈଦ୍ୟନାଥ ମନ୍ଦିରଠାରୁ ୨୦ କିଲୋମିଟର ଦୂରରେ ରହିଥିବା ତ୍ରିକୂଟ ରୋପ୍‌ୱେ ଭାରତର ସର୍ବୋଚ୍ଚ ଭୂଲମ୍ବ ରୋପ୍‌ୱେ। ଉକ୍ତ ପାହାଡ଼ର ଉଚ୍ଚତା ୩୯୨ ମିଟର ହୋଇଥିବାବେଳେ ରୋପ୍‌ୱେର ଲମ୍ବ ୭୬୬ ମିଟର। ଏଥିରେ ଥିବା ୨୫ଟି ଟ୍ରଲିରେ ୧୦୦ ଜଣ ବସିପାରିବାର ବ୍ୟବସ୍ଥା ରହିଛି।

■ କେବୁଲ-କାର୍ ପିଟିହୋଇ ୨ ମୃତ, ଏକାଧିକ ଆହତ

■ ୨୪ ଘଣ୍ଟା ପରେ ଅଟକି ରହିଛନ୍ତି ୨୦ ଯାତ୍ରୀ

■ ଉଦ୍ଧାର କାର୍ଯ୍ୟରେ ବାୟୁସେନା ସାମିଲ

**ରାଞ୍ଚି, ୧୧।୪**

ଝାଡ଼ଖଣ୍ଡର ଦେଓଗଡ଼ ଜିଲା ଅନ୍ତର୍ଗତ ତ୍ରିକୂଟ ପାହାଡ଼ରେ ଥିବା ଦେଶର ସର୍ବୋଚ୍ଚ ରୋପ୍‌ୱେରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଦୁଇଟି କେବୁଲ୍-କାର୍ ପରସ୍ପର ମଧ୍ୟରେ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ରୋପ୍‌ୱେ ଅଚଳ ହୋଇଯିବାରୁ ୪୮ଜଣ ଯାତ୍ରୀ ପାଖାପାଖି ୪୦୦ମିଟର ଉଚ୍ଚରେ ଝୁଲି ରହିଥିଲେ। ସେମାନଙ୍କ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଯବାନଙ୍କ ସମେତ ବାୟୁସେନାର ଏମ୍‌ଆଇ-୧୭, ଏମ୍‌ଆଇ-୧୭ ଭି୫ ହେଲିକପ୍ଟରକୁ ସାମିଲ କରାଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ୨୨ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ଦୀର୍ଘ ୨୪ ଘଣ୍ଟା ପରେ ବି ସେଠାରେ ୨୦ରୁ ଊର୍ଦ୍ଧ୍ୱ ଫସି ରହିଥିବା ଜଣାପଡ଼ିଛି।

ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ହେଁ କେବୁଲ-କାର୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଏହି ଘଟଣା ପରେ ରୋପ୍‌ୱେର ପରିଚାଳକ ଓ ଅନ୍ୟ କର୍ମଚାରୀମାନେ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ସମୟରେ ଡେଇଁ ପଡ଼ିଥିବା ୨ଜଣ ଗୁରୁତର ଆହତ ହୋଇଛନ୍ତି। ଏନ୍‌ଡିଆର୍‌ଏଫ୍‌ର ଗୋଟିଏ ଟିମ୍ ସହ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି) ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି। ଦେଓଘର ଡେପୁଟି କମିଶନର ମଞ୍ଜୁନାଥ ଭଜନ୍ତରୀ ଏବଂ ଏସ୍‌ପି ସୁଭାଷ ଚନ୍ଦ୍ର ଜାଟ ଘଟଣାସ୍ଥଳରେ ରହି ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ ☞ ପୃଷ୍ଠା-୪

# 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ଯୁଗ'

## ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଲୋକାର୍ପିତ

■ ଲୋକାର୍ପଣ ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

■ ଆୟୁଷ୍ମାନ ଭାରତ ଲାଗୁ କରନ୍ତୁ ଓଡ଼ିଶା ସରକାର: କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ପୁରୀ ଅଫିସ, ୧୧।୪**

ପୁରୀର ବାଲିଗୁଆଳିଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଏବଂ ୫ମହଲା ବିଶିଷ୍ଟ ହଷ୍ଟେଲକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ସ୍ଥାପନ ଦ୍ୱାରା ପୁରୀବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି। ପୁରୀ ଜିଲା ପାଇଁ ଆଜିର ଦିନଟି ଏକ ଐତିହାସିକ ଦିନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ପୁରୀ ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେବା ସହ ମେଧାବୀ ଛାତ୍ରୀଛାତ୍ରମାନେ ମେଡିକାଲ ପାଠ ପଢିପାରିବେ। ଏହି କଲେଜରେ ୧୦୦ଟି ଏମ୍‌ବିବିଏସ୍ ଆସନ ରହିଛି। ବର୍ତ୍ତମାନ ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମ୍‌ବିବିଏସ୍ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ୧୫ ପ୍ରତିଶତ ସଂରକ୍ଷଣ ନିୟମ ଯୋଗୁ ଏଠାରେ ଅତି ଗରିବ ଛାତ୍ରୀଛାତ୍ର ପାଠ ପଢ଼ିବା ସୁଯୋଗ ପାଇପାରିଛନ୍ତି। ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ଉଦ୍ୟମରେ ଲୋକଙ୍କୁ ସେବା ଯୋଗାଇବାରେ ଏହା ଏକ ପ୍ରତିଷ୍ଠିତ ଅନୁଷ୍ଠାନରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପୁରୀର ସସ୍ମିତ ନାୟକ, ରାଜସ୍ଥାନର ପ୍ରଗତି ମୀନା ଏବଂ ଓଡ଼ିଶାର ସିଦ୍ଧାର୍ଥ ସାହୁ ପ୍ରମୁଖ ଏହି କଲେଜରେ ପଢ଼ିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ସେମାନେ କଲେଜ ଭିତ୍ତିଭୂମିର ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭ୍ୟ ଭିଡିଓ କନ୍‌ଫରେନ୍ସ ଜରିଆରେ ☞ ପୃଷ୍ଠା-୭

# ଶେହବାଜ୍ ପାକିସ୍ତାନ ନୂଆ ପ୍ରଧାନମନ୍ତ୍ରୀ

## ଭୋଟ ବର୍ଜନ କଲା ପିଟିଆଇ

**ଇସ୍‌ଲାମାବାଦ, ୧୧।୪:** ପ୍ରାୟ ମାସେ ଧରି ପାକିସ୍ତାନ ରାଜନୀତିରେ ଅସ୍ଥିରତା ଲାଗି ରହିବା ପରେ ଦେଶ ଏବେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ପାଇଛି। ପିଏମ୍‌ଏଲ୍-ଏନ୍ ନେତା ୭୦ ବର୍ଷୀୟ ଶେହବାଜ୍ ଶରିଫ୍ ସୋମବାର ବିନା ପ୍ରତିଦ୍ୱନ୍ଦ୍ୱିତାରେ



ପାକିସ୍ତାନର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ରାତିରେ ସେ ତାଙ୍କ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭି ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ପାକିସ୍ତାନ ସିନେଟ୍ ଅଧକ୍ଷ ସାଦିକ୍ ସଞ୍ଜରାନୀ ଶେହବାଜ୍‌ଙ୍କୁ ଶପଥ ପାଠ କରାଇଥିଲେ। ପାକିସ୍ତାନ ତେହରିକ୍-ଏ-ଇନ୍‌ସାଫ୍ (ପିଟିଆଇ) ଅଧକ୍ଷ ଇମ୍ରାନ୍ ଖାନ୍ ଅନାସ୍ଥା ଭୋଟରେ ହାରି ଶାସନରୁ ବିଦା ହେବା ପରେ ବିରୋଧୀ ମେଣ୍ଟ ଶେହବାଜ୍‌ଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ମନୋନୀତ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପେଟର ନିଆଁ**

# ଝଣ୍ଡାକୁ ନେଇ ଗୋଷ୍ଠୀ ସଂଘର୍ଷ



କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର ଉଭୟ ଗୋଷ୍ଠୀର ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

■ ଯୋଡ଼ାରେ ୧୪୪ ଧାରା ଜାରି

■ ଟେକାପଥର ମାଡ଼ ସହ ବାଇକ୍ ପୋଡ଼ାଜଳା

**ଯୋଡ଼ା, ୧୧।୪ (ଡି.ଏନ.ଏ.)**

ରାମନବମୀ ଅବସରରେ ଏକ ଶିବ ମନ୍ଦିରରେ ଝଣ୍ଡା ଲଗାଇବାକୁ ନେଇ କେନ୍ଦୁଝର ଜିଲା ଯୋଡ଼ା ସହରରେ ସୋମବାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ଗୋଷ୍ଠୀ ମାରପିଟ୍ ହେବା ସହ ପରସ୍ପରକୁ ଟେକାପଥର ମାଡ଼ କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ ଲାଗି ଉଦ୍ୟମ କରିଥିଲେ ମଧ୍ୟ ଉତ୍ତେଜନା ଥମି ନ ଥିଲା। ଅଳ୍ପସଂଖ୍ୟକ ପୋଲିସ ଫୋର୍ସ ଥିବାରୁ ବାମେବାରୀ ଥାନା ଅଧିକାରୀ ମନୋରଞ୍ଜନ ବିଶି ଗୋଟିଏ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲେ। କେତେକାଂଶରେ ଉତ୍ତେଜନା ଥମିଥିଲେ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ନ ହେବାରୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ, ବଡ଼ବିଲ ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା, ତହସିଲଦାର ଆଲୋକ ପଟେଲ, ଯୋଡ଼ା ବିଡିଓ ଜଗନ୍ନାଥ ହନୁମାନଙ୍କ ସମେତ ବିଭିନ୍ନ ଥାନାର ଆଇଆଇସି ଓ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ☞ ପୃଷ୍ଠା-୪

# ଜେଲ ଅନ୍ତେବାସୀଙ୍କୁ ପାଠ ପଢ଼ାଉଛନ୍ତି ପୁଞ୍ଜିଲାଲ







ପୁଞ୍ଜିଲାଲ ମେହେର

■ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଜେଲରେ ଅଛନ୍ତି

■ ୩୫ ଅନ୍ତେବାସୀ ମାଟ୍ରିକ, ଯୁକ୍ତ୨ ପରୀକ୍ଷାର୍ଥୀ

**ବଲାଙ୍ଗୀର ଅଫିସ, ୧୧।୪**

ଜେଲ ଭିତରେ ବନ୍ଦୀ ଅନ୍ତେବାସୀଙ୍କୁ ପାଠ ପଢ଼ାଇବା ଉପରେ ଗୁରୁତ୍ୱ ଦେଇଛନ୍ତି ବଲାଙ୍ଗୀର ଜିଲା କାରାଗାର କର୍ତ୍ତୃପକ୍ଷ। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଅଭିଯୁକ୍ତ ପୁଞ୍ଜିଲାଲ ମେହେର। ଜେଲ ଭିତରେ ଥିବା ଅନ୍ତେବାସୀଙ୍କୁ ଇଂଲିଶ୍ ପାଠ ପଢ଼ାଉଛନ୍ତି ଭଇଁଷା କଲେଜର ଏହି ପୂର୍ବତନ ଇଂଲିଶ୍ ବିଭାଗ ଅଧ୍ୟାପକ। ସେ ଏବେ ସ୍ପୋକେନ୍ ଇଂଲିଶ୍, ଭୋକାବୁଲାରି ଏବଂ ଲାର୍ନର କୋର୍ସ କରାଉଛନ୍ତି। ତେବେ ଜେଲ ଭିତରେ ଅନ୍ତେବାସୀଙ୍କୁ ପୁଞ୍ଜିଲାଲଙ୍କ ଇଂଲିଶ୍ ପାଠ ପଢ଼ାଇବା ଚର୍ଚ୍ଚାର ବିଷୟ ହୋଇଛି।

ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ (ଏନ୍‌ଆଇଓଏସ୍) ଏବଂ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟି (ଆଇଜିଏନ୍‌ଓୟୁ) ଜରିଆରେ ଜେଲ ଅନ୍ତେବାସୀମାନେ ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ବଲାଙ୍ଗୀର ଜିଲା କାରାଗାରରେ ଏବେ ୩୫ ଜଣ ଅନ୍ତେବାସୀ ମାଟ୍ରିକ୍ ଓ ଯୁକ୍ତଦୁଇ ପରୀକ୍ଷା ଦେଉଛନ୍ତି। ଏଥିସହିତ ୩ଜଣ ଯୁକ୍ତତିନି ଏବଂ ୨ଜଣ ପିଜି ଆଡମିଶନ୍ କରିଛନ୍ତି। ଏନ୍‌ଆଇଓଏସ୍ ଜରିଆରେ ଚାଲିଥିବା ଏହି ପରୀକ୍ଷାରେ ଏବେ ୨୫ଜଣ ଅନ୍ତେବାସୀ ମାଟ୍ରିକ୍ ଓ ୧୦ ଜଣ ଅନ୍ତେବାସୀ ☞ ପୃଷ୍ଠା-୪


ଭୁବନେଶ୍ୱର ମହାନଗର ନିଗମ (BHUBANESWAR MUNICIPAL CORPORATION, BMC) | ଓଡ଼ିଶା ସରକାର | cdcc (CAPITAL DAY CELEBRATION COMMITTEE, BHUBANESWAR)

DADLS - 04

**୭୪ତମ**

**ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ** ୧୩.୦୪.୨୦୨୨ ରୁ ୧୫.୦୪.୨୦୨୨

**୧୩.୦୪.୨୦୨୨, ସ୍ଥାନ : ଓଡ଼ିଶା ବିଧାନସୌଧ ସମ୍ମୁଖ, ଭୁବନେଶ୍ୱର**

ସକାଳ ଘ.୭.୩୦ମି. - ରାଜଧାନୀର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ

ମୁଖ୍ୟ ଅତିଥି - **ଡ. ସୂର୍ଯ୍ୟ ନାରାୟଣ ପାତ୍ର**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

ସଦୟ ଉପସ୍ଥିତି
- **ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ**, ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା
- **ଶ୍ରୀଯୁକ୍ତ ପ୍ରତାପ ଜେନା**, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଆଇନ, ପଞ୍ଚାୟତିରାଜ ଓ ପାନୀୟ ଜଳ
- **ଶ୍ରୀଯୁକ୍ତ ପଦ୍ମନାଭ ବେହେରା**, ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଯୋଜନା ଓ ସଂଯୋଜନ
- **ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**, ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ
- **ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
- **ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
- **ଶ୍ରୀମତୀ ସୁଲୋଚନା ଦାସ**, ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ
- **ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ**, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
- **ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ**, ଉପାଧକ୍ଷ, ବିଡ଼ିଏ ତଥା କମିଶନର, ଭୁବନେଶ୍ୱର ମହାନଗର ନିଗମ
- **ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ**, ପୋଲିସ କମିଶନର, ଭୁବନେଶ୍ୱର-କଟକ
- **ଶ୍ରୀଯୁକ୍ତ ଇନ୍ଦ୍ରମଣି ତ୍ରିପାଠୀ**, ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ
- **ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର**, ଜିଲ୍ଲାପାଳ, ଖୋର୍ଦ୍ଧା
- **ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସ୍ୱାଇଁ**, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର
- **ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ**, ସଭାପତି, **ଶ୍ରୀଯୁକ୍ତ ସନତ ମିଶ୍ର**, ସାଧାରଣ ସମ୍ପାଦକ ଓ **ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି**, ଉପ ସଭାପତି, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ସକାଳ ୮ ଘଟିକା - ୧୩ ଜଣ ବ୍ୟକ୍ତିବିଶେଷଙ୍କୁ '**ରାଜଧାନୀ ଗୌରବ ସମ୍ମାନ-୨୦୨୨**' ପ୍ରଦାନ

ପୂର୍ବାହ୍ନ ଘ.୮.୩୦ମି. - ସାଧାରଣ ସଭା | ପୂର୍ବାହ୍ନ ୯ ଘଟିକା - କାର୍ଯ୍ୟକ୍ରମ ସମାପ୍ତି

**ସ୍ଥାନ : ଉତ୍କଳ ମଣ୍ଡପ, ଭୁବନେଶ୍ୱର**

ଅପରାହ୍ନ ୪ ଘଟିକା - ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା

ସନ୍ଧ୍ୟା ଘ.୬.୩୦ ମି.- ସାଧାରଣ ସଭା, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ

ସଦୟ ଉପସ୍ଥିତି
- **ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**, ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ ବୈଷୟିକ
- **ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**, ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି
- **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
- **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**, ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
- **ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
- **ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
- **ଶ୍ରୀମତୀ ସୁଲୋଚନା ଦାସ**, ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ
- **ଶ୍ରୀଯୁକ୍ତ ମଧୁସୁଦନ ପାଢ଼ୀ**, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
- **ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ**, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
- **ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ**, ଉପାଧକ୍ଷ, ବିଡ଼ିଏ ତଥା କମିଶନର,ଭୁବନେଶ୍ୱର ମହାନଗର ନିଗମ
- **ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ**, ପୋଲିସ କମିଶନର, ଭୁବନେଶ୍ୱର-କଟକ
- **ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର**, ଜିଲ୍ଲାପାଳ, ଖୋର୍ଦ୍ଧା
- ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି (ସଂଚାଳନ)

**ସନ୍ଧ୍ୟା ୭ ଘଟିକା - ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଏବଂ ସାଥୀ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ**

୧୪.୦୪.୨୦୨୨ ଓ ୧୫.୦୪.୨୦୨୨ - **ଉତ୍କଳ ମଣ୍ଡପ, ଭୁବନେଶ୍ୱରଠାରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ଦାଶ, ପ୍ରଶାନ୍ତ ପାଢ଼ୀ ଓ ସହଯୋଗୀଙ୍କ ସଙ୍ଗୀତ ପରିବେଷଣ ଏବଂ ସାଂସ୍କୃତିକ ଦଳ ଦ୍ୱାରା ନୃତ୍ୟ ପରିବେଷଣ**

**ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେବାକୁ ସାଦର ଆମନ୍ତ୍ରଣ ।**

**ନିବେଦକ :** ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

OIPR-15001/13/0007/2223

**ବ୍ରିଜ୍ ଚୋରି ଘଟଣାରେ ୮ ଗିରଫ**

ବିହାରର ରୋହତସ ଜିଲାରେ ୬୦ ଫୁଟ ବ୍ରିଜ୍ ଚୋରି ଘଟଣାରେ ରବିବାର ସ୍ଥାନୀୟ ପୋଲିସ ଜଳସେଚନ ବିଭାଗର ସବ୍-ଡିଭିଜନାଲ ଅଫିସରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ଚୋରିରେ ବ୍ୟବହୃତ ଜେସିବି ଏବଂ ୨୪୭ କି.ଗ୍ରା ଲୁହା ସାଙ୍ଗକୁ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ରୋହତସ ଏସ୍ପି ଆଶିଷ ଭାରତୀ କହିଛନ୍ତି।



## ସଂକ୍ଷେପରେ

### ଇମ୍ରାନ୍‌ଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଖାରଜ

ପାକିସ୍ତାନର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏବଂ ଅନ୍ୟ ପୂର୍ବତନ ମନ୍ତ୍ରୀଙ୍କ ନାଁରେ ଆସିଥିବା ଦେଶଦ୍ରୋହ ମାମଲାକୁ ଇସ୍‌ଲାମାବାଦ ହାଇକୋର୍ଟ ଖାରଜ



କରିଛନ୍ତି। ଏହା ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ବିଚାରପତି ଅଥର ମିନାଲ୍ଲା କହିବା ସହ ଆବେଦନକାରୀ ମୌଲବୀ ଇକ୍‌ବାଲ ହାଇଦରଙ୍କ ଉପରେ ୧ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଏଥିସହ ଇମ୍ରାନ୍ ଏବଂ ପୂର୍ବତନ ମନ୍ତ୍ରୀଙ୍କୁ ନୋ-ଫ୍ଲାଏ ଲିଷ୍ଟରେ ରଖିବାକୁ ହୋଇଥିବା ଆବେଦନ ସହ ଇମ୍ରାନ୍‌ଙ୍କ ସରକାର ଭାଙ୍ଗିବା ପଛରେ ବିଦେଶୀ ଷଡ଼ଯନ୍ତ୍ରର ତଦନ୍ତ ନିମନ୍ତେ ପାଇଁ ଦାଖଲ ପିଟିଶନକୁ ମଧ ଖାରଜ କରିଦିଆଯାଇଛି।

### ଆନ୍ଧ୍ରର ନୂଆ କ୍ୟାବିନେଟ୍‌କୁ ବିରୋଧ

**ହାଇଦ୍ରାବାଦ,୧୧।୪:** ଆନ୍ଧ୍ର ପ୍ରଦେଶର ନୂଆ ମନ୍ତ୍ରିମଣ୍ଡଳ ଗଠନକୁ ବିରୋଧ କରି ସୋମବାର ଶପଥ ଗ୍ରହଣ ସମୟରେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ଦେଖିବାକୁ ମିଳିଥିଲା। ତେବେ ନୂଆ ମନ୍ତ୍ରିମଣ୍ଡଳରୁ ବରିଷ୍ଠ ରାଜନେତା ବାଦ୍ ପଡ଼ିବା କାରଣରୁ ଲୋକେ ପ୍ରତିବାଦ କରୁଥିବା ଗଣମାଧମ ରିପୋର୍ଟରେ ପ୍ରକାଶ ପାଇଛି। ୱାଇଏସ୍ଆର୍ କଂଗ୍ରେସ ମୁଖ୍ୟ ଜଗନ ରେଡ୍ଡୀଙ୍କ ସମ୍ପର୍କୀୟ ବାଲିନେନି ଶ୍ରୀନିବାସ ରେଡ୍ଡୀ କ୍ୟାବିନେଟରୁ ବାଦ୍ ପଡ଼ିବା ପରେ ବିଧାୟକ ପକ୍ଷରୁ ଇସ୍ତଫା ଦେଇଥିଲେ। ତେବେ ଏ ନେଇ ବାଲିନେନିଙ୍କ ସମର୍ଥକ ପ୍ରକାଶମ ଜିଲାର ଓଙ୍ଗୋଲେରେ ରାସ୍ତା ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଓଙ୍ଗୋଲେ ମ୍ୟୁନିସିପାଲିଟି କର୍ପୋରେଶନର ସଦସ୍ୟ ଇସ୍ତଫା ଦେବା କଥା କହିଥିଲେ। ସେହିପରି ତାରକା ରାମା ରାଓ ଜିଲାର ନନ୍ଦାମୁରିରେ ସାମିନେନି ଉଦୟଭାନୁଙ୍କ ସମର୍ଥକ ପ୍ରତିବାଦ ସମୟରେ ଦୁଇଟି ବାଇକ୍ ଜାଳିବା ସହ ରାସ୍ତାରେ ଟାୟାର ଜାଳି ଆନ୍ଦୋଳନ କରିଥିବାର ଦେଖିବାକୁ ମିଳିଥିଲା।

### ଖାର୍ଗେଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୧୧।୪ (ପି.ଟି.):** ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପ୍ରକାଶ କରୁଥିବା କଂଗ୍ରେସ ପରିଚାଳିତ ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ (ଏଜେଏଲ୍) ବିରୋଧରେ ମନିଲଣ୍ଡରିଂ ମାମଲାର ତଦନ୍ତ ଚାଲିଥିବାବେଳେ ଏଥିସହ ସମ୍ପୃକ୍ତ ଅଭିଯୋଗରେ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜେରା କରିଛି। ଇଡି ସମନ କ୍ରମେ ରାଜ୍ୟ ସଭାର ୭୯ ବର୍ଷୀୟ ବିରୋଧୀ ଦଳ ନେତା ଏହାର ମୁଖ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ହାଜର ହୋଇଥିଲେ। ମନିଲଣ୍ଡରିଂ ପ୍ରତିକାର ଆଇନର ବ୍ୟବସ୍ଥା ଅନୁଯାୟୀ ତାଙ୍କ ବୟାନ ରେକର୍ଡ କରାଯାଇଛି। ଖାର୍ଗେ 'ୟଙ୍ଗ ଇଣ୍ଡିଆନ' ଏବଂ ଏଜେଏଲ୍‌ର କାର୍ଯ୍ୟକର୍ତ୍ତା ଥିବାରୁ ତାଙ୍କୁ ପଚରାଉଚରା କରିବା ଆବଶ୍ୟକ ରହିଥିବା ଜଣେ ଅଧିକାରୀ କହିଛନ୍ତି। ୨୦୧୬ରୁ ଇଡି ଏଜେଏଲ୍ ଓ କଂଗ୍ରେସର ବିଭିନ୍ନ ନେତାଙ୍କ ମନିଲଣ୍ଡରିଂରେ ରହିଥିବା ଭୂମିକା ଉପରେ ତଦନ୍ତ ଚଳାଇଛି। ଏହି ମାମଲାରେ ଅନ୍ୟମାନଙ୍କ ମଧରେ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡା, ଦିବଂଗତ ନେତା ମୋତିଲାଲ ଭୋରା ପ୍ରମୁଖ ଅଭିଯୁକ୍ତ ଅଛନ୍ତି।

# ଭାରତ ସହ ସୁସମ୍ପର୍କ ଚାହୁଁ



ଶେହବାଜ୍‌ଙ୍କ ଜଣେ ସମର୍ଥକ ପାର୍ଲାମେଣ୍ଟ ବାହାରେ ଖୁସି ମନାଉଛନ୍ତି।



ଶେହବାଜ୍ ଶରିଫ୍

ଇସଲାମାବାଦ, ୧୧।୪

ପାକିସ୍ତାନର ୨୩ତମ ପ୍ରଧାନମନ୍ତ୍ରୀ ଭାବେ ଶେହବାଜ ଶରିଫ୍ ସୋମବାର ଶପଥ ଗ୍ରହଣ କରିଛନ୍ତି। ବିନା ପ୍ରତିଦ୍ୱନ୍ଦ୍ୱିତାରେ ଦେଶର ମୁଖ୍ୟ ଭାବେ ନିର୍ବାଚିତ ହେବା ପରେ ଶେହବାଜ୍ ନିଜ ପ୍ରଥମ ଭାଷଣରେ ଚାଇନା, ଭାରତ ଓ ଆମେରିକା ସହ ସମ୍ପର୍କ ସମେତ ଏକାଧିକ ପ୍ରସଙ୍ଗ ଉଠାଇଥିଲେ। ବିଶେଷ କରି ବିଦେଶ ନୀତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପାକିସ୍ତାନ ଭାରତ ସହ ଭଲ ସମ୍ପର୍କ ଚାହେଁ। କିନ୍ତୁ କଶ୍ମୀର ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ନ ହେବା ପର୍ଯ୍ୟନ୍ତ ତାହା ହୋଇପାରିବ ନାହିଁ ବୋଲି ଶେହବାଜ କହିଛନ୍ତି। କଶ୍ମୀର ପ୍ରସଙ୍ଗକୁ ପ୍ରତ୍ୟେକ ଅନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପନ କରାଯିବ। ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଝିବା ଆବଶ୍ୟକ ଯେ, ଉଭୟ ଦେଶରେ ଦାରିଦ୍ର୍ୟତା ରହିଛି। ତେଣୁ ଏକାଠି କଶ୍ମୀର ବିବାଦର ସମାଧାନ କରି ଦାରିଦ୍ର୍ୟତା ସହ ଲଢ଼ିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଚାଇନା-ପାକିସ୍ତାନର ବନ୍ଧୁତାକୁ ସମୟ ପରୀକ୍ଷା କରିସାରିଛି। ଏହି ସମ୍ପର୍କକୁ କେହି ଭାଙ୍ଗିପାରିବେ ନାହିଁ ବୋଲି ଶେହବାଜ୍ କହିଛନ୍ତି। ଆମେରିକା ସହ ପାକିସ୍ତାନର ଐତିହାସିକ ସମ୍ପର୍କ ରହିଆସିଛି। ଏଥିରେ କେତେକ ଦ୍ୱନ୍ଦ୍ୱ ଓ ଭୁଲ ବୁଝାମଣା ରହିଥିବା ସେ ପ୍ରକାଶ କରିଛନ୍ତି।

**'ବିଦେଶୀ ଷଡ଼ଯନ୍ତ୍ର' ପ୍ରମାଣିତ ହେଲେ ଇସ୍ତଫା ଦେବି**

ଇମ୍ରାନ୍ ଖାନ୍‌ଙ୍କ ସରକାର ଭାଙ୍ଗିବା ପଛରେ ବିଦେଶୀ ଷଡ଼ଯନ୍ତ୍ର ଅଭିଯୋଗ ଏବଂ 'ଧମକପୂର୍ଣ୍ଣ ଚିଠି' ବାବଦରେ ମଧ ଶେହବାଜ୍ ନିଜ ବକ୍ତବ୍ୟରେ ଉଠାଇଥିଲେ। ସେ କହିଥିଲେ, ମାର୍ଚ୍ଚ ୭ରେ ଉକ୍ତ ଚିଠି ଆସିଥିବା କୁହାଯାଉଛି। କିନ୍ତୁ ଇମ୍ରାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ନିମନ୍ତେ ଏହାର ବହୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ଯଦି ଇମ୍ରାନ୍ ମିଛ କହୁନାହାନ୍ତି ତେବେ ସେ ସର୍ବସାଧାରଣରେ ଉକ୍ତ ଚିଠିକୁ ପ୍ରଦର୍ଶନ କରନ୍ତୁ। ଇମ୍ରାନ୍ ବିଦେଶୀ ଷଡ଼ଯନ୍ତ୍ରର ପ୍ରମାଣ ଦେଲେ ସେ ଇସ୍ତଫା ଦେଇ ଘରକୁ ପଳାଇବେ। ପାର୍ଲାମେଣ୍ଟର ସୁରକ୍ଷା କମିଟି, ସଶସ୍ତ୍ର ବାହିନୀ ଅଧିକାରୀ, ପ୍ରଶାସନ, ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ ମୁଖ୍ୟ, ବହିର୍ବ୍ୟାପାର ସଚିବ ଏବଂ ସମ୍ପୃକ୍ତ ରାଷ୍ଟ୍ରଦୂତଙ୍କ ଏହି ଚିଠି ବାବଦରେ ସୂଚନା ଦିଆଯିବ ବୋଲି ଶେହବାଜ କହିଥିଲେ।

## ଶେହବାଜ୍ ଶରିଫ୍ କିଏ

ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍)ର ଅଧକ୍ଷ ଶେହବାଜ୍ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ଭାଇ। ଶେହବାଜ୍ ପାକିସ୍ତାନ ପଞ୍ଜାବ ପ୍ରଦେଶରେ ୩ ଥର(୧୯୯୭, ୨୦୦୮ ଏବଂ ୨୦୧୩) ତଥା ସବୁଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଛନ୍ତି। ୧୯୯୭ରେ ସେ ପ୍ରଥମ ଥର ପଞ୍ଜାବରେ କ୍ଷମତାକୁ ଆସିଥିଲେ। ହେଲେ ୧୯୯୯ରେ ଜେନେରାଲ ପରଭେଜ୍ ମୁଶରଫ୍ ସେନା ବିଦ୍ରୋହ କରିବା ପରେ ଶେହବାଜ୍‌ଙ୍କୁ ପାକିସ୍ତାନ ଛାଡ଼ିବାକୁ ପଡ଼ିଥିଲା। ସେ ସାଉଦି ଆରବରେ ୮ ବର୍ଷ ରହିଥିଲେ।

୨୦୦୭ରେ ଭାଇ ନୱାଜଙ୍କ ସହ ସେ ପାକିସ୍ତାନ ଫେରିଥିଲେ। ୨୦୦୮ ସାଧାରଣ ନିର୍ବାଚନ ପରେ ଶେହବାଜ୍ ପୁଣି ପଞ୍ଜାବ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୩ରେ ମଧ ସେ ମୁଖ୍ୟମନ୍ତ୍ରୀ ଭାବେ ତୃତୀୟ ପାଳି ପୂରଣ କରିଥିଲେ। ୨୦୧୮ରେ ପିଏମ୍ଏଲ୍-ଏନ୍ ନିର୍ବାଚନରେ ପରାଜିତ ହୋଇଥିଲା। ୨୦୧୮ ନିର୍ବାଚନ ପରେ ସେ ବିରୋଧୀ ଦଳ ନେତା ନିର୍ବାଚିତ ହୋଇଥିଲେ। ୨୦୧୯ ଡିସେମ୍ବରରେ ସେ ଆଇନଗତ ସମସ୍ୟାରେ ପଡ଼ିଥିଲେ। ମନି ଲଣ୍ଡରିଂ ମାମଲାରେ ନ୍ୟାଶନାଲ ଆକାଉଣ୍ଟାବିଲିଟି ବ୍ୟୁରୋ (ଏନ୍ଏବି) ଶେହବାଜ ଓ ତାଙ୍କ ପୁଅଙ୍କ ୨୩ ସମ୍ପତ୍ତି ବାଜ୍ୟାପ୍ତ କରିଥିଲା। ୨୦୨୦ ସେପ୍ଟେମ୍ବର ୨୮ରେ ଏନ୍ଏବି ତାଙ୍କୁ ଗିରଫ କରିଥିଲା। ୨୦୨୧ ଏପ୍ରିଲରେ ଲାହୋର ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ।

## ପଞ୍ଜାବରେ ପୈତୃକ ଗାଁ

ଭାରତର ପଞ୍ଜାବ ପ୍ରଦେଶ ସହ ଶେହବାଜ୍ ଶରିଫ୍‌ଙ୍କ ସଂଯୋଗ ରହିଛି। ଅମୃତସର ନିକଟ ଜତି ଉମ୍‌ରା ଗ୍ରାମ ଶେହବାଜ୍ ଓ ଭାଇ ନୱାଜ ଶରିଫ୍‌ଙ୍କ ପୈତୃକ ଗାଁ। ଶେହବାଜ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ହେବାପରେ ସେଠାରେ ଉତ୍ସବର ମାହୋଲ ଖେଳିଛି। ଭାରତ-ପାକିସ୍ତାନ ଅଲଗା ହେବା ପୂର୍ବରୁ ୧୯୩୨ରେ ଶରିଫ୍‌ଙ୍କ ପରିବାର ଲାହୋର ପଳାଇଥିଲେ। ୨୦୧୩ରେ ଶେହବାଜ୍ ତାଙ୍କ ପୈତୃକ ଗ୍ରାମ ପରିଦର୍ଶନରେ ଆସିବା ସହ ପାକିସ୍ତାନର ପଞ୍ଜାବ ପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ସେ କେତେକ ପ୍ରକଳ୍ପ ଆରମ୍ଭ କରିଥିଲେ। ଦୁବାଇରେ ଥିବା ତାଙ୍କ କାରଖାନାରେ ନିଜ ଗାଁର ଲୋକଙ୍କୁ ମଧ ସେ କାମ ଦେଇଛନ୍ତି। ଶେହବାଜ ପ୍ରଧାନମନ୍ତ୍ରୀ ହେବା ପରେ ଗାଁ ଲୋକେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏପରି କି ଗ୍ରାମବାସୀ ସ୍ଥାନୀୟ ଗୁରୁଦ୍ୱାରଠାରେ ପ୍ରାର୍ଥନା କରିଛନ୍ତି।

## ନୱାଜଙ୍କୁ ପ୍ରଧାନମନ୍ତ୍ରୀ କହିଲେ ବାଚସ୍ପତି

**ମେ'ରେ ପାକିସ୍ତାନ ଫେରିବେ**



ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିରେ ଶେହବାଜ ଶରିଫ୍ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ବାଚସ୍ପତି ଆୟାଜ୍ ସାଦିକ୍ ଭୁଲ୍‌ରେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ ନାଁ ନେଇଥିଲେ। ପରେ ବାଚସ୍ପତି ଏଥିପାଇଁ ଭୁଲ୍ ମାଗିବା ସହ ପିଏମ୍ଏଲ୍-ଏନ୍ ସୁପ୍ରିମୋଙ୍କ ନାଁ ସର୍ବଦା ତାଙ୍କ ମନ ଏବଂ ହୃଦୟରେ ଅଛି ବୋଲି କହିଥିଲେ। ପିଏମ୍ଏଲ୍-ଏନ୍ ସଦସ୍ୟ ଏବଂ ଦଳ ଉପାଧକ୍ଷା ମରିୟମ୍ ନୱାଜ୍ ପାର୍ଲାମେଣ୍ଟରେ ନୱାଜ୍ ଶରିଫ୍‌ଙ୍କ ଛବି ଦେଖାଇ ଶେହବାଜ୍‌ଙ୍କୁ ସମର୍ଥନ କରିଥିଲେ। ଅନ୍ୟପକ୍ଷରେ ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ଆସନ୍ତା ମାସରେ ଇଦ୍ ପରେ ଲଣ୍ଡନରୁ ପାକିସ୍ତାନ ଫେରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ପାନାମା ପେପର୍ସରେ ତାଙ୍କ ନାଁ ସାମ୍ନାକୁ ଆସିବା ପରେ ନୱାଜ୍‌ଙ୍କ ନାମରେ ଏକାଧିକ ଦୁର୍ନୀତି ମାମଲା ରୁଜୁ ହୋଇଥିଲା। ୨୦୧୭ ଜୁଲାଇରେ ସେ ଗାଦିଚ୍ୟୁତ ହୋଇଥିଲେ। ୨୦୧୯ ନଭେମ୍ବରରେ ଶରିଫ୍ ଚିକିତ୍ସା ପାଇଁ ଲାହୋର ହାଇକୋର୍ଟଙ୍କ ଅନୁମତି କ୍ରମେ ଲଣ୍ଡନ ଯାଇଥିଲେ।

## ଏବିଭିପି ସଦସ୍ୟଙ୍କ ଗିରଫ ଦାବିରେ ବିକ୍ଷୋଭ




ନୂଆଦିଲ୍ଲୀ, ୧୧।୪

**ଜେଏନ୍‌ୟୁ ହିଂସା**

ରାମ ନବମୀରେ ଆମିଷ ଭୋଜନକୁ କେନ୍ଦ୍ର କରି ଦିଲ୍ଲୀ ଜେଏନ୍‌ୟୁ ୟୁନିଭର୍ସିଟିରେ ରକ୍ତାକ୍ତ ସଂଘର୍ଷ ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସଦସ୍ୟଙ୍କୁ ଗିରଫ ପାଇଁ ସର୍ବଭାରତୀୟ ଛାତ୍ର ସଙ୍ଗଠନ (ଏଆଇଏସ୍ଏ) ଦାବି କରିଛି। ଏ ନେଇ ଏଆଇଏସ୍ଏର ଜେଏନ୍‌ୟୁ ଶାଖା ପକ୍ଷରୁ ସୋମବାର ଦିଲ୍ଲୀ ପୋଲିସ ମୁଖ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଥିବା କାଭେରୀ ହଷ୍ଟେଲରେ ରାମନବମୀ ଉତ୍ସବ ପାଳନ ଓ ଆମିଷ ଭୋଜନକୁ ନେଇ ରବିବାର ଅପରାହ୍ନରେ ଆଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏବଂ ବାମପନ୍ଥୀ ଛାତ୍ର ସଙ୍ଗଠନ ମଧରେ ସଂଘର୍ଷ ହୋଇଥିଲା। ଏଥିରେ ପ୍ରାୟ ୫୦ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ନିଜ ଖାଦ୍ୟ ପସନ୍ଦକୁ ଏବିଭିପି ଜବରଦସ୍ତି ଅନ୍ୟମାନଙ୍କ ପାଇଁ ଲାଗୁ କରିବାକୁ ଚେଷ୍ଟା କରୁଥିବା ବାମପନ୍ଥୀ ଛାତ୍ର ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଏବିଭିପି ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ କରିଥିବା କେତେଜଣ ଏଆଇଏସ୍ଏ କର୍ମୀଙ୍କୁ ପୋଲିସ ଅଟକ ରଖିଛି। ଅପରପକ୍ଷେ କେତେଜଣ ଏବିଭିପି ସଦସ୍ୟଙ୍କ ନାମରେ ସୋମବାର ମାମଲା ରୁଜୁ କରାଯାଇଛି।

ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ହିଂସାକାଣ୍ଡକୁ ବରଦାସ୍ତ କରାଯିବ ନାହିଁ ବୋଲି ୟୁନିଭର୍ସିଟି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାସହ ଆମିଷ ଖାଦ୍ୟ ପରଷା ଯିବାରେ କୌଣସି କଟକଣା ଲଗାଯାଇ ନ ଥିବା ସ୍ପଷ୍ଟ କରାଯାଇଛି। ଏଭଳି ଘଟଣାରେ ୟୁନିଭର୍ସିଟି ପ୍ରଶାସନର କୌଣସି ସମ୍ପୃକ୍ତି ନାହିଁ ବୋଲି ଏକ ବିବୃତିରେ କୁହାଯାଇଛି।

## ପେନ୍‌ସନ ଅର୍ଥରେ ମନ୍ଦିର ତୋଳିଲେ ମୁସଲମାନ ବ୍ୟକ୍ତି

ଚାମରାଜନଗର, ୧୧।୪ (ଆଇଏଏନ୍ଏସ୍)



କର୍ନାଟକରେ କିଛି ମାସ ହେଲା ସାମ୍ପ୍ରଦାୟିକ ଉତ୍ତେଜନା ଲାଗି ରହିଥିବାବେଳେ ଚାମରାଜନଗର ଜିଲାରେ ଜଣେ ମୁସଲମାନ ନିଜ ପେନ୍‌ସନ ଅର୍ଥରେ ମନ୍ଦିର ନିର୍ମାଣ କରି ରାଜ୍ୟବାସୀଙ୍କ ହୃଦୟ ଜିତିପାରିଛନ୍ତି। ପି. ରହମନ ନାମକ ଏହି ବ୍ୟକ୍ତି ଚିକ୍କାହୋଲ୍ ଜଳଭଣ୍ଡାରରେ କାର୍ଯ୍ୟ କରନ୍ତି। ସେ ନିଜ ପେନ୍‌ସନ ଅର୍ଥ ଖର୍ଚ୍ଚ କରି ଜଳଭଣ୍ଡାର ନିକଟରେ ଏକ ଗଣେଶ ମନ୍ଦିର ନିର୍ମାଣ କରିଛନ୍ତି। ତାଙ୍କର ଏହି ମହତ କାର୍ଯ୍ୟକୁ ସାରା ରାଜ୍ୟରେ ପ୍ରଶଂସା କରାଯାଉଛି। ମନ୍ଦିର ତୋଳିବା ଲାଗି ତାଙ୍କୁ ଦୈବୀବାଣୀ ହୋଇଥିଲା। ଏହା ତାଙ୍କର ଜୀବନବ୍ୟାପୀ ଅଭିଜ୍ଞତା, ଯାହା ମନେପଡ଼ିଲେ, ଆଖିକୁ ଲୁହ ଆସିଯାଇଥାଏ ବୋଲି ସେ କହିଛନ୍ତି।

ରହମନ କେବଳ ମନ୍ଦିର ନିର୍ମାଣ କରିନାହାନ୍ତି, ସେଠାରେ ଜଣେ ପୂଜକଙ୍କୁ ନିଯୁକ୍ତ କରିଛନ୍ତି। ତାଙ୍କୁ ପ୍ରତି ମାସରେ ୪,୦୦୦ ଟଙ୍କା ପାରିଶ୍ରମିକ ଦେଇଥାନ୍ତି ରହମନ। ଏହା ବ୍ୟତୀତ ପ୍ରତି ସୋମବାର ଓ ଶୁକ୍ରବାର ସେ ମନ୍ଦିର ପାଇଁ ଫୁଲ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଆୟୋଜନ କରିଥାନ୍ତି। ପୂଜାରେ ସାମିଲ ହୋଇଥିବା ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କୁ ସେ ପ୍ରସାଦ ବଣ୍ଟନ କରିଥାନ୍ତି। ନିକଟରେ ଦୁଇ ସମ୍ପ୍ରଦାୟ ମଧରେ ଦେଖାଦେଇଥିବା ଉତ୍ତେଜନା ସମ୍ପର୍କରେ ପ୍ରଶ୍ନ ହେବାରୁ ଲୋକେ କାହିଁକି ଏଭଳି ହୁଅନ୍ତି, ତାହା ସେ ବୁଝିପାରନ୍ତି ନାହିଁ ବୋଲି କହିଛନ୍ତି। ସମସ୍ତଙ୍କ ରକ୍ତ ସମାନ, ମଣିଷ ମଧରେ କୌଣସି ଭିନ୍ନତା ନାହିଁ ବୋଲି ରହମନ କହିଛନ୍ତି।

## ଫୁସ୍‌ଫୁସ୍‌ରୁ ବାହାରିଲା ଦାନ୍ତ

ମୁମ୍ବାଇ, ୧୧।୪

ମୁମ୍ବାଇର ଏକ ହସ୍ପିଟାଲରେ ଡାକ୍ତର ଅସ୍ତ୍ରୋପଚାର କରି ଜଣେ ୬ ବର୍ଷୀୟ ବାଳକଙ୍କ ଫୁସ୍‌ଫୁସ୍‌ରୁ ଦାନ୍ତ ବାହାର କରିଛନ୍ତି। ବାଳକ ଜଣକ ଭୁଲ୍‌ରେ ଦାନ୍ତକୁ ଗିଳି ଦେଇଥିଲେ। ପରେ ସେ ଖାଦ୍ୟ ଖାଇବାରେ କଷ୍ଟ ଅନୁଭବ କରିବା ସହ ନିଶ୍ୱାସ ପ୍ରଶ୍ୱାସ ନେଇ ପାରି ନ ଥିଲେ। ପରିବାର ଲୋକେ ତାଙ୍କୁ ୱକ୍‌ହାର୍ଡତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରେଡିଓଲୋଜି ପରେ ତାଙ୍କ ଡାହାଣ ବ୍ରୋଙ୍କସ୍‌ରେ ଦାନ୍ତ ଫସିଥିବା ଜଣାପଡ଼ିଥିଲା। ଫଳରେ ତୁରନ୍ତ ତାଙ୍କ ଅସ୍ତ୍ରୋପଚାର କରାଯାଇ ଦାନ୍ତକୁ ବାହାର କରାଯାଇଥିଲା। ଗତ ମାର୍ଚ୍ଚରେ ତାମିଲନାଡୁରେ ଜଣେ ମହିଳାଙ୍କ ବ୍ରଶ୍ କରୁଥିବା ସମୟରେ ବାଥ୍‌ରୁମ୍‌ରେ ଖସିପଡ଼ିଥିଲେ। ଫଳରେ ତାଙ୍କ ପାଟିରେ ଟୁଥ୍‌ବ୍ରଶ ଲାଖି ଯାଇଥିଲା। ଡାକ୍ତରଖାନାକୁ ଯିବାପରେ ମହିଳାଙ୍କ କ୍ୟାଭିଟିରେ ବ୍ରଶ୍‌ଟି ଗଳିଯାଇଥିବା ଡାକ୍ତର ଦେଖିବାକୁ ପାଇଥିଲେ। ପରେ ତାହାକୁ ସର୍ଜରୀ ମାଧମରେ କଢ଼ା ଯାଇଥିଲା।

# ୪ ରାଜ୍ୟରେ ସାମ୍ପ୍ରଦାୟିକ ସଂଘର୍ଷ

ନୂଆଦିଲ୍ଲୀ,୧୧।୪

- ରାମନବମୀ ଶୋଭାଯାତ୍ରା ବେଳେ ବହୁ ଆହତ
- ୧୪୪ ଧାରା ଜାରି

ରାମନବମୀ ଉତ୍ସବ ପାଳନ ବେଳେ ରବିବାର ଗୁଜରାଟ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାତ୍ମକ ସାମ୍ପ୍ରଦାୟିକ ସଂଘର୍ଷ ଘଟିଛି। ଏଥିରେ ଅନେକେ ଆହତ ହୋଇଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ୧୪୪ ଧାରା ଜାରି ସହ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ମଧ୍ୟପ୍ରଦେଶର ଖାର୍‌ଗୋନ୍ ଅନ୍ତର୍ଗତ କେତେକ ସ୍ଥାନରେ ରାମନବମୀ ଶୋଭାଯାତ୍ରା ବେଳେ ହିଂସାକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ୧୦ରୁ ଊର୍ଦ୍ଧ୍ୱ ଘର ଜାଳିଦେଇଥିବାବେଳେ ସଂଘର୍ଷରେ ଏସ୍ପି ସିଦ୍ଧାର୍ଥ ଚୌଧରୀଙ୍କ ସମେତ ଦୁଇ ଡଜନରୁ ଅଧିକ ଲୋକ ଆହତ ହୋଇଛନ୍ତି। ଫଳରେ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି। ଶୋଭାଯାତ୍ରାରେ ବାଜୁଥିବା ଉତ୍ତେଜନାପୂର୍ଣ୍ଣ ଗୀତକୁ ବିରୋଧ କରିବାରୁ ବିବାଦ ସୃଷ୍ଟି ହୋଇଥିଲା। ଲୋକେ ମସ୍‌ଜିଦ ଓ ଘର ଉପରକୁ ଟେକା ଫିଙ୍ଗିଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଏହି ଘଟଣାରେ ୭୭ ଜଣଙ୍କୁ ଗିରଫ କରାଯାଇଛି।

ସେହିପରି ଗୁଜରାଟର ହିମ୍ମତନଗର ଏବଂ ଖମ୍ଭାତ ସହରରେ ଦୁଇ ସମ୍ପ୍ରଦାୟ ମଧରେ ସଂଘର୍ଷ ଦେଖାଦେବାରୁ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ହିମ୍ମତନଗର ସହରର ଛପରିୟାଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ଦୁଇ ସମ୍ପ୍ରଦାୟର ଲୋକେ ପରସ୍ପର ଉପରକୁ ଢେଲାମାଡ଼ କରିଥିଲେ। ସେହିପରି ଆନନ୍ଦ ଜିଲାର ଖମ୍ଭାତ ସହରରେ ଶୋଭାଯାତ୍ରା ବେଳେ ଟେକାମାଡ଼ ସହ ଦୋକାନ ଓ ଗାଡ଼ି ଭଙ୍ଗାରୁଜା ହୋଇଥିଲା। ଝାଡ଼ଖଣ୍ଡର ଲୋହାରଡାଗା ଜିଲାର ହିର୍‌ହି ଗ୍ରାମରେ ଉତ୍ତେଜନା ବେଳେ ୮ ଜଣ ଆହତ ହୋଇଛନ୍ତି। ସେଠାରେ ୧୪୪ ଧାରା ଜାରି ହେବା ସହ ଧର୍ମୀୟ ସମାବେଶ ଓ ଶୋଭାଯାତ୍ରାକୁ ନିଷେଧ କରାଯାଇଛି। ସେହିପରି ବୋକାରୋ ଜିଲାର ବେର୍ମୋ ଅଞ୍ଚଳରେ ଶୋଭାଯାତ୍ରା ବେଳେ ହିଂସାକାଣ୍ଡ ଘଟିଛି। ପଶ୍ଚିମବଙ୍ଗର ଶିବପୁର ଅଞ୍ଚଳରେ ଏକ ରାଲିରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ଉତ୍ତେଜନାପୂର୍ଣ୍ଣ ଭାଷଣକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଥିଲା। ପଞ୍ଚଶୀଳ ଆପାର୍ଟମେଣ୍ଟ ନିକଟରେ ଦୁଇ ସମ୍ପ୍ରଦାୟର ଲୋକେ ପରସ୍ପରକୁ ଢେଲାମାଡ଼ କରିଥିଲେ। ମୁଲ୍ଲିକ ଫାଟକ ଓ ଫକୀର ବଜାରରେ ଶୋଭାଯାତ୍ରା ବେଳେ ପୋଲିସ କର୍ମଚାରଙ୍କ ସହ କେତେଜଣ ଆହତ ହୋଇଛନ୍ତି।

# ୟୁକ୍ରେନ୍‌ରେ ନାଗରିକ ସୁରକ୍ଷାକୁ ଗୁରୁତ୍ୱ

ନୂଆଦିଲ୍ଲୀ,୧୧।୪

**ବାଇଡେନ୍-ମୋଦି ଭର୍ଚୁଆଲ ଆଲୋଚନା**





ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ସୋମବାର ୪୭ ଦିନରେ ପହଞ୍ଚିଥିବାବେଳେ ପ୍ରଥମ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମଧରେ ଭର୍ଚୁଆଲ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ୟୁକ୍ରେନ୍ ଜନସାଧାରଣଙ୍କ ସୁରକ୍ଷା ଏବଂ ସେମାନଙ୍କ ପାଇଁ ନିରବଚ୍ଛିନ୍ନ ମାନବୀୟ ସହାୟତା ପ୍ରେରଣ ଉପରେ ଭାରତ ଗୁରୁତ୍ୱ ଦେଇଛି। ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ୍‌କୁ ଭାରତ ଔଷଧ ଓ ରିଲିଫ ସହାୟତା ଯୋଗାଇ ଦେଉଛି। ରୁଷିଆ ୟୁକ୍ରେନ୍ ମଧରେ ଚାଲିଥିବା ଆଲୋଚନା ଶାନ୍ତି ଫେରାଇ ଆଣିବା ନେଇ ଭାରତ ଆଶାବାଦୀ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବୁଚା ସହରରେ ନିରୀହ ଲୋକଙ୍କୁ ହତ୍ୟା କରାଯିବା ଘଟଣାକୁ ଭାରତ ତୁରନ୍ତ ନିନ୍ଦା କରିବା ସହ ଏହାର ଉପଯୁକ୍ତ ତଦନ୍ତ ଦାବି କରିଥିଲା ବୋଲି ଭର୍ଚୁଆଲ ଆଲୋଚନା ବେଳେ ମୋଦି ବାଇଡେନ୍‌ଙ୍କୁ କହିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ୱାଶିଂଟନ ଯାଇଥିବାବେଳେ ଭାରତ-ଆମେରିକା ସହଭାଗିତା ଅନେକ ବିଶ୍ୱିକ ସମସ୍ୟାର ସମାଧାନ କରିପାରିବ ବୋଲି ସେତେବେଳେ ବାଇଡେନ୍ କହିଥିଲେ। ତାଙ୍କର ଏହି ଉକ୍ତିରେ ସମ୍ପୂର୍ଣ୍ଣ ସହମତ ବୋଲି ମୋଦି କହିବା ସହ ବିଶ୍ୱର ବୃହତ ଓ ସର୍ବପୁରାତନ ଗଣତନ୍ତ୍ର ସ୍ୱାଭାବିକ ବନ୍ଧୁ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ରୁଷିଆରୁ ଭାରତ ତେଲ କିଣିବା ନିଷ୍ପତ୍ତି ସମେତ ୟୁକ୍ରେନ୍ ସଙ୍କଟ ବେଳେ ନୂଆଦିଲ୍ଲୀର ଆଭିମୁଖ୍ୟକୁ ନେଇ ୱାଶିଂଟନ ଅସନ୍ତୋଷ ବ୍ୟକ୍ତ କରିଆସିଛି। ଯୁଦ୍ଧକୁ ନେଇ ଭାରତର ପ୍ରତିକ୍ରିୟା ସମ୍ପର୍କରେ ମୋଦି କହିଥିଲେ, ସେ ଅନେକ ଥର ରୁଷିଆ ଓ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ଓ ଶାନ୍ତି ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ସିଧାସଳଖ କଥା ହେବା ପାଇଁ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ପରାମର୍ଶ ଦେଇଥିଲେ ବୋଲି ଭର୍ଚୁଆଲ ବୈଠକରେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୯୧,୭୦,୮୨୩ | ୬୨,୦୪,୦୯୨ | ୪୪,୮୯,୦୪,୧୧୫ |
| ଭାରତ | ୪,୩୦,୩୬,୧୩୨ | ୫,୨୧,୭୨୨ | ୪,୨୫,୦୩,୩୮୩ |
| ଓଡ଼ିଶା | ୧୨,୮୭,୮୫୪ | ୯୧୨୧(+୫୩) | ୧୨,୭୮,୫୩୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଶକ୍ତି ଓ ଜଳବାୟୁ ସୂଚକାଙ୍କ: ର୍‍ୟାଙ୍କ ୨୨ରେ ଓଡ଼ିଶା

ନୂଆଦିଲ୍ଲୀ,୧୧।୪

ନୀତି ଆୟୋଗ ପକ୍ଷରୁ ସୋମବାର ରାଜ୍ୟ ଶକ୍ତି ଓ ଜଳବାୟୁ ସୂଚକାଙ୍କ- ରାଉଣ୍ଡ ୧ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ସାମଗ୍ରିକ ର୍‍ୟାଙ୍କିଙ୍ଗ୍ ତାଲିକାରେ ଓଡ଼ିଶା ୨୨ ନମ୍ବର ସ୍ଥାନରେ ରହିଛି। ସେହିପରି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ୨୦ଟି ବଡ଼ ରାଜ୍ୟ, ୮ଟି ଛୋଟ ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୩ ପୃଥକ୍ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବଡ଼ ରାଜ୍ୟଗୁଡ଼ିକର ର୍‍ୟାଙ୍କିଙ୍ଗ୍ ତାଲିକାରେ ଓଡ଼ିଶା ୩୭.୧ ସ୍କୋର ସହ ୧୬ ନମ୍ବର ସ୍ଥାନରେ ଥିବାବେଳେ ଗୁଜରାଟ ୫୦.୧ ସ୍କୋର ସହ ଶୀର୍ଷରେ ରହିଛି। ଗୁଜରାଟ ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ କେରଳ(୪୯.୧) ଏବଂ ପଞ୍ଜାବ (୪୮.୬) ରହିଛି। ସେହିପରି ତାଲିକାରେ ତଳ ସ୍ଥାନ ତଥା ୨୦, ୧୯, ୧୮ ଓ ୧୭ ନମ୍ବରରେ ଯଥାକ୍ରମେ ଛତିଶଗଡ଼(୩୧.୭), ମଧ୍ୟପ୍ରଦେଶ(୩୨.୬), ଝାଡ଼ଖଣ୍ଡ (୩୫.୨) ଓ ରାଜସ୍ଥାନ (୩୫.୪) ରହିଛି। ସାମଗ୍ରିକ ର୍‍ୟାଙ୍କିଙ୍ଗ କ୍ଷେତ୍ରରେ ଗୁଜରାଟ ୫ ନମ୍ବର ସ୍ଥାନରେ ରହିଥିବାବେଳେ ଚଣ୍ଡୀଗଡ଼ ଶୀର୍ଷରେ ରହିଛି।

ରାଜ୍ୟ ଶକ୍ତି ଓ ଜଳବାୟୁ ସୂଚକାଙ୍କ ୬ଟି ମାପଦଣ୍ଡ ଉପରେ ଆଧାରିତ। ସେଗୁଡ଼ିକ ହେଲା ୧- ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର (ଡିସ୍‌କମ୍) ପ୍ରଦର୍ଶନ, ୨- ଶକ୍ତି ପାଇବାର ସହଜସାଧ୍ୟ ବ୍ୟବସ୍ଥା, ସୁଲଭତା ଏବଂ ନିର୍ଭରଯୋଗ୍ୟତା, ୩- ସ୍ୱଚ୍ଛ ଶକ୍ତି ବା ଅକ୍ଷୟ ଶକ୍ତି କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ, ୪- ଶକ୍ତି ଦକ୍ଷତା, ୫- ପରିବେଶଗତ ନିରନ୍ତରତା ଏବଂ ୬- ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ନୂଆ ପଦକ୍ଷେପ। ଏହି ୬ଟି ମାପଦଣ୍ଡ ମୋଟ ୨୭ଟି ବିଷୟ ଉପରେ ଆଧାରିତ ହୋଇଛି।

ଉପରୋକ୍ତ ୬ଟି ମାପଦଣ୍ଡ ମଧ୍ୟରୁ ବିଦ୍ୟୁତ୍ ବିତରଣ କମ୍ପାନୀର ପ୍ରଦର୍ଶନ ୯ ବିଷୟକୁ ନେଇ ଆକଳନ କରାଯାଇଥିବାବେଳେ ଏ କ୍ଷେତ୍ରରେ ଓଡ଼ିଶା ମୋଟ ୫୯ ସ୍କୋର ପାଇ ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ୧୦ମ ସ୍ଥାନରେ ରହିଛି। ପଞ୍ଜାବ(୭୭.୧) ଏହି କ୍ଷେତ୍ରରେ ଶୀର୍ଷରେ ରହିଛି। କିନ୍ତୁ ଓଡ଼ିଶା ଦ୍ୱିତୀୟ ମାପଦଣ୍ଡ ଅର୍ଥାତ୍ ଶକ୍ତି ପାଇବାର ସହଜସାଧ୍ୟ ବ୍ୟବସ୍ଥା, ସୁଲଭତା ଏବଂ ନିର୍ଭରଯୋଗ୍ୟତା କ୍ଷେତ୍ରରେ ୫୭.୪ ସ୍କୋର ହାସଲ କରି ତୃତୀୟ ସ୍ଥାନରେ ରହିଛି। ଏହି ମାପଦଣ୍ଡର ଶୀର୍ଷରେ ରହିଛି କେରଳ (୬୭.୩)। ୩ୟ ମାପଦଣ୍ଡ କ୍ଷେତ୍ରରେ ହରିୟାଣା ୪୨.୯ ସ୍କୋର ସହ ଶୀର୍ଷରେ ରହିଥିବାବେଳେ ଓଡ଼ିଶା ୪.୮ ସ୍କୋର ସହ ୧୭ ନମ୍ବର ସ୍ଥାନରେ ରହିଛି। ୪ର୍ଥ ମାପଦଣ୍ଡରେ ଓଡ଼ିଶା(୨୧.୮)ର ସ୍ଥାନ ୧୫ରେ ରହିଥିବାବେଳେ ତାମିଲନାଡୁ (୮୫.୪) ଶୀର୍ଷରେ ରହିଛି। ପରିବେଶଗତ ନିରନ୍ତରତା ଭଳି ଗୁରୁତ୍ୱପୂର୍ଣ୍ଣ ମାପଦଣ୍ଡ(୫) କ୍ଷେତ୍ରରେ ଓଡ଼ିଶା ୨୨.୬ ସ୍କୋର ସହ ୧୮ ନମ୍ବର ସ୍ଥାନରେ ରହିଛି। ଏ କ୍ଷେତ୍ରରେ ସର୍ବାଗ୍ରେ ରହିଛି ହିମାଚଳ ପ୍ରଦେଶ(୫୨.୧)। ସେହିପରି ୬ଷ୍ଠ ମାପଦଣ୍ଡ ତଥା ନୂଆ ପଦକ୍ଷେପ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଭଲ ନାହିଁ। ବୈଦ୍ୟୁତିକ ଯାନ (ଇଭି) ଅନ୍ତଃପ୍ରବେଶ, ଇଭି ପାଇଁ ଚାର୍ଜ ଭିତ୍ତିଭୂମି ଉପଲବ୍ଧତା ଓ ଗ୍ରାହକଙ୍କ ତୁଳନାରେ ସ୍ମାର୍ଟମିଟର ବ୍ୟବସ୍ଥା ଭଳି ୩ଟି ବିଷୟକୁ ନେଇ ଏହି ମାପଦଣ୍ଡ ଆଧାରିତ। କିନ୍ତୁ ଏ କ୍ଷେତ୍ରରେ ମାତ୍ର ୦.୯ ସ୍କୋର ସହ ଓଡ଼ିଶା ୧୮ ନମ୍ବର ସ୍ଥାନରେ ରହିଥିବାବଳେ ୩୮.୧ ସ୍କୋର ସହ ହିମାଚଳ ପ୍ରଦେଶ ଶୀର୍ଷରେ ରହିଛି।

ଛୋଟ ରାଜ୍ୟ ର୍‍ୟାଙ୍କିଙ୍ଗ୍ ତାଲିକାରେ ଗୋଆ(୫୧.୪) ଶୀର୍ଷରେ ଏବଂ ଅରୁଣାଚଳ ପ୍ରଦେଶ(୨୭) ସବା ତଳେ ଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ର୍‍ୟାଙ୍କିଙ୍ଗ୍ ତାଲିକାରେ ଚଣ୍ଡୀଗଡ଼ (୫୫.୭) ଶୀର୍ଷରେ ଏବଂ ଲାକ୍ଷାଦ୍ୱୀପ (୨୬.୯) ତଳସ୍ଥାନରେ ରହିଛି। ସେହିପରି ବଡ଼ ରାଜ୍ୟଗୁଡ଼ିକର ର୍‍ୟାଙ୍କିଙ୍ଗ୍ ତାଲିକାର ୪ରୁ ୧୫ ନମ୍ବର ଯାଏ ହରିୟାଣା (୪୭.୯), ଉତ୍ତରାଖଣ୍ଡ (୪୬.୫), ମହାରାଷ୍ଟ୍ର (୪୬), ହିମାଚଳ ପ୍ରଦେଶ (୪୫.୪), କର୍ଣ୍ଣାଟକ (୪୩.୮), ତାମିଲନାଡୁ (୪୩.୪), ଆସାମ (୪୨.୬), ତେଲଙ୍ଗାନା (୪୧.୯), ଆନ୍ଧ୍ରପ୍ରଦେଶ (୪୧.୬), ଉତ୍ତରପ୍ରଦେଶ (୪୧), ପଶ୍ଚିମବଙ୍ଗ (୩୮.୯) ଓ ବିହାର(୩୮.୩) ରହିଛି।

# ରାଜ୍ୟର ୭ ସହର ଅତି ପ୍ରଦୂଷିତ

- ରାମ୍‌କୋ ଅଞ୍ଚଳ ତାଲିକାରୁ ବାଦ୍
- ଆଜି କୋର୍ଟରେ ହାଜର ହେବେ ରାମ୍‌କୋ କର୍ତ୍ତୃପକ୍ଷ
- ଜାଣିଶୁଣି ଦିଆଯାଉଛି ସୁରକ୍ଷା
- ଅତିଷ୍ଠ, ନୟାନ୍ତ ହେଲେଣି ପ୍ରଦୂଷିତ ଅଞ୍ଚଳବାସୀ

ଯାଜପୁର ଅଫିସ,୧୧।୪

ବାୟୁରେ ପ୍ରଦୂଷଣର ମାତ୍ର ଜାଣିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଦ୍ୱାରା ରାଜ୍ୟର ୧୭ ସହରରେ ନିୟମିତ ବାୟୁ ପରୀକ୍ଷଣ କରାଯାଉଛି। ଏହି କ୍ରମରେ ଯାଜପୁରରୋଡ-କଳିଙ୍ଗନଗର, କଟକ, ଭୁବନେଶ୍ୱର, ଅନୁଗୋଳ, ତାଳଚେର, ରାଉରକେଲା ଓ ବାଲେଶ୍ୱରକୁ ଅତି ପ୍ରଦୂଷିତ ସହର ବା ନନ୍-ଆଟେନ୍‌ମେଣ୍ଟ ସିଟି ଭାବେ ଚିହ୍ନଟ କରାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ବଜେଟ୍ ଅଧିବେଶନରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏସ୍‌ପିସିବିର ରିପୋର୍ଟ ଆଧାରରେ ଏହା ଦର୍ଶାଇଛନ୍ତି। କିନ୍ତୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରଠାରେ ଥିବା ସିମେଣ୍ଟ କାରଖାନା ଦ୍ୱାରା ପ୍ରଭାବିତ ଅଞ୍ଚଳକୁ ଏଥିରେ ବାଦ୍ ଦିଆଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗକୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ସ୍ୱୀକାର କରି ଦୁଇ ରାମ୍‌କୋ ଅଧିକାରୀଙ୍କୁ ଜବାବ ତଲବ୍ କରି ସାରିଛନ୍ତି। ରାମ୍‌କୋ ସିମେଣ୍ଟ କାରଖାନାର ଉତ୍କଟ ପ୍ରଦୂଷଣକୁ ଲୁଚାଇ ଏସ୍‌ପିସିବି କର୍ତ୍ତୃପକ୍ଷ କେବଳ ସହଯୋଗୀ ହୋଇନାହାନ୍ତି ବରଂ ସାଧାରଣ ଲୋକଙ୍କ ଜୀବନ ପ୍ରତି ଖେଳ ଖେଳୁଛନ୍ତି ବୋଲି ମତପ୍ରକାଶ ପାଇଛି।

ମନ୍ତ୍ରୀ ଆରୁଖ ତାଙ୍କ ରିପୋର୍ଟରେ ଆହୁରି ଦର୍ଶାଇଛନ୍ତି, ଉପରୋକ୍ତ ସହରଗୁଡ଼ିକରେ ବାୟୁ ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବା ପାଇଁ ଏକ ବିସ୍ତୃତ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହି ଆକ୍ସନ ପ୍ଲାନ୍ ଅନୁଯାୟୀ ପ୍ରଦୂଷିତ ସହରଗୁଡ଼ିକରେ ପ୍ରଦୂଷଣର ଉତ୍ସ ଓ କାରଣ ଠିକ୍ ଜାଣିବା ପାଇଁ ସୋର୍ସ ଆପୋର୍ସନମେଣ୍ଟ ଷ୍ଟଡି ବା ଉତ୍ସ ବିଭାଜନ ଅଧ୍ୟୟନ କରାଯାଉଛି। ଏହି ଅଧ୍ୟୟନ ଦ୍ୱାରା ବିଭିନ୍ନ ପ୍ରଦୂଷଣ ଉତ୍ସ ଯଥା କଳକାରଖାନା, ଯାନବାହନ, ନିର୍ମାଣ ଜନିତ କାର୍ଯ୍ୟ ଆଦିରୁ ପ୍ରଦୂଷଣ ମାତ୍ରାର ଆନୁପାତିକ ପରିସଂଖ୍ୟାନ ମିଳିପାରିବ। ଏହାପରେ ରିପୋର୍ଟଗୁଡ଼ିକର ନିଷ୍କର୍ଷ ଓ ସୁପାରିସ ଅନୁଯାୟୀ ପଦକ୍ଷେପ ନିଆଯାଇ ପାରିବ ବୋଲି ମନ୍ତ୍ରୀ ଆରୁଖ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ରାଜ୍ୟରେ ପ୍ରଦୂଷଣ ରିପୋର୍ଟ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇ ଆସୁଛି। ଏହାର ଜ୍ୱଳନ୍ତ ଉଦାହରଣ ଯାଜପୁରରେ ଜଳଜଳ ହୋଇ ଦିଶୁଛି। ପ୍ରଥମରେ ରାମ୍‌କୋ ସିମେଣ୍ଟ କାରଖାନାରୁ ନିର୍ଗତ ସିମେଣ୍ଟ ଗୁଣ୍ଡ ଓ ବିଷାକ୍ତ ବାୟୁ ପ୍ରଦୂଷଣ ଅଣାୟତ ହୋଇଛି। ଏନେଇ ସ୍ଥାନୀୟ ପ୍ରଭାବିତ ଲୋକେ ଅତିଷ୍ଠ ହୋଇ ମାର୍ଚ୍ଚ ୨୪ରେ ଆବଶ୍ୟକ କାଗଜପତ୍ର ସହ ରାମ୍‌କୋର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଓ ପବ୍ଲିକ ରିଲେଶନ ଅଫିସର(ପିଆର୍‌ଓ)ଙ୍କ ବିରୋଧରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ୨୮।୩।୨୦୨୨ରେ ଏହାର ଶୁଣାଣି କରି ଉପରୋକ୍ତ ଅଧିକାରୀଦ୍ୱୟଙ୍କୁ ଜବାବ ତଲବ୍ ନୋଟିସ ଜାରି କରିଥିଲେ। ଏହି ନୋଟିସ ଉପରେ ଯଦି କିଛି ଆପତ୍ତି ଥାଏ ତେବେ ଆସନ୍ତା ୧୨।୪।୨୦୨୨ ତାରିଖ ପୂର୍ବାହ୍ନ ୧୦ଟାରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ରାମ୍‌କୋ ସିମେଣ୍ଟ କାରଖାନାର ବିଷାକ୍ତ ଗୁଣ୍ଡ ଦୈନନ୍ଦିନ ପରିଚର୍ଯ୍ୟାକୁ ବାଧା ଦେବା ସହ ଗୁରୁତର ଭାବେ ବିଶୃଙ୍ଖଳା ସୃଷ୍ଟି କରୁଛି। ଆଖପାଖ ଜଳଉତ୍ସଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ଖାଦ୍ୟ, ବସ୍ତ୍ରରେ ଗୁଣ୍ଡ ପଡି ଲୋକଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ଏହାବାଦ୍ ଧର୍ମଶାଳା ତହସିଲ ଅଞ୍ଚଳରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପଥର ଖାଦାନ ଚାଲିଥିବାରୁ ସଂପୃକ୍ତ ଅଞ୍ଚଳବାସୀ ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇ ପଡିଛନ୍ତି। ତଥାପି ପ୍ରଶାସନ ଓ ଲୋକ ପ୍ରତିନିଧି କୁମ୍ଭକର୍ଣ୍ଣ ନିଦ୍ରାରେ ରହି ମୁହଁ ଖୋଲୁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷେ ମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ଅନୁଗୋଳରେ ୯୫ ପିଏମ୍(୧୦) ବା ପାର୍ଟିକୁଲେଟ ମେଟର, ବାଲେଶ୍ୱରରେ ୭୬ ପିଏମ୍ ୧୦, ବ୍ରହ୍ମପୁରରେ ୬୩ ପିଏମ୍୧୦, ଭୁବନେଶ୍ୱରରେ ୧୦୩ ପିଏମ୍୧୦, ବଣେଇଗଡ଼ରେ ୯୪ ପିଏମ୧୦, କଟକରେ ୯୦ ପିଏମ୍୧୦, ଝାରସୁଗୁଡ଼ାରେ ୧୦୩ ପିଏମ୍୧୦, କଳିଙ୍ଗନଗରରେ ୧୧୬ ପିଏମ୍୧୦, କେନ୍ଦୁଝରରେ ୭୭ ପିଏମ୍୧୦, କୋଣାର୍କରେ ୫୪ ପିଏମ୍୧୦, ପାରାଦୀପରେ ୧୦୯ ପିଏମ୍୧୦, ପୁରୀରେ ୯୮ ପିଏମ୧୦, ରାଜଗାଙ୍ଗପୁରରେ ୧୧୯ ପିଏମ୧୦, ରାୟଗଡାରେ ୬୯ ପିଏମ୍୧୦, ରାଉରକେଲାରେ ୧୧୭ ପିଏମ୍୧୦, ସମ୍ବଲପୁରରେ ୧୦୨ ପିଏମ୍୧୦ ଓ ତାଲଚେରରେ ୧୦୫ ପିଏମ୍୧୦ ରହିଛି। ଏସ୍‌ପିସିବିର ରିପୋର୍ଟ ଅନୁସାରେ ୦ ରୁ ୫୦ ପିଏମ୍୧୦ ହେଉଛି ଅତି ଭଲ ପରିବେଶ। ୫୧ ରୁ ୧୦୦ ସନ୍ତୋଷଜନକ ସ୍ଥିତି। ଏହିକ୍ରମରେ ସରକାରଙ୍କ ଦ୍ୱାରା ପରିକଳ୍ପିତ ଆକ୍ସନ ପ୍ଲାନ କେବେ କାର୍ଯ୍ୟକାରୀ ହେବ ଏବଂ ଲୋକେ ବିଭିନ୍ନ କାରଖାନାର ପ୍ରଦୂଷଣରୁ ମୁକ୍ତି ପାଇବେ ତାହାକୁ ପ୍ରଭାବିତ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

# ବଦଳିଲେ ଗୋଇନ୍ଦା ନିର୍ଦ୍ଦେଶକ

## ଆର୍.ପି.କୋଚେଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ତାଙ୍କୁ ଗୃହ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ଭାବେ ବଦଳି କରାଯାଇଛି। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ସ୍ପେଶାଲ ଆର୍ମଡ ପୋଲିସ(ଏସ୍‌ଏପି) ଏଡିଜିପି ଆର୍.ପି. କୋଚେଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।


ଆର୍.ପି. କୋଚେ

ଆଗକୁ ଆଇପିଏସ୍‌ସ୍ତରରେ ଏକ ବଡ଼ଧରଣର ଅଦଳବଦଳ ହେବାର ସମ୍ଭାବନା ରହିଛି। ଗୋଇନ୍ଦା ନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅତିରିକ୍ତ ଭାବେ କୋଚେଙ୍କ ହାତରେ ରହିବ ନା ଆଉ କାହାକୁ ଏହା ଦିଆଯିବ, ତାହା ଆଗାମୀ କିଛିଦିନ ମଧ୍ୟରେ ଜଣାପଡ଼ିବ। ତେବେ ଗୋଇନ୍ଦା ନିର୍ଦ୍ଦେଶକ ଥିବା ଲଳିତ ଦାସଙ୍କୁ ହଠାତ୍ ଗୃହ ବିଭାଗ ଓଏସ୍‌ଡି କରିବା ପଛର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ତାଙ୍କ କାର୍ଯ୍ୟରେ ସରକାର ସନ୍ତୁଷ୍ଟ ନ ଥିବା ନେଇ ଆଲୋଚନା ହେଉଛି।

# ବନ୍ଧୁକ ଲଗାଇ ଲୁଟି ନେଲେ ୨.୭୭ ଲକ୍ଷ

ସୋର, ୧୧।୪(ଡି.ଏନ୍.ଏ.)

ସୋମବାର ମଧ୍ୟାହ୍ନରେ ସୋର-ମଙ୍ଗଳପୁର ରାସ୍ତା ଦହିପୁର ଛକରେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବନ୍ଧୁକ, ଭୁଜାଲି ଦେଖାଇ ଜଣେ ନିର୍ମାଣ କମ୍ପାନୀ କ୍ୟାସିଅରଙ୍କଠାରୁ ୨ ଲକ୍ଷ ୭୭ ହଜାର ଟଙ୍କା ଲୁଟି ନେଇଛନ୍ତି । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେନାଲ ଖୋଳା କାମରେ ନିୟୋଜିତ ଆର୍‌କେଡି କମ୍ପାନୀ କ୍ୟାସିଅର ଆଶିଷ କୁମାର ସ୍ୱାଇଁ ସୋର ଏସ୍‌ବିଆଇ ଶାଖାରୁ ଶ୍ରମିକଙ୍କ ପାଉଣା ଦେବାକୁ ୨ ଲକ୍ଷ ୭୭ ହଜାର ଟଙ୍କା ଉଠାଇ ବାଇକ୍‌ରେ ଫେରୁଥିଲେ। ଏହି ଛକରେ ତାଙ୍କୁ ଏକ ପଲ୍‌ସର ବାଇକ୍‌ରେ ପିଛା କରୁଥିବା ୩ଜଣ ଲୁଟେରା ଅଟକାଇ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୁଜାଲି ଦେଖାଇ ଭୟଭୀତ କରି ଟଙ୍କା ଲୁଟି ନେଇ ଦ୍ରୁତ ଗତିରେ ସୋର ଆଡକୁ ଆସିଥିଲେ। ଏନେଇ ଆଶିଷ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି।

# ଅଭିଯୁକ୍ତଙ୍କୁ ଘାସକଟାଳି ବେଶରେ ଧରିଲା ପୋଲିସ

କୁଜଙ୍ଗ, ୧୧।୪ (ଡି.ଏନ୍.ଏ.)

୩ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଛି। ଏଥିପାଇଁ ପୋଲିସକୁ ଘାସକଟାଳି ବେଶ ଧାରଣ କରିବାକୁ ପଡ଼ିଛି। ସମ୍ପୃକ୍ତ ଅଭିଯୁକ୍ତ ଜଗତ୍‌ସିଂହପୁର ଜିଲା ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରେ ଅଭୟଚାନ୍ଦପୁର ଥାନା କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଜଡ଼ିତ ଥିଲେ। ସେ ହେଲେ ଏହି ଅଞ୍ଚଳର ନୂତନ ଦାସ।

ଗତ ଡିସେମ୍ବର ୩ ତାରିଖ ରାତିରେ ଗୋବିନ୍ଦପୁରସ୍ଥିତ ପ୍ରଭାତ ରାଉତଙ୍କ ଘର ଉପରେ ବୋମାମାଡ଼ ହୋଇଥିଲା। ୪ ତାରିଖରେ ପୋଲିସ ଘଟଣାର ତଦନ୍ତ କରିବାକୁ ଢିଙ୍କିଆ ଗ୍ରାମକୁ ଆସିଥିଲା। ଏହି ସମୟରେ ପୋଲିସ କର୍ମଚାରୀଙ୍କ ଉପରେ କେତେଜଣ ଗ୍ରାମବାସୀ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଉକ୍ତ ଆକ୍ରମଣରେ ନୂତନ ମଧ୍ୟ ସାମିଲ ଥିଲେ। ପୋଲିସ ଏହି ମାମଲାରେ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିବାବେଳେ ନୂତନ ଚକମା ଦେଇ ବୁଲୁଥିଲେ। ରବିବାର ଅପରାହ୍ନରେ ନୂତନ ଢିଙ୍କିଆ ଗ୍ରାମର ଏକ ବିଲରେ ଲୁଚିଥିବା ନେଇ ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ଥାନାର କେତେଜଣ ପୋଲିସ କର୍ମଚାରୀ ସାଦା ପୋଷାକରେ ଦା’ ଏବଂ ଅଖା ଧରି ଘାସ କଟାଳି ସାଜି ବିଲକୁ ଯାଇଥିଲେ। ନୂତନ ସେମାନଙ୍କୁ ଚିହ୍ନି ନ ପାରି ପଦାକୁ ଆସିଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସୋମବାର ନୂତନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

# ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର ହେଲେ ଶର୍ମିଷ୍ଠାଙ୍କ ସମେତ ୮ ଅଭିଯୁକ୍ତ

## କ୍ୟାମେରାମ୍ୟାନ ମାନସ ହତ୍ୟା ଘଟଣା

### ୨୨ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ



ଚାନ୍ଦବାଲି, ୧୧।୪(ଡି.ଏନ.ଏ.)

ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଭଦ୍ରକ ଜେଲ୍‌ରେ ଥିବା ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସମେତ ୮ ଅଭିଯୁକ୍ତଙ୍କୁ ସୋମବାର ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୮ ଅଭିଯୁକ୍ତ ଗିରଫ ପରେ କ୍ରାଇମବ୍ରାଞ୍ଚ ଏକାଧିକବାର ରିମାଣ୍ଡରେ ନେଇ ତଦନ୍ତ ଜାରି ରଖିଥିବା ବେଳେ ମାନସ ହତ୍ୟା ପଛରେ ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ଗତ ମାର୍ଚ୍ଚ ୨୯ରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ନିରଞ୍ଜନ ସେଠୀ, ରଞ୍ଜନ ନାୟକ, ଶର୍ମିଷ୍ଠା ଏବଂ ଝୁନା ଭୋଇଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରିଥିଲା। ପରେ ପ୍ରଥମ ପର୍ଯ୍ୟାୟରେ ଶର୍ମିଷ୍ଠା ଓ ଝୁନାଙ୍କୁ ୫ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଟିମ୍ ଜେରା କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗତ ୩ ତାରିଖରେ ପୁନର୍ବାର ସେମାନଙ୍କୁ ରିମାଣ୍ଡରେ ନେଇଥିଲା। ରିମାଣ୍ଡ ଅବଧି ସରିବାରୁ ୭ ତାରିଖରେ ଚାନ୍ଦବାଲି କୋର୍ଟରେ ହାଜର ପରେ ଭଦ୍ରକ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୯୨,୬୦,୮୨୩ | ୬୨,୦୪,୦୯୨ | ୪୪,୮୯,୦୪,୧୧୫ |
| ଭାରତ | ୪,୩୦,୩୬,୧୩୨ | ୫,୨୧,୭୨୨ | ୪,୨୫,୦୩,୩୮୩ |
| ଓଡ଼ିଶା | ୧୨,୮୭,୮୫୪ | ୯୧୨୧(+୫୩) | ୧୨,୭୮,୫୩୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଶକ୍ତି ଓ ଜଳବାୟୁ ସୂଚକାଙ୍କ: ର୍ୟାଙ୍କ ୨୨ରେ ଓଡ଼ିଶା

**ନୂଆଦିଲ୍ଲୀ,୧୧।୪**

ନୀତି ଆୟୋଗ ପକ୍ଷରୁ ସୋମବାର ରାଜ୍ୟ ଶକ୍ତି ଓ ଜଳବାୟୁ ସୂଚକାଙ୍କ- ରାଉଣ୍ଡ ୧ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ସାମଗ୍ରିକ ର୍ୟାଙ୍କିଙ୍ଗ୍ ତାଲିକାରେ ଓଡ଼ିଶା ୨୨ ନମ୍ବର ସ୍ଥାନରେ ରହିଛି। ସେହିପରି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ୨୦ଟି ବଡ଼ ରାଜ୍ୟ, ୮ଟି ଛୋଟ ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୩ ପୃଥକ୍ ର୍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବଡ଼ ରାଜ୍ୟଗୁଡ଼ିକର ର୍ୟାଙ୍କିଙ୍ଗ୍ ତାଲିକାରେ ଓଡ଼ିଶା ୩୭.୧ ସ୍କୋର ସହ ୧୬ ନମ୍ବର ସ୍ଥାନରେ ଥିବାବେଳେ ଗୁଜରାଟ ୫୦.୧ ସ୍କୋର ସହ ଶୀର୍ଷରେ ରହିଛି। ଗୁଜରାଟ ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ କେରଳ(୪୯.୧) ଏବଂ ପଞ୍ଜାବ (୪୮.୬) ରହିଛି। ସେହିପରି ତାଲିକାରେ ତଳ ସ୍ଥାନ ତଥା ୨୦, ୧୯, ୧୮ ଓ ୧୭ ନମ୍ବରରେ ଯଥାକ୍ରମେ ଛତିଶଗଡ଼(୩୧.୭), ମଧ୍ୟପ୍ରଦେଶ(୩୨.୬), ଝାଡ଼ଖଣ୍ଡ (୩୫.୨) ଓ ରାଜସ୍ଥାନ (୩୫.୪) ରହିଛି। ସାମଗ୍ରିକ ର୍ୟାଙ୍କିଙ୍ଗ କ୍ଷେତ୍ରରେ ଗୁଜରାଟ ୫ ନମ୍ବର ସ୍ଥାନରେ ରହିଥିବାବେଳେ ଚଣ୍ଡୀଗଡ଼ ଶୀର୍ଷରେ ରହିଛି।

ରାଜ୍ୟ ଶକ୍ତି ଓ ଜଳବାୟୁ ସୂଚକାଙ୍କ ୬ଟି ମାପଦଣ୍ଡ ଉପରେ ଆଧାରିତ। ସେଗୁଡ଼ିକ ହେଲା ୧- ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର (ଡିସ୍‌କମ୍) ପ୍ରଦର୍ଶନ, ୨- ଶକ୍ତି ପାଇବାର ସହଜସାଧ୍ୟ ବ୍ୟବସ୍ଥା, ସୁଲଭତା ଏବଂ ନିର୍ଭରଯୋଗ୍ୟତା, ୩- ସ୍ୱଚ୍ଛ ଶକ୍ତି ବା ଅକ୍ଷୟ ଶକ୍ତି କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ, ୪- ଶକ୍ତି ଦକ୍ଷତା, ୫- ପରିବେଶଗତ ନିରନ୍ତରତା ଏବଂ ୬- ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ନୂଆ ପଦକ୍ଷେପ। ଏହି ୬ଟି ମାପଦଣ୍ଡ ମୋଟ ୨୭ଟି ବିଷୟ ଉପରେ ଆଧାରିତ ହୋଇଛି।

ଉପରୋକ୍ତ ୬ଟି ମାପଦଣ୍ଡ ମଧ୍ୟରୁ ବିଦ୍ୟୁତ୍ ବିତରଣ କମ୍ପାନୀର ପ୍ରଦର୍ଶନ ୯ ବିଷୟକୁ ନେଇ ଆକଳନ କରାଯାଇଥିବାବେଳେ ଏ କ୍ଷେତ୍ରରେ ଓଡ଼ିଶା ମୋଟ ୫୯ ସ୍କୋର ପାଇ ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ୧୦ମ ସ୍ଥାନରେ ରହିଛି। ପଞ୍ଜାବ(୭୭.୧) ଏହି କ୍ଷେତ୍ରରେ ଶୀର୍ଷରେ ରହିଛି। କିନ୍ତୁ ଓଡ଼ିଶା ଦ୍ୱିତୀୟ ମାପଦଣ୍ଡ ଅର୍ଥାତ୍ ଶକ୍ତି ପାଇବାର ସହଜସାଧ୍ୟ ବ୍ୟବସ୍ଥା, ସୁଲଭତା ଏବଂ ନିର୍ଭରଯୋଗ୍ୟତା କ୍ଷେତ୍ରରେ ୫୭.୪ ସ୍କୋର ହାସଲ କରି ତୃତୀୟ ସ୍ଥାନରେ ରହିଛି। ଏହି ମାପଦଣ୍ଡର ଶୀର୍ଷରେ ରହିଛି କେରଳ (୬୭.୩)। ୩ୟ ମାପଦଣ୍ଡ କ୍ଷେତ୍ରରେ ହରିୟାଣା ୪୨.୯ ସ୍କୋର ସହ ଶୀର୍ଷରେ ରହିଥିବାବେଳେ ଓଡ଼ିଶା ୪.୮ ସ୍କୋର ସହ ୧୭ ନମ୍ବର ସ୍ଥାନରେ ରହିଛି। ୪ର୍ଥ ମାପଦଣ୍ଡରେ ଓଡ଼ିଶା(୨୧.୮)ର ସ୍ଥାନ ୧୫ରେ ରହିଥିବାବେଳେ ତାମିଲନାଡୁ (୮୫.୪) ଶୀର୍ଷରେ ରହିଛି। ପରିବେଶଗତ ନିରନ୍ତରତା ଭଳି ଗୁରୁତ୍ୱପୂର୍ଣ୍ଣ ମାପଦଣ୍ଡ(୫) କ୍ଷେତ୍ରରେ ଓଡ଼ିଶା ୨୨.୬ ସ୍କୋର ସହ ୧୮ ନମ୍ବର ସ୍ଥାନରେ ରହିଛି। ଏ କ୍ଷେତ୍ରରେ ସର୍ବାଗ୍ରେ ରହିଛି ହିମାଚଳ ପ୍ରଦେଶ(୫୨.୧)। ସେହିପରି ୬ଷ୍ଠ ମାପଦଣ୍ଡ ତଥା ନୂଆ ପଦକ୍ଷେପ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଭଲ ନାହିଁ। ବୈଦ୍ୟୁତିକ ଯାନ (ଇଭି) ଅନ୍ତଃପ୍ରବେଶ, ଇଭି ପାଇଁ ଚାର୍ଜ ଭିତ୍ତିଭୂମି ଉପଲବ୍ଧତା ଓ ଗ୍ରାହକଙ୍କ ତୁଳନାରେ ସ୍ମାର୍ଟମିଟର ବ୍ୟବସ୍ଥା ଭଳି ୩ଟି ବିଷୟକୁ ନେଇ ଏହି ମାପଦଣ୍ଡ ଆଧାରିତ। କିନ୍ତୁ ଏ କ୍ଷେତ୍ରରେ ମାତ୍ର ୦.୯ ସ୍କୋର ସହ ଓଡ଼ିଶା ୧୮ ନମ୍ବର ସ୍ଥାନରେ ରହିଥିବାବଳେ ୩୮.୧ ସ୍କୋର ସହ ହିମାଚଳ ପ୍ରଦେଶ ଶୀର୍ଷରେ ରହିଛି।

ଛୋଟ ରାଜ୍ୟ ର୍ୟାଙ୍କିଙ୍ଗ୍ ତାଲିକାରେ ଗୋଆ(୫୧.୪) ଶୀର୍ଷରେ ଏବଂ ଅରୁଣାଚଳ ପ୍ରଦେଶ(୨୭) ସବା ତଳେ ଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ର୍ୟାଙ୍କିଙ୍ଗ୍ ତାଲିକାରେ ଚଣ୍ଡୀଗଡ଼ (୫୫.୭) ଶୀର୍ଷରେ ଏବଂ ଲାକ୍ଷାଦ୍ୱୀପ (୨୬.୯) ତଳସ୍ଥାନରେ ରହିଛି। ସେହିପରି ବଡ଼ ରାଜ୍ୟଗୁଡ଼ିକର ର୍ୟାଙ୍କିଙ୍ଗ୍ ତାଲିକାର ୪ରୁ ୧୫ ନମ୍ବର ଯାଏ ହରିୟାଣା (୪୭.୯), ଉତ୍ତରାଖଣ୍ଡ (୪୬.୫), ମହାରାଷ୍ଟ୍ର (୪୬), ହିମାଚଳ ପ୍ରଦେଶ (୪୫.୪), କର୍ଣ୍ଣାଟକ (୪୩.୮), ତାମିଲନାଡୁ (୪୩.୪), ଆସାମ (୪୨.୬), ତେଲଙ୍ଗାନା (୪୧.୯), ଆନ୍ଧ୍ରପ୍ରଦେଶ (୪୧.୬), ଉତ୍ତରପ୍ରଦେଶ (୪୧), ପଶ୍ଚିମବଙ୍ଗ (୩୮.୯) ଓ ବିହାର(୩୮.୩) ରହିଛି।

# ରାଜ୍ୟର ୭ ସହର ଅତି ପ୍ରଦୂଷିତ

- ରାମ୍‌କୋ ଅଞ୍ଚଳ ତାଲିକାରୁ ବାଦ୍
- ଆଜି କୋର୍ଟରେ ହାଜର ହେବେ ରାମ୍‌କୋ କର୍ତ୍ତୃପକ୍ଷ
- ଜାଣିଶୁଣି ଦିଆଯାଉଛି ସୁରକ୍ଷା
- ଅତିଷ୍ଠ, ନୟାନ୍ତ ହେଲେଣି ପ୍ରଦୂଷିତ ଅଞ୍ଚଳବାସୀ

**ଯାଜପୁର ଅଫିସ,୧୧।୪**

ବାୟୁରେ ପ୍ରଦୂଷଣର ମାତ୍ରା ଜାଣିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଦ୍ୱାରା ରାଜ୍ୟର ୧୭ ସହରରେ ନିୟମିତ ବାୟୁ ପରୀକ୍ଷଣ କରାଯାଉଛି। ଏହି କ୍ରମରେ ଯାଜପୁରରୋଡ-କଳିଙ୍ଗନଗର, କଟକ, ଭୁବନେଶ୍ୱର, ଅନୁଗୋଳ, ତାଳଚେର, ରାଉରକେଲା ଓ ବାଲେଶ୍ୱରକୁ ଅତି ପ୍ରଦୂଷିତ ସହର ବା ନନ୍-ଆଟେନ୍‌ମେଣ୍ଟ ସିଟି ଭାବେ ଚିହ୍ନଟ କରାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ବଜେଟ୍ ଅଧିବେଶନରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏସ୍‌ପିସିବିର ରିପୋର୍ଟ ଆଧାରରେ ଏହା ଦର୍ଶାଇଛନ୍ତି। କିନ୍ତୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରଠାରେ ଥିବା ସିମେଣ୍ଟ କାରଖାନା ଦ୍ୱାରା ପ୍ରଭାବିତ ଅଞ୍ଚଳକୁ ଏଥିରେ ବାଦ୍ ଦିଆଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗକୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ସ୍ୱୀକାର କରି ଦୁଇ ରାମ୍‌କୋ ଅଧିକାରୀଙ୍କୁ ଜବାବ ତଲବ୍ କରି ସାରିଛନ୍ତି। ରାମ୍‌କୋ ସିମେଣ୍ଟ କାରଖାନାର ଉତ୍କଟ ପ୍ରଦୂଷଣକୁ ଲୁଚାଇ ଏସ୍‌ପିସିବି କର୍ତ୍ତୃପକ୍ଷ କେବଳ ସହଯୋଗୀ ହୋଇନାହାନ୍ତି ବରଂ ସାଧାରଣ ଲୋକଙ୍କ ଜୀବନ ପ୍ରତି ଖେଳ ଖେଳୁଛନ୍ତି ବୋଲି ମତପ୍ରକାଶ ପାଇଛି।

ମନ୍ତ୍ରୀ ଆରୁଖ ତାଙ୍କ ରିପୋର୍ଟରେ ଆହୁରି ଦର୍ଶାଇଛନ୍ତି, ଉପରୋକ୍ତ ସହରଗୁଡ଼ିକରେ ବାୟୁ ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବା ପାଇଁ ଏକ ବିସ୍ତୃତ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହି ଆକ୍ସନ ପ୍ଲାନ୍ ଅନୁଯାୟୀ ପ୍ରଦୂଷିତ ସହରଗୁଡ଼ିକରେ ପ୍ରଦୂଷଣର ଉତ୍ସ ଓ କାରଣ ଠିକ୍ ଜାଣିବା ପାଇଁ ସୋର୍ସ ଆପୋର୍ସନମେଣ୍ଟ ଷ୍ଟଡି ବା ଉତ୍ସ ବିଭାଜନ ଅଧ୍ୟୟନ କରାଯାଉଛି। ଏହି ଅଧ୍ୟୟନ ଦ୍ୱାରା ବିଭିନ୍ନ ପ୍ରଦୂଷଣ ଉତ୍ସ ଯଥା କଳକାରଖାନା, ଯାନବାହନ, ନିର୍ମାଣ ଜନିତ କାର୍ଯ୍ୟ ଆଦିରୁ ପ୍ରଦୂଷଣ ମାତ୍ରାର ଆନୁପାତିକ ପରିସଂଖ୍ୟାନ ମିଳିପାରିବ। ଏହାପରେ ରିପୋର୍ଟଗୁଡ଼ିକର ନିଷ୍କର୍ଷ ଓ ସୁପାରିସ ଅନୁଯାୟୀ ପଦକ୍ଷେପ ନିଆଯାଇ ପାରିବ ବୋଲି ମନ୍ତ୍ରୀ ଆରୁଖ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ରାଜ୍ୟରେ ପ୍ରଦୂଷଣ ରିପୋର୍ଟ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇ ଆସୁଛି। ଏହାର ଜ୍ୱଳନ୍ତ ଉଦାହରଣ ଯାଜପୁରରେ ଜଳଜଳ ହୋଇ ଦିଶୁଛି। ପ୍ରଥମରେ ରାମ୍‌କୋ ସିମେଣ୍ଟ କାରଖାନାରୁ ନିର୍ଗତ ସିମେଣ୍ଟ ଗୁଣ୍ଡ ଓ ବିଷାକ୍ତ ବାୟୁ ପ୍ରଦୂଷଣ ଅଣାୟତ ହୋଇଛି। ଏନେଇ ସ୍ଥାନୀୟ ପ୍ରଭାବିତ ଲୋକେ ଅତିଷ୍ଠ ହୋଇ ମାର୍ଚ୍ଚ ୨୪ରେ ଆବଶ୍ୟକ କାଗଜପତ୍ର ସହ ରାମ୍‌କୋର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଓ ପବ୍ଲିକ ରିଲେଶନ ଅଫିସର(ପିଆରଓ)ଙ୍କ ବିରୋଧରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ୨୮।୩।୨୦୨୨ରେ ଏହାର ଶୁଣାଣି କରି ଉପରୋକ୍ତ ଅଧିକାରୀଦ୍ୱୟଙ୍କୁ ଜବାବ ତଲବ୍ ନୋଟିସ ଜାରି କରିଥିଲେ। ଏହି ନୋଟିସ ଉପରେ ଯଦି କିଛି ଆପତ୍ତି ଥାଏ ତେବେ ଆସନ୍ତା ୧୨।୪।୨୦୨୨ ତାରିଖ ପୂର୍ବାହ୍ନ ୧୦ଟାରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ରାମ୍‌କୋ ସିମେଣ୍ଟ କାରଖାନାର ବିଷାକ୍ତ ଗୁଣ୍ଡ ଦୈନନ୍ଦିନ ପରିଚର୍ଯ୍ୟାକୁ ବାଧା ଦେବା ସହ ଗୁରୁତର ଭାବେ ବିଶୃଙ୍ଖଳା ସୃଷ୍ଟି କରୁଛି। ଆଖପାଖ ଜଳଉତ୍ସଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ଖାଦ୍ୟ, ବସ୍ତ୍ରରେ ଗୁଣ୍ଡ ପଡି ଲୋକଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ଏହାବାଦ୍ ଧର୍ମଶାଳା ତହସିଲ ଅଞ୍ଚଳରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପଥର ଖାଦାନ ଚାଲିଥିବାରୁ ସଂପୃକ୍ତ ଅଞ୍ଚଳବାସୀ ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇ ପଡିଛନ୍ତି। ତଥାପି ପ୍ରଶାସନ ଓ ଲୋକ ପ୍ରତିନିଧି କୁମ୍ଭକର୍ଣ୍ଣ ନିଦ୍ରାରେ ରହି ମୁହଁ ଖୋଲୁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷେ ମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ଅନୁଗୋଳରେ ୯୫ ପିଏମ୍(୧୦) ବା ପାର୍ଟିକୁଲେଟ ମେଟର, ବାଲେଶ୍ୱରରେ ୭୬ ପିଏମ୍ ୧୦, ବ୍ରହ୍ମପୁରରେ ୬୩ ପିଏମ୍୧୦, ଭୁବନେଶ୍ୱରରେ ୧୦୩ ପିଏମ୍୧୦, ବଣେଇଗଡ଼ରେ ୯୪ ପିଏମ୧୦, କଟକରେ ୯୦ ପିଏମ୍୧୦, ଝାରସୁଗୁଡ଼ାରେ ୧୦୩ ପିଏମ୍୧୦, କଳିଙ୍ଗନଗରରେ ୧୧୬ ପିଏମ୍୧୦, କେନ୍ଦୁଝରରେ ୭୭ ପିଏମ୍୧୦, କୋଣାର୍କରେ ୫୪ ପିଏମ୍୧୦, ପାରାଦୀପରେ ୧୦୯ ପିଏମ୍୧୦, ପୁରୀରେ ୯୮ ପିଏମ୧୦, ରାଜଗାଙ୍ଗପୁରରେ ୧୧୯ ପିଏମ୧୦, ରାୟଗଡାରେ ୬୯ ପିଏମ୍୧୦, ରାଉରକେଲାରେ ୧୧୭ ପିଏମ୍୧୦, ସମ୍ବଲପୁରରେ ୧୦୨ ପିଏମ୍୧୦ ଓ ତାଳଚେରରେ ୧୦୫ ପିଏମ୍୧୦ ରହିଛି। ଏସ୍‌ପିସିବିର ରିପୋର୍ଟ ଅନୁସାରେ ୦ ରୁ ୫୦ ପିଏମ୍୧୦ ହେଉଛି ଅତି ଭଲ ପରିବେଶ। ୫୧ ରୁ ୧୦୦ ସନ୍ତୋଷଜନକ ସ୍ଥିତି। ଏହିକ୍ରମରେ ସରକାରଙ୍କ ଦ୍ୱାରା ପରିକଳ୍ପିତ ଆକ୍ସନ ପ୍ଲାନ କେବେ କାର୍ଯ୍ୟକାରୀ ହେବ ଏବଂ ଲୋକେ ବିଭିନ୍ନ କାରଖାନାର ପ୍ରଦୂଷଣରୁ ମୁକ୍ତି ପାଇବେ ତାହାକୁ ପ୍ରଭାବିତ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

# ବଦଳିଲେ ଗୋଇନ୍ଦା ନିର୍ଦ୍ଦେଶକ

## ଆର୍.ପି.କୋଚେଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ତାଙ୍କୁ ଗୃହ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ଭାବେ ବଦଳି କରାଯାଇଛି। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ସ୍ପେଶାଲ ଆର୍ମଡ ପୋଲିସ(ଏସ୍‌ଏପି) ଏଡିଜିପି ଆର୍.ପି. କୋଚେଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।



ଆର୍.ପି. କୋଚେ

ଆଗକୁ ଆଇପିଏସ୍‌ସ୍ତରରେ ଏକ ବଡ଼ଧରଣର ଅଦଳବଦଳ ହେବାର ସମ୍ଭାବନା ରହିଛି। ଗୋଇନ୍ଦା ନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅତିରିକ୍ତ ଭାବେ କୋଚେଙ୍କ ହାତରେ ରହିବ ନା ଆଉ କାହାକୁ ଏହା ଦିଆଯିବ, ତାହା ଆଗାମୀ କିଛିଦିନ ମଧ୍ୟରେ ଜଣାପଡ଼ିବ। ତେବେ ଗୋଇନ୍ଦା ନିର୍ଦ୍ଦେଶକ ଥିବା ଲଳିତ ଦାସଙ୍କୁ ହଠାତ୍ ଗୃହ ବିଭାଗ ଓଏସ୍‌ଡି କରିବା ପଛର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ତାଙ୍କ କାର୍ଯ୍ୟରେ ସରକାର ସନ୍ତୁଷ୍ଟ ନ ଥିବା ନେଇ ଆଲୋଚନା ହେଉଛି।

# ବନ୍ଧୁକ ଲଗାଇ ଲୁଟି ନେଲେ ୨.୭୭ ଲକ୍ଷ

**ସୋର, ୧୧।୪(ଡି.ଏନ୍.ଏ.)**

ସୋମବାର ମଧ୍ୟାହ୍ନରେ ସୋର-ମଙ୍ଗଳପୁର ରାସ୍ତା ଦହିପୁର ଛକରେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବନ୍ଧୁକ, ଭୁଜାଲି ଦେଖାଇ ଜଣେ ନିର୍ମାଣ କମ୍ପାନୀ କ୍ୟାସିଅରଙ୍କଠାରୁ ୨ ଲକ୍ଷ ୭୭ ହଜାର ଟଙ୍କା ଲୁଟି ନେଇଛନ୍ତି । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେନାଲ ଖୋଳା କାମରେ ନିୟୋଜିତ ଆର୍‌କେଡି କମ୍ପାନୀ କ୍ୟାସିଅର ଆଶିଷ କୁମାର ସ୍ୱାଇଁ ସୋର ଏସ୍‌ବିଆଇ ଶାଖାରୁ ଶ୍ରମିକଙ୍କ ପାଉଣା ଦେବାକୁ ୨ ଲକ୍ଷ ୭୭ ହଜାର ଟଙ୍କା ଉଠାଇ ବାଇକ୍‌ରେ ଫେରୁଥିଲେ। ଏହି ଛକରେ ତାଙ୍କୁ ଏକ ପଲ୍‌ସର ବାଇକ୍‌ରେ ପିଛା କରୁଥିବା ୩ଜଣ ଲୁଟେରା ଅଟକାଇ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୁଜାଲି ଦେଖାଇ ଭୟଭୀତ କରି ଟଙ୍କା ଲୁଟି ନେଇ ଦ୍ରୁତ ଗତିରେ ସୋର ଆଡକୁ ଆସିଥିଲେ। ଏନେଇ ଆଶିଷ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି।

# ଅଭିଯୁକ୍ତଙ୍କୁ ଘାସକଟାଳି ବେଶରେ ଧରିଲା ପୋଲିସ

**କୁଜଙ୍ଗ, ୧୧।୪ (ଡି.ଏନ୍.ଏ.)**

୩ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଛି। ଏଥିପାଇଁ ପୋଲିସକୁ ଘାସକଟାଳି ବେଶ ଧାରଣ କରିବାକୁ ପଡ଼ିଛି। ସମ୍ପୃକ୍ତ ଅଭିଯୁକ୍ତ ଜଗତ୍‌ସିଂହପୁର ଜିଲା ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରେ ଅଭୟଚାନ୍ଦପୁର ଥାନା କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଜଡ଼ିତ ଥିଲେ। ସେ ହେଲେ ଏହି ଅଞ୍ଚଳର ନୂତନ ଦାସ।

ଗତ ଡିସେମ୍ବର ୩ ତାରିଖ ରାତିରେ ଗୋବିନ୍ଦପୁରସ୍ଥିତ ପ୍ରଭାତ ରାଉତଙ୍କ ଘର ଉପରେ ବୋମାମାଡ଼ ହୋଇଥିଲା। ୪ ତାରିଖରେ ପୋଲିସ ଘଟଣାର ତଦନ୍ତ କରିବାକୁ ଢିଙ୍କିଆ ଗ୍ରାମକୁ ଆସିଥିଲା। ଏହି ସମୟରେ ପୋଲିସ କର୍ମଚାରୀଙ୍କ ଉପରେ କେତେଜଣ ଗ୍ରାମବାସୀ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଉକ୍ତ ଆକ୍ରମଣରେ ନୂତନ ମଧ୍ୟ ସାମିଲ ଥିଲେ। ପୋଲିସ ଏହି ମାମଲାରେ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିବାବେଳେ ନୂତନ ଚକମା ଦେଇ ବୁଲୁଥିଲେ। ରବିବାର ଅପରାହ୍ନରେ ନୂତନ ଢିଙ୍କିଆ ଗ୍ରାମର ଏକ ବିଲରେ ଲୁଚିଥିବା ନେଇ ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ଥାନାର କେତେଜଣ ପୋଲିସ କର୍ମଚାରୀ ସାଦା ପୋଷାକରେ ଦା' ଏବଂ ଅଖା ଧରି ଘାସ କଟାଳି ସାଜି ବିଲକୁ ଯାଇଥିଲେ। ନୂତନ ସେମାନଙ୍କୁ ଚିହ୍ନି ନ ପାରି ପଦାକୁ ଆସିଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସୋମବାର ନୂତନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

# ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର ହେଲେ ଶର୍ମିଷ୍ଠାଙ୍କ ସମେତ ୮ ଅଭିଯୁକ୍ତ

## କ୍ୟାମେରାମ୍ୟାନ ମାନସ ହତ୍ୟା ଘଟଣା

## ୨୨ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ



**ଚାନ୍ଦବାଲି, ୧୧।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଭଦ୍ରକ ଜେଲ୍‌ରେ ଥିବା ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସମେତ ୮ ଅଭିଯୁକ୍ତଙ୍କୁ ସୋମବାର ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୮ ଅଭିଯୁକ୍ତ ଗିରଫ ପରେ କ୍ରାଇମବ୍ରାଞ୍ଚ ଏକାଧିକବାର ରିମାଣ୍ଡରେ ନେଇ ତଦନ୍ତ ଜାରି ରଖିଥିବା ବେଳେ ମାନସ ହତ୍ୟା ପଛରେ ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ଗତ ମାର୍ଚ୍ଚ ୨୯ରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ନିରଞ୍ଜନ ସେଠୀ, ରଞ୍ଜନ ନାୟକ, ଶର୍ମିଷ୍ଠା ଏବଂ ଝୁନା ଭୋଇଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରିଥିଲା। ପରେ ପ୍ରଥମ ପର୍ଯ୍ୟାୟରେ ଶର୍ମିଷ୍ଠା ଓ ଝୁନାଙ୍କୁ ୫ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଟିମ୍ ଜେରା କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗତ ୩ ତାରିଖରେ ପୁନର୍ବାର ସେମାନଙ୍କୁ ରିମାଣ୍ଡରେ ନେଇଥିଲା। ରିମାଣ୍ଡ ଅବଧି ସରିବାରୁ ୭ ତାରିଖରେ ଚାନ୍ଦବାଲି କୋର୍ଟରେ ହାଜର ପରେ ଭଦ୍ରକ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।




## ଜଙ୍ଗଲରୁ ହାତୀ ଶାବକର ମୃତଦେହ ମିଳିଲା

ମୋରଡା,(ଡି.ଏନ.ଏ.): ମୟୁରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡା ବିଟ ଅଞ୍ଚଳର ବାଘାଝରଣ ଜଙ୍ଗଲରୁ ଏକ ହାତୀ ଛୁଆର ମୃତଦେହ ବନବିଭାଗ ଜବତ କରିଛି। ତେବେ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଗତ ରବିବାର ରାତିରୁ ଉକ୍ତ ଜଙ୍ଗଲରେ ତିନି ହାତୀ ସହିତ ଉକ୍ତ ଛୁଆ ହାତୀ ବୁଲୁଥିବା ବେଳେ ସୋମବାର ସକାଳେ ମୃତ ହାତୀକୁ ଦେଖି ଲୋକେ ବନବିଭାଗକୁ ସୂଚନା ଦେଇଥିଲେ। ତେବେ ହାତୀର ମୃତ୍ୟୁ ପାଇଁ ସ୍ଥାନୀୟ ଲୋକେ ବନବିଭାଗର ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ରାସଗୋବିନ୍ଦପୁର ରେଞ୍ଜର ମଧୁସ୍ମିତା ଦାସ କହିଛନ୍ତି, ଉକ୍ତ ହାତୀଟି ପଶ୍ଚିମବଙ୍ଗରୁ ଆସିଥିବା ଓ ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥାଇପାରେ ବୋଲି ଅଧିକ ତଦନ୍ତ ଜାରି ରହିଛି।

**ସଂକ୍ଷେପରେ**

## ଯୁକ୍ତ୨ ପରୀକ୍ଷା ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୧୧।୪(ବ୍ୟୁରୋ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମେ’ ୧୯ରେ ହେବାକୁ ଥିବା ଗଣିତ, ଗୃହ ବିଜ୍ଞାନ ଓ ଭୋକେଶନାଲ ବାୟୋଲୋଜି ପରୀକ୍ଷା ମେ’ ୩୧ରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞାନ ଛାତ୍ରାଛାତ୍ରୀଙ୍କ ନିର୍ଦ୍ଧାରିତ ପରୀକ୍ଷା ସୂଚୀରେ କମ୍ ଦିନର ବ୍ୟବଧାନ ରହିଥିଲା। ଏଥିପାଇଁ ପିଲାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ତେଣୁ ଯୁକ୍ତ୨ ବିଜ୍ଞାନ ପରୀକ୍ଷାସୂଚୀରେ ସାମାନ୍ୟ ପରିବର୍ତ୍ତନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସିଏଚ୍ଏସ୍ଇକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତବର୍ଷ ୧,୫୮୬ କଲେଜର କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ୩.୨ ଲକ୍ଷରୁ ଅଧିକ ଛାତ୍ରାଛାତ୍ରୀ ୧,୧୪୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ଗତ ମାର୍ଚ୍ଚ ୨୪ରେ ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲା। କଳା ଓ ବାଣିଜ୍ୟ ପରୀକ୍ଷା ଏପ୍ରିଲ ୨୮ରୁ ଆରମ୍ଭ ହେବ। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ହେବ। ଏହା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଚାଲିବ। ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ମେ’ ୯ରୁ ଆରମ୍ଭ ହେବ। ବିଜ୍ଞାନ ଛାତ୍ରାଛାତ୍ରୀ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଓ ଧନ୍ଦାମୂଳକ ଛାତ୍ରାଛାତ୍ରୀ ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଦେବେ।

## ନିର୍ବାଚନରେ ବେଆଇନ କାର୍ଯ୍ୟ: ୨ ଶିକ୍ଷକ ନିଲମ୍ବିତ

ଫୁଲବାଣୀ ଅଫିସ, ୧୧।୪: ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ଗ୍ରହଣ କେନ୍ଦ୍ରରେ ବେଆଇନ କାର୍ଯ୍ୟ କରିବା ୨ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡା.ବୃନ୍ଦା ଡି ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷକ ହେଲେ ରାଇକିଆ ବ୍ଲକର ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ପାତ୍ର ଓ କ.ନୂଆଗାଁ ବ୍ଲକର ସହକାରୀ ଶିକ୍ଷକ ନବ କିଶୋର ଓଝା। ଗତ ପଞ୍ଚାୟତ ନିର୍ବାଚନରେ ଏହି ଦୁଇଜଣ ଶିକ୍ଷକ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ, ସହକାରୀ ଶିକ୍ଷକ ଓଝା ଫୁଲବାଣୀ ବ୍ଲକ ମିଣିଆ ପଞ୍ଚାୟତର ବିଘାପଦର ୧୨ନଂ. ବୁଥ ଓ ପାତ୍ରଙ୍କୁ ମାସାପଦର ୧୩ନଂ ବୁଥ୍‌ରେ ପ୍ରଥମ ପୋଲିଂ ଅଫିସର ଭାବେ ଦାୟିତ୍ୱ ଦିଆଯାଇଥିଲା। ଉଭୟେ ବୁଥ୍‌ରେ ସରପଞ୍ଚ ପ୍ରାର୍ଥୀଙ୍କ ବାଲଟ ପେପରକୁ ଉଦ୍ଦେଶ୍ୟମୂଳକ ଭାବେ ଭୁଲ ମୋଡ଼ି ଚିହ୍ନକୁ ଲୁଚାଇଥିଲେ। ଭୋଟ ଦେବାକୁ ଯାଇଥିବା ବେଳେ ସରପଞ୍ଚ ପ୍ରାର୍ଥିନୀ ମାଳତୀ ପ୍ରଧାନ ବୁଥକୁ ଯାଇ ଏହା ଦେଖିଥିଲେ। ଏପରିକି ପୋଲିଂ ଅଧିକାରୀ ତାଙ୍କୁ ଚିହ୍ନି ନ ପାରି ଅନ୍ୟ ଚିହ୍ନରେ ଭୋଟ ଦେବାକୁ କହିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ଅଭିଯୋଗ ହେବାରୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ। ସେକ୍ଟର ଅଫିସର ସୁରେନ୍ଦ୍ର ପାଣିଗ୍ରାହୀ ମଧ ବୁଥ୍ ପରିଦର୍ଶନରେ ଯାଇଥିବା ବେଳେ ବାଲଟ ତ୍ରୁଟି ନଜରକୁ ଆସିଥିଲା। ଏ ନେଇ ସରପଞ୍ଚ ପ୍ରାର୍ଥିନୀ ମାଳତୀ ପ୍ରଧାନଙ୍କ ଅଭିଯୋଗ କ୍ରମେ ଫୁଲବାଣୀ ବିଡିଓ ତଥା ନିର୍ବାଚନ ଅଧିକାରୀ ସେକ୍ଟର ଅଫିସର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ଜୁନିୟର ଆଥ୍‌ଲେଟ୍‌ଙ୍କୁ ନିର୍ଯାତନା

### ୩ ସିନିୟର ଆଥ୍‌ଲେଟ୍ ଗିରଫ

- ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ନ ହେବାରୁ ସିନିୟର୍‌ଙ୍କ ଅମାନୁଷିକ କାଣ୍ଡ
- ଉଲଗ୍ନ କରି ମାଡ଼ ମାରିଲେ, ଭିଡିଓ କଲ୍ କରି ଦେଖାଇଲେ
- ଥାନାରୁ ନ୍ୟାୟ ନ ପାଇ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ ପୀଡିତ
- ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ ନାବାଳକ ଓ ତାଙ୍କ ମା’

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ଷ୍ଟେଟ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଅଂଶଗ୍ରହଣ କରିଥିବା ରାଉରକେଲା ଟିମ୍‌ର ଜଣେ ଜୁନିୟର ଖେଳାଳିଙ୍କୁ ନିର୍ଯାତନା ଦିଆଯାଇଛି। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ନ ହେବାରୁ ସିନିୟର ଆଥ୍‌ଲେଟ୍‌ମାନେ ତାଙ୍କୁ ଉଲଗ୍ନ କରି ମାଡ଼ ମାରିବା ସହ ଅମାନୁଷିକ ଭାବେ ନାନା ନିର୍ଯାତନା ଦେଇଥିବା ଗୁରୁତର ଅଭିଯୋଗ ହୋଇଛି। ତେବେ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ପୀଡ଼ିତ ନାବାଳକ ଖେଳାଳି ଓ ତାଙ୍କ ପରିବାର ଲୋକେ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସଙ୍କୁ ଭେଟି ଜଣାଇଛନ୍ତି। ଏହାପରେ ସମ୍ପୃକ୍ତ ୩ ସିନିୟର ଖେଳାଳିଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡ ଜିଲା ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ବିଦ୍ୟାନଗରର ଆଶିଷ କୁମାର ପାତ୍ର(୨୭), ସେକ୍ଟର-୫ ଗୋଲଘର ବସ୍ତିର ଜଗନ୍ନାଥ ଦାଶ(୨୭) ଓ ସେକ୍ଟର-୧୫ ଥାନା ଅନ୍ତର୍ଗତ ଶିବାଜୀନଗରର ସୁରଜ ଠାକୁର(୨୪)। ପୋଲିସ ଆଇପିସି ଦଫା ୩୪୨, ୩୨୩, ୫୦୬, ୩୪ ଓ ୬୭ ଆଇଟି ଆକ୍ଟ ଏବଂ ୭୫ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟରେ ଏକ ମାମଲା (ନଂ.୯୩/୨୦୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ


ଆଶିଷ ପାତ୍ର


ଜଗନ୍ନାଥ ଦାସ


ସୁରଜ ଠାକୁର

ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୀଡିତ ନାବାଳକ ଓ ତାଙ୍କ ମା’ ଗଣମାଧ୍ୟମରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ ବି ପୋଲିସ ସେଭଳି କୌଣସି ଦଫା ଲଗାଇନାହିଁ। ଏନେଇ ଜୋନ୍-୬ ଏସିପି ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଏତଲାରେ କିଛି ଉଲ୍ଲେଖ ହୋଇନାହିଁ। ସେଥିରେ ଅଭିଯୋଗକାରୀ ଯାହା ଉଲ୍ଲେଖ କରିଥିଲେ ଏବଂ ତାଙ୍କ ବୟାନ ଆଧାରରେ ଦଫା ଲଗାଯାଇଛି ବୋଲି ସେ କହିଛନ୍ତି।

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏକ ଘରୋଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୪ ଦିନିଆ ୬୮ତମ ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଥିଲା। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପାରାଦୀପ ବନ୍ଦର, ଓଡିଶା ପୋଷ୍ଟ ଆଣ୍ଡ୍ ଟେଲିକମ୍ ସମେତ ବିଭିନ୍ନ ଜିଲାର ୩୦ ଟିମ୍ ଭାଗ ନେଇଥିଲେ। ଉକ୍ତ ଘରୋଇ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଆଥ୍‌ଲେଟ୍‌ଙ୍କ ରହିବା ଓ ଖାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ତେବେ ଏହି ଚାମ୍ପିଅନଶିପ୍‌ରେ ରାଉରକେଲା ଟିମ୍ ପକ୍ଷରୁ ୨୩ଜଣ ଜୁନିୟର ଓ ସିନିୟର ଖେଳାଳି ଅଂଶଗ୍ରହଣ କରିଥିଲେ। ଅଭିଯୋଗ ଅନୁଯାୟୀ, ଟିମ୍‌ରେ ଥିବା ୧୦ ବର୍ଷର ଜଣେ ନାବାଳକଙ୍କର ଶନିବାର ୧୯ ବର୍ଷରୁ କମ୍ ବର୍ଗରେ ଲଙ୍ଗଜମ୍ପ ଇଭେଣ୍ଟ ଥିଲା। ହେଲେ ସେ ଏଥିରେ ଉତ୍ତୀର୍ଣ୍ଣ ହୋଇ ପାରି ନ ଥିଲେ। ତେଣୁ ଉକ୍ତ ଟିମ୍‌ର ସିନିୟରମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ରବିବାର ସକାଳେ ନାବାଳକ ଆଥ୍‌ଲେଟ୍‌ଙ୍କୁ ସମ୍ପୃକ୍ତ ସିନିୟରମାନେ ରୁମ୍‌କୁ ଡାକି ଉଲଗ୍ନ କରି ମାଡ଼ ମାରିଥିଲେ। ତାଙ୍କର ସମ୍ବେଦନଶୀଳ ଅଙ୍ଗରେ ଅମୃତାଞ୍ଜନ ଲଗାଇ ଦେଇଥିଲେ। ଏଥିସହ ତାଙ୍କର ୨ଜଣ ସାଙ୍ଗଙ୍କୁ ଭିଡ଼ିଓ କଲ୍ କରି ନିର୍ଯାତନାର ଦୃଶ୍ୟ ଦେଖାଇଥିଲେ। ଏପରିକି ନାବାଳକଙ୍କ ଦୁଇ ସାଙ୍ଗକୁ ମଧ୍ୟ ସେମାନେ ଡାକି ଦେଖାଇଥିଲେ। ନାବାଳକ ଜଣକ ଏପରି କରିବାକୁ ବାରଣ କରିଥିଲେ ମଧ୍ୟ ସିନିୟରମାନେ ଶୁଣି ନ ଥିଲେ। ଏଭଳି ନିର୍ଯାତନାର ଶିକାର ହେବା ଫଳରେ ପୀଡିତ ନାବାଳକ ଜଣକ ସେଠାରୁ ଲଜ୍ଜିତ ହୋଇ ମାନସିକ ଭାରସାମ୍ୟ ହରାଇଥିଲେ। ଘଟଣା ସଂକ୍ରାନ୍ତରେ ମଧ୍ୟ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ରାତିରେ ପରିବାର ଲୋକ ଭୁବନେଶ୍ୱର ଆସି ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ମେଡିକାଲ ରିପୋର୍ଟ ଆଣିବା ପରେ ଅଟକ ରଖିଥିବା ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା କରି ଛାଡ଼ି ଦେଇଥିବା ନାବାଳକଙ୍କ ମା’ ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ।

## ଯୁବତୀଙ୍କଠାରେ ସଫଳ କିଡ୍‌ନୀ ପ୍ରତିରୋପଣ

### ଲାପାରୋସ୍କୋପିକ୍‌ରେ ମା’ଙ୍କଠାରୁ କଢ଼ାଗଲା କିଡ୍‌ନୀ

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

ଅସୁସ୍ଥ ଝିଅକୁ କିଡ୍‌ନୀ ପ୍ରଦାନ କରି ପୁନର୍ଜନ୍ମ ଦେଲା ମା’। ସମ୍ ଅଲ୍ଟିମେଟ୍ ମେଡିକେୟାରରେ ସଫଳ ଅସ୍ତ୍ରୋପଚାର ପରେ ବର୍ତ୍ତମାନ ଯୁବତୀ ଜଣକ ସୁସ୍ଥ ହୋଇପାରିଛନ୍ତି। ଯୁବତୀଙ୍କର ଦୁଇଟି କିଡ୍‌ନୀ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇ ପଡ଼ିଥିବାବେଳେ ଚିକିତ୍ସା ନିମନ୍ତେ ଗତବର୍ଷ ନଭେମ୍ବରରେ ସେ ସମ୍‌ରେ ଭର୍ତ୍ତି ହୋଇଥିଲେ। ନେଫ୍ରୋଲୋଜି ବିଭାଗର କନ୍‌ସଲ୍‌ଟାଣ୍ଟ ଡା. ତାପସ ରଞ୍ଜନ ବେହେରାଙ୍କ ଅଧୀନରେ ଚିକିତ୍ସିତ ହେଉଥିଲେ। ତାଙ୍କର ସପ୍ତାହକୁ ଦୁଇଥର ଡାଏଲିସିସ୍ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି କିଡ୍‌ନୀ ପ୍ରତ୍ୟାରୋପଣର ନିଷ୍ପତ୍ତି ନିଆଯାଇଥିଲା ବୋଲି ଡା. ବେହେରା କହିଛନ୍ତି। ଝିଅର ଜୀବନ ବଞ୍ଚାଇବା ପାଇଁ ନିଜ କିଡ୍‌ନୀ ଦେବା ନିମନ୍ତେ ତାଙ୍କ ମା’ ଇଚ୍ଛା ପ୍ରକାଶ କରିଥିଲେ। କିଡ୍‌ନୀ ପ୍ରତ୍ୟାରୋପଣର ସମସ୍ତ ପ୍ରସ୍ତୁତି ପରେ ଯୁବତୀଙ୍କ ମା’ଙ୍କ ଶରୀରରୁ ଲାପ୍ରୋସ୍କୋପିକ ପଦ୍ଧତିରେ କିଡ୍‌ନୀ କଢ଼ାଯାଇ ଯୁବତୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ ପଦ୍ଧତି ପରିଚାଳନା କରିଥିଲେ ୟୁରୋଲୋଜି ବିଭାଗର କନ୍‌ସଲଟାଣ୍ଟ ଡା. ପ୍ରିୟବ୍ରତ ଦାସ। ଏହି ବିରଳ ଲାପ୍ରୋସ୍କୋପିକ ପଦ୍ଧତି ଦ୍ୱାରା ଡୋନରଙ୍କୁ ବିଶେଷ ଭାବେ କଷ୍ଟ ହୁଏ ନାହିଁ, ଶରୀରରେ କୌଣସି ଦାଗ ରହେ ନାହିଁ ଓ ସେ ଦୁଇ ତିନି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଥିଲେ। ତେବେ ଯୁବତୀଙ୍କ ଶରୀରରେ ସାଧାରଣ ଭାବେ ଅସ୍ତ୍ରୋପଚାର ମାଧ୍ୟମରେ କିଡ୍‌ନୀ ପ୍ରତ୍ୟାରୋପଣ କରାଯାଇଛି। ଡୋନରଙ୍କଠାରୁ କିଡ୍‌ନୀ ଅଣାଯିବା ଓ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ପ୍ରକ୍ରିୟା ୪ରୁ ୫ ଘଣ୍ଟାରେ ସମ୍ପୂର୍ଣ୍ଣ ହୋଇଥିଲା ବୋଲି ଡା. ଦାସ କହିଛନ୍ତି। ଯୁବତୀ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏହା ନେଫ୍ରୋଲୋଜି, ୟୁରୋଲୋଜି, ଆନେସ୍ଥେସିଆ ଟିମ, ଓଟି ଷ୍ଟାଫ୍ ଓ ଟ୍ରାନ୍ସପ୍ଲାଣ୍ଟ କୋଅର୍ଡିନେଟରଙ୍କ ସହଯୋଗ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ଚିକିତ୍ସା କରିଥିବା ଡାକ୍ତରମାନେ ପ୍ରକାଶ କରିଛନ୍ତି।

## ଯୁବ ଦକ୍ଷତା ବୃଦ୍ଧି ପାଇଁ ମିଳିତ କାର୍ଯ୍ୟ କରିବେ ସିପୋ, ଓଏସ୍‌ଡିଏ

### ସହଯୋଗ କରିବ ୟୁନିସେଫ୍

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

ସିଙ୍ଗାପୁର ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ସିଙ୍ଗାପୁର-ଭାରତ ସହଭାଗିତା କାର୍ଯ୍ୟାଳୟ (ସିପୋ) ତଥା ଇନ୍‌ଷ୍ଟିଚ୍ୟୁଶନାଲ ଡେଭଲପ୍‌ମେଣ୍ଟର ନିର୍ଦ୍ଦେଶକ ଏରିକ୍ ଟାନ୍‌ଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ଦଳ ସୋମବାର ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ) ଅଧକ୍ଷ ସୁବ୍ରତ ବାଗ୍‌ଚୀଙ୍କୁ ସାକ୍ଷାତ କରିଛନ୍ତି। ବିଶେଷକରି ଓଡ଼ିଶାର ଯୁବ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଛି। ଏହି ଅବସରରେ ବାଗ୍‌ଚୀ କହିଛନ୍ତି, ୱାର୍ଲଡ ସ୍କିଲ ସେଣ୍ଟରରୁ ତାଲିମପ୍ରାପ୍ତ ଦକ୍ଷ ପ୍ରଶିକ୍ଷାର୍ଥୀଙ୍କୁ ବିଶ୍ୱସ୍ତରୀୟ ସଂସ୍ଥାରେ ନିଯୁକ୍ତି ଦେବାରେ ସିପୋ ସହଯୋଗ କରିବ। ଆଇଟିଆଇ କିମ୍ବା ପଲିଟେକ୍‌ନିକ୍‌ର ପ୍ରଶିକ୍ଷାର୍ଥୀ ବିଶ୍ୱସ୍ତରୀୟ ସଂସ୍ଥାରେ ନିଯୁକ୍ତି ପାଇବା ଦ୍ୱାରା ସାମାଜିକ ରୂପାନ୍ତରଣ ଆସିପାରିବ। ରାଜ୍ୟ ସରକାର ଷ୍ଟାର୍ଟଅପ୍‌କୁ ଉତ୍ସାହିତ କରିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ସିପୋ ପ୍ରତିନିଧି ଦଳଙ୍କୁ ଷ୍ଟାର୍ଟଅପ୍ ପାଇଁ ପ୍ରତିଷ୍ଠା କରାଯାଇଥିବା ଓ-ହବ୍ କେନ୍ଦ୍ର ପରିଦର୍ଶନରେ ଯିବା ପାଇଁ ମଧ୍ୟ ବାଗ୍‌ଚୀ କହିଥିଲେ। ପାରସ୍ପରିକ ଲାଭ ପାଇଁ ସିପୋ ରାଜ୍ୟ ସରକାରଙ୍କ ସହିତ ଅର୍ଥନୈତିକ ବିକାଶ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବାବେଳେ ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସିପୋର ନିର୍ଦ୍ଦେଶକ ଟାନ ସୂଚନା ଦେଇଥିଲେ। ସିଙ୍ଗାପୁରର ବେସରକାରୀ କ୍ଷେତ୍ରର ତାଲିମ/ ସ୍କିଲିଂ ସଂସ୍ଥାଗୁଡ଼ିକରେ ସୁଯୋଗ ଚିହ୍ନଟ କରିବାରେ ମଧ୍ୟ ଏହା ସହାୟକ ହେବ ବୋଲି ସେ କହିଥିଲେ। ଏହି ପ୍ରତିନିଧି ଦଳ ୱାର୍ଲଡ ସ୍କିଲ ସେଣ୍ଟର ପରିଦର୍ଶନ କରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଓ ଓଏସ୍‌ଡିଏ ସିଇଓ ରେଘୁ ଜୀଙ୍କ ସହ ଆଲୋଚନା କରିଥିଲେ।

ସେହିପରି ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ନେଲ୍‌ସେନ ଓଡ଼ିଶାର କିଶୋର ଯୁବଗୋଷ୍ଠୀ ତଥା ଅନଗ୍ରସର କିଶୋରୀଙ୍କ ଦକ୍ଷତା ବିକାଶ କରି ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ବାଗ୍‌ଚୀଙ୍କ ସହ ଆଲୋଚନା କରିଥିଲେ। ବାଗ୍‌ଚୀ ଦକ୍ଷତା ବିକାଶ ନିମନ୍ତେ ନିଆଯାଇଥିବା ପଦକ୍ଷେପ ବିଷୟରେ କହିଥିଲେ। ଆଗାମୀ ଦିନରେ ଓଏସ୍‌ଡିଏ ସହ ସହଭାଗିତା କରିବାକୁ ୟୁନିସେଫ୍ ପ୍ରତିନିଧି ଦଳ ଆଶାବ୍ୟକ୍ତ କରିଥିଲେ। ୟୁନିସେଫ୍ କମ୍ୟୁନିଟି ସ୍ପେଶାଲିଷ୍ଟ ରାଧିକା ଶ୍ରୀବାସ୍ତବ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ଉପସ୍ଥିତ ଥିଲେ।


ଓଏସ୍‌ଡିଏ ଅଧକ୍ଷ ସୁବ୍ରତୋ ବାଗ୍‌ଚୀଙ୍କ ସହ ୟୁନିସେଫ୍ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

# ସ୍ୱଚ୍ଛତାକୁ ସଂକଳ୍ପରେ ପରିଣତ କରିବାକୁ ଆହ୍ୱାନ


ଏମ୍ସ ସାଇକ୍ଲୋଥନ୍‌ରେ ଅଂଶଗ୍ରହଣ କରିଥିବା ଡାକ୍ତର, ଡାକ୍ତରୀ ଛାତ୍ର ଓ କର୍ମଚାରୀ।

### ଏମ୍ସ ପକ୍ଷରୁ ସାଇକ୍ଲୋଥନ୍

### ୨୭୦ରୁ ଅଧିକ ମେଡିକାଲ୍ ଛାତ୍ର, ଡାକ୍ତରଙ୍କ ଅଂଶଗ୍ରହଣ

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ସ୍ୱଚ୍ଛତା ହେଉଛି ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହାକୁ ଏକ ସଂକଳ୍ପରେ ପରିଣତ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେବା ସହ ଉତ୍ସାହିତ କରିଛି ସାଇକ୍ଲୋଥନ୍। ସ୍ୱଚ୍ଛତା ପଖୱାଡ଼ା ଅଭିଯାନର ଅଂଶ ସ୍ୱରୂପ (୧-୧୫ ଏପ୍ରିଲ୍) ଏମ୍ସ ଭୁବନେଶ୍ୱର ପକ୍ଷରୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍ଏଲ୍)ର ସହଯୋଗରେ ସୋମବାର ଏହି ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଥିଲା। ଏମ୍ସ ଭୁବନେଶ୍ୱର ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଏମ୍ସର ୨୭୦ରୁ ଅଧିକ ଡାକ୍ତରୀ ଛାତ୍ର, ଡାକ୍ତର ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏମ୍ସ ପରିସରରୁ ଆରମ୍ଭ ହୋଇଥିବା ଏହି ସାଇକ୍ଲୋଥନ୍ ୮ କିମି ପଥ ଅତିକ୍ରମ କରି ଏସ୍‌ଓଏସ୍ ଚିଲ୍‌ଡ୍ରେନ ଭିଲେଜ୍‌ରେ ଶେଷ ହୋଇଥିଲା। ଅଂଶଗ୍ରହଣକାରୀମାନେ ସାଇକେଲ୍ ଚଲାଇ ସ୍ୱଚ୍ଛ ପରିବେଶ, ସର୍ବସାଧାରଣ ସ୍ଥାନଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା, ପ୍ଲାଷ୍ଟିକ ମୁକ୍ତ ଭାରତ ଆଦିର ବାର୍ତ୍ତା ଦେଇଥିଲେ।

ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏସ୍‌ଓଏସ୍ ଶିଶୁ ଗ୍ରାମରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମାଜରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିବା ତଥା ଜନସାଧାରଣଙ୍କୁ ଏନେଇ ସଚେତନ କରିବା ଲକ୍ଷ୍ୟରେ ନିଆଯାଇଥିବା ଏହି ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଏସ୍‌ଓଏସ୍ ଶିଶୁ ଗ୍ରାମ ନିର୍ଦ୍ଦେଶକ ଅବିନାଶ କୁମାର ହୋତା, ଏମ୍ସ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି, କୁଳସଚିବ ବି ବି ମିଶ୍ର, ହସ୍ପିଟାଲ୍ ପ୍ରଶାସନ ବିଭାଗ ମୁଖ୍ୟ ତଥା କାୟାକଳ୍ପ ନୋଡାଲ୍ ଅଧିକାରୀ ଡା. ଜବାହର ଏସ୍ ପିଲ୍ଲାଇ, ଶିଶୁ ସର୍ଜରୀ ବିଭାଗର ଡା. କନିଷ୍କ ଦାସ, ଅତିରିକ୍ତ ପ୍ରଫେସର ହସ୍ପିଟାଲ୍ ପ୍ରଶାସନ ଡା.(ମେଜର) ଏମ୍ ସି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁଗ୍ରାମର ମହାସଚିବ ସୁମନ୍ତ କର ସ୍ୱଚ୍ଛତା ସମ୍ପର୍କରେ ଏକ ବାର୍ତ୍ତା ପ୍ରଦାନ କରିଥିଲେ।

**ପ୍ରଥମ ପୃଷ୍ଠାରୁ**

## ‘ସ୍ୱାସ୍ଥ୍ୟସେବା କ୍ଷେତ୍ରରେ...

ଯୋଗଦେଇଥିଲେ। ସେ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାରେ ଆହୁରି ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନେକ ଲୋକାଭିମୁଖୀ ସ୍ୱାସ୍ଥ୍ୟ ଯୋଜନା କରାଯାଇଛି। ତେବେ ଓଡ଼ିଶା ସରକାର ‘ଆୟୁଷ୍ମାନ୍ ଭାରତ’ ଯୋଜନାକୁ କାର୍ଯ୍ୟକାରୀ କରନ୍ତୁ, ଯାହାଦ୍ୱାରା ରାଜ୍ୟବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ଆହୁରି ସହଜ ହେବ। ସେ ଛାତ୍ରାଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ବଳିଷ୍ଠ ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ।

ଉକ୍ତ ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ଏମ୍‌ପି ପିନାକୀ ମିଶ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗଣଶିକ୍ଷା ମନ୍ତ୍ରୀ ଦାଶ କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉଛି ସ୍ୱୟଂ ସମ୍ପୂର୍ଣ୍ଣ। ରାଜ୍ୟବାସୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ହୋଇପାରୁଛନ୍ତି ଓ ସମସ୍ତ ସ୍ୱାସ୍ଥ୍ୟଜନିତ ସେବା ପାଉଛନ୍ତି। ଏଣୁ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନାର ଆବଶ୍ୟକତା ନାହିଁ। ସୂଚନାଯୋଗ୍ୟ, ଏହି ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ସାତ ମହଲାର ଏକ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ୨୦୨୩ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ବର୍ତ୍ତମାନ ଏହି କଲେଜ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

## ସଂଘର୍ଷର କାହାଣୀ କହିଲେ ଛାତ୍ର

### ରାଜ୍ୟ ସରକାରଙ୍କ ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରଶଂସା

ପୁରୀ ଅଫିସ, ୧୧।୪: ପୁରୀ ବାଲିଗୁଆଳିଠାରେ ସୋମବାର ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଲୋକାର୍ପଣ ଉତ୍ସବରେ ଏହି କଲେଜର ପ୍ରଥମ ବର୍ଷର ଏମ୍‌ବିବିଏସ୍ ଛାତ୍ରାଛାତ୍ରୀ ଉପସ୍ଥିତ ଥିଲେ। ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କେତେଜଣ ଛାତ୍ର ନିଜ ସଂଘର୍ଷର କାହାଣୀ ବଖାଣିଥିଲେ। ବାଲେଶ୍ୱରର ରାଧାବଲ୍ଲଭ ବେହେରା କହିଛନ୍ତି, ତାଙ୍କ ବାପା ଜଣେ ଭାଗ ଚାଷୀ। ସରକାରୀ ବିଦ୍ୟାଳୟର ଛାତ୍ରାଛାତ୍ରୀଙ୍କ ପାଇଁ ୧୫ ପ୍ରତିଶତ ସଂରକ୍ଷଣ ଆଧାରରେ ସେ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ପାଠ ପଢ଼ିବାର ସୁଯୋଗ ପାଇପାରିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିଷ୍ଠାପର ଭାବେ ଡ଼ାକ୍ତରୀ ଶିକ୍ଷା ସାରି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାମ କରିବେ ବୋଲି ରାଧାବଲ୍ଲଭ କହିଛନ୍ତି। ସେହିପରି ମୟୁରଭଞ୍ଜ ଜିଲାର ଆସିଥିବା ଭଞ୍ଜ ହେମ୍ବ୍ରମ୍ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନିଜ ପାଠପଢ଼ା ଜୀବନ ଓ ପରିବାରର ସଂଘର୍ଷ ସମ୍ପର୍କରେ କହିଛନ୍ତି। ସେ ଏକ ଅନୁନ୍ନତ ଅଞ୍ଚଳର ଗରିବ ଆଦିବାସୀ ଘରର ପିଲା। ତାଙ୍କ ମାତାପିତା ଦିନମଜୁରିଆ ଭାବେ କାମ କରି ପରିବାର ପୋଷଣ କରୁଛନ୍ତି। ପରିବାରର ୮ ଜଣ ସଦସ୍ୟଙ୍କ ଭରଣପୋଷଣ ବୋଝ ତାଙ୍କ ପିତାମାତାଙ୍କ ପାଇଁ ଅସହ୍ୟ ହୋଇପଡ଼େ। ସେ ନିଜର ନିଷ୍ଠା ଓ ରାଜ୍ୟ ସରକାରଙ୍କ ସହଯୋଗରେ ମେଡିକାଲ କଲେଜରେ ଭର୍ତ୍ତି ହୋଇପାରିଛନ୍ତି। ଏଥିଲାଗି ସେ ରାଜ୍ୟ ସରକାରଙ୍କ ୧୫ ପ୍ରତିଶତ ସଂରକ୍ଷଣ ଯୋଜନାକୁ ପ୍ରଶଂସା କରିଛନ୍ତି। ଅପହଞ୍ଚ ଅଞ୍ଚଳର ଗରିବ ଓ ମେଧାବୀ ଛାତ୍ରାଛାତ୍ରୀ ମେଡିକାଲ କଲେଜରେ ପଢ଼ିବାର ସୁଯୋଗ ପାଇବା ତାଙ୍କ ପାଇଁ ଗର୍ବର କଥା ବୋଲି ପ୍ରତି ଉତ୍ତରରେ ମୁଖ୍ୟମନ୍ତ୍ରୀ କହିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଅଭୟାରଣ୍ୟର ଶୋଭା ବଢ଼ାଉଛନ୍ତି ନେପାଳୀ ମୂଷା

- କପିଳାସ ପ୍ରାଣୀ ଉଦ୍ୟାନରେ ସାଜିଛନ୍ତି ପର୍ଯ୍ୟଟକଙ୍କ ଆକର୍ଷଣ
- ସୁରକ୍ଷା ମିଳୁଥିବାରୁ ବଢ଼ୁଛି ଏହି ବିରଳ ପ୍ରାଣୀଙ୍କ ସଂଖ୍ୟା

ଢେଙ୍କାନାଳ ଅଫିସ,୧୧।୪

ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟ ଏବଂ ପ୍ରାଣୀ ଉଦ୍ୟାନର ଶୋଭା ବଢ଼ାଉଛନ୍ତି ଏକ ବିରଳ ପ୍ରଜାତିର ମୂଷା। ବନବିଭାଗ ପକ୍ଷରୁ ଏହାକୁ ଇଣ୍ଡିଆନ୍ ଜିଆଣ୍ଟ ସ୍କୁଇରେଲ୍ କୁହାଯାଉଥିବାବେଳେ ସ୍ଥାନୀୟ ରେଞ୍ଜ୍ କର୍ମଚାରୀମାନେ ନେପାଳୀ ମୂଷା ବୋଲି କହୁଛନ୍ତି।

କପିଳାସ ଅଭୟାରଣ୍ୟ ଏବଂ ପ୍ରାଣୀ ଉଦ୍ୟାନ ବ୍ୟତୀତ ଏହି ପ୍ରଜାତିର ମୂଷା ରାଜ୍ୟର ବିଭିନ୍ନ ଘନଜଙ୍ଗଲରେ ଦେଖିବାକୁ ମିଳିଥାନ୍ତି। ଶିମିଳିପାଳ ସହ ଢେଙ୍କାନାଳ ଜିଲାର ହିନ୍ଦୋଳ ରେଞ୍ଜ ଅନ୍ତର୍ଗତ କନ୍ଧାର, କପିଳାସ ରେଞ୍ଜର କପିଳାସ ଅଭୟାରଣ୍ୟ ଓ ପ୍ରାଣୀ ଉଦ୍ୟାନ, କଙ୍କଡ଼ାହାଡ଼ ବ୍ଲକର ରଞ୍ଜାଗଡ ସଂରକ୍ଷିତ ଜଙ୍ଗଲ ଏମାନଙ୍କ ବାସସ୍ଥାନ ପାଲଟିଛି। ବିଶେଷକରି କପିଳାସ ପ୍ରାଣୀ ଉଦ୍ୟାନରେ ଏହା ପର୍ଯ୍ୟଟକମାନଙ୍କ ଆକର୍ଷଣ ସାଜିଛନ୍ତି। ପର୍ଯ୍ୟଟକମାନେ ଏହି ମୂଷାମାନଙ୍କ ଫଟୋ ଉଠାଇବା ପାଇଁ ବେଶ୍ ଆଗ୍ରହ ରଖିଥିବା


କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ନେପାଳୀ ମୂଷା।

ଦେଖାଯାଉଛି। ବଡ଼ ବଡ଼ ଗଛରେ ରହିବାକୁ ପସନ୍ଦ କରୁଥିବା ନେପାଳି ମୂଷା ଗଛରୁ ଗଛ କିମ୍ବା ଡାଳରୁ ଡାଳ ୨୦ ଫୁଟ ପର୍ଯ୍ୟନ୍ତ ଡେଇଁ ପାରୁଛନ୍ତି। ଭୋର୍, ପୂର୍ବାହ୍ନ ଓ ଅପରାହ୍ନରେ ଏମାନେ ଅଧିକ ସଂଖ୍ୟାରେ ବାହାରକୁ ଆସୁଛନ୍ତି। ପ୍ରାଣୀ ଉଦ୍ୟାନ ମଧ୍ୟରେ ଥିବା ଗଛଗୁଡ଼ିକରେ ବସା ବାନ୍ଧି ରହୁଥିବା ଏହି ବିରଳ ପ୍ରାଣୀଙ୍କୁ ବନ କର୍ମଚାରୀଙ୍କ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଉଛି। ଫଳରେ ଏଠାରେ ପ୍ରାୟ ୨୭ଟି ଇଣ୍ଡିଆନ ଜିଆଣ୍ଟ ସ୍କୁଇରେଲ୍ ରହୁଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏହି ମୂଷାଗୁଡିକ ବେଲ, ଆମ୍ବ, ପଣସ ଆଦି ବିଭିନ୍ନ ଫଳ, ଆମ୍ବ ଓ କୁସୁମ ଗଛର ପତ୍ର, ଶାଳଫୁଲ, ଅସନ ଗଛର ଫଳ ଖାଇଥାନ୍ତି। ପ୍ରାଣୀ ଉଦ୍ୟାନ ପରିସରରେ ବିଭିନ୍ନ ସ୍ଥାନରେ ଜୀବଜନ୍ତୁଙ୍କ ପାଇଁ ରହିଥିବା ଫଳ ଏମାନଙ୍କ ଆହାର ପାଲଟିଛି। ସେହିପରି ଢେଙ୍କାନାଳ-କପିଳାସ ରାସ୍ତା ପାର୍ଶ୍ୱରେ ଥିବା କପିଳାସ ଅଭୟାରଣ୍ୟରେ ମଧ୍ୟ ଏହି ପ୍ରଜାତିର ମୂଷା ଦେଖିବାକୁ ମିଳୁଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କହିଛନ୍ତି, ଓଡ଼ିଶାର ଶିମିଳିପାଳ ସମେତ ଅନ୍ୟ ଜିଲାରେ ଥିବା ଘନଜଙ୍ଗଲ, କପିଳାସ ଅଭୟାରଣ୍ୟ ଓ ପ୍ରାଣୀ ଉଦ୍ୟାନରେ ଏହି ପ୍ରାଣୀ ରହିଛନ୍ତି। ବନ ବିଭାଗ ପକ୍ଷରୁ ସୁରକ୍ଷା ଦିଆଯାଉଛି। ସକାଳେ ଓ ଅପରାହ୍ନରେ ଏମାନେ ଚଳଚଞ୍ଚଳ ରହୁଥିବାବେଳେ ମଧ୍ୟାହ୍ନରେ ଗଛ ଡାଳରେ ବିଶ୍ରାମ ନେଇଥାନ୍ତି ବୋଲି ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନିଆଁ ଲାଗି ଜଳିଗଲା ଘର

**ଦେଓଗାଁ,୧୧।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାପିପଲରେ ସୋମବାର ନିଆଁ ଲାଗି ଜଣେ ବ୍ୟକ୍ତିଙ୍କ ଘର ପୋଡି ପାଉଁଶ ହୋଇଯାଇଛି। ଗ୍ରାମର ନନ୍ଦିନୀ ଗୁରାଣ୍ଡି ଅପରାହ୍ନରେ ରୋଷେଇ କରୁଥିବା ସମୟରେ ଘରେ ନିଆଁ ଲାଗି ଯାଇଥିଲା। ଘର ଲୋକ ନିଆଁକୁ ଆୟତ୍ତ କରି ନ ପାରିବାରୁ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ଧାନ ଚାଉଳ, ମହୁଲ ଫୁଲ, କପଡ଼ା, ଆସବାବପତ୍ର ଆଦି ନଷ୍ଟ ହୋଇଯାଇଛି। ଖବରପାଇ ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଚାଉଳ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସମ୍ପୃକ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

### ନୂତନ ବାର୍ ହଲ୍ ଉଦ୍‌ଘାଟିତ



**ଟିଟିଲାଗଡ଼, ୧୧।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଓକିଲ ସଂଘର ବରିଷ୍ଠ ଓକିଲଙ୍କ ପାଇଁ ନବନିର୍ମିତ ବାର୍ ହଲ୍‌କୁ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତିମନ୍ତ୍ରୀ ଟୁକୁନି ସାହୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ସମୟରେ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ବେହେରା, ସମ୍ପାଦକ କାର୍ତ୍ତିକେଶ୍ୱର ଛତର, ଉପସଭାପତି ପଙ୍କଜ ପାଢ଼ୀ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢ଼ୀ, କୃଷ୍ଣଚନ୍ଦ୍ର ସାହୁ, ମୋହନଲାଲ ଜୈନ, କିଶୋର ସାହୁ, ରଞ୍ଜିତ ପୃଷ୍ଟି, କାଳିପ୍ରସାଦ ମୁଖାର୍ଜୀ, ମହେଶ ମହାନ୍ତି, ବିଶ୍ୱଜିତ ପାତ୍ରଙ୍କ ସମେତ ସମସ୍ତ ଓକିଲ ସଂଘର ସଦସ୍ୟ ଯୋଗ ଦେଇଥିଲେ। ପରେ ଓକିଲ ସଂଘ ସଦସ୍ୟମାନଙ୍କ ସହିତ ଏକ ଆଲୋଚନାରେ ଭାଗ ନେଇଥିଲେ।

### ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

**ଦେଓଗାଁ,୧୧।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁରେ ସୋମବାର ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ସିଆରସିସି ସଞ୍ଜୀବ ଷଡ଼ଙ୍ଗୀଙ୍କ ପରିଚାଳନାରେ ପ୍ରଥମେ ଦେଓଗାଁ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ନୀଳମଣି ଦୀପ, ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ମିଶ୍ର ପ୍ରମୁଖ ଯୋଗଦେଇ ରଥର ଶୁଭାରମ୍ଭ କରିଥିଲେ। ପରେ ଦେଓଗାଁ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ, ସିଆରସିସି ଜୟଦେବ ବିଶି ପ୍ରମୁଖଙ୍କ ଉପସ୍ଥିତିରେ ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା। ଏହି ରଥ ପ୍ରତିଗାଁକୁ ଯାଇ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଆସିବା ପାଇଁ ସଚେତନ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଲୋଇସିଂହା,୧୧।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ମୁରୁଣ୍ଡି ଗ୍ରାମରେ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ପ୍ରିୟଙ୍କା ଠାକୁର(୨୪)ଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ସୋମବାର ପ୍ରିୟଙ୍କା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୧୦୬/୨୨)ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅପରାଧ ଘଟାଇ ଆକ୍ରମଣକାରୀ ଫେରାର ହୋଇଛନ୍ତି। ପୋଲିସ ସୂଚନାମତେ, ସାଲେଭଟା ଗ୍ରାମର ପ୍ରିୟଙ୍କାଙ୍କୁ ମୁରୁଣ୍ଡି ଗ୍ରାମର ଆକାଶ ସାହୁ ପ୍ରେମ ବିବାହ କରି ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲିରେ ରହୁଥିଲେ। ହେଲେ ଗତ ଫେବୃୟାରୀରେ ଆକାଶ ତାଙ୍କୁ ଛାଡି କୁଆଡେ ଚାଲିଯାଇଥିଲେ। ସ୍ୱାମୀଙ୍କ ନିଖୋଜ ନେଇ ଡୁଙ୍ଗରିପାଲି ଥାନାରେ ଏତାଲା ଦେଇଥିଲେ ପ୍ରିୟଙ୍କା। ଏହାପରେ ଡୁଙ୍ଗରିପାଲି ପୋଲିସ ସହାୟତାରେ ମୁରୁଣ୍ଡି ଆସି ରହୁଥିଲେ ପ୍ରିୟଙ୍କା। ହେଲେ ରବିବାର ସନ୍ଧ୍ୟାରେ ଆକାଶଙ୍କ ଭାଇ ବିଷ୍ଣୁ ପ୍ରିୟଙ୍କାଙ୍କୁ ଗାଳିଗୁଲଜ କରିବା ସହ ମଦ ବୋତଲରେ ଆକ୍ରମଣ ଉଦ୍ୟମ କରିବା ବେଳେ ଗ୍ରାମର କେତେକ ଲୋକେ ବାଧା ଦେଇଥିଲେ। ଘଟଣାର କିଛି ସମୟ ପରେ ଗ୍ରାମର ସମ୍ପର୍କୀୟ ଦେଢ଼ଶୁର ନିରୋଜ ପଧାନ ସେଠାକୁ ଆସି ଏକ ବାଉଁଶ ଠେଙ୍ଗାରେ ପ୍ରିୟଙ୍କାଙ୍କୁ ପିଟିଥିଲେ। ଆଘାତ ହୋଇ ସେ ତଳେ ପଡି ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନ ଆଣିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡରେ ୬ଟି ଷ୍ଟିଚ ପଡିଥିବା ଏବଂ ବାମହାତ ଉଠାଇ ପାରୁ ନ ଥିବା ପ୍ରିୟଙ୍କା କହିଛନ୍ତି। ପ୍ରିୟଙ୍କାଙ୍କ ଅଭିଯୋଗ ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି ଏସଆଇ ନବୀନ ଭୋଇ।

# ଧାରଣା ପରେ ଚେତା ପଶିଲା

- ପାଇପ ଜଳଯୋଗାଣ ବିଭ୍ରାଟର ପ୍ରତିବାଦ କଲେ ଜନପ୍ରତିନିଧି
- ଟ୍ୟାଙ୍କର ସହାୟତାରେ ଜଳ ଯୋଗାଣ ଆରମ୍ଭ
- ଦୁଇଦିନ ମଧ୍ୟରେ ସମସ୍ୟ ସମାଧାନ ପ୍ରତିଶ୍ରୁତି

**ଦେଓଗାଁ,୧୧।୪(ଡି.ଏନ.ଏ.)**



ବିଡିଓଙ୍କ ଅଫିସ ଗୃହରେ ଧାରଣାରତ ଜନପ୍ରତିନିଧିମାନେ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର କେତେକ ଗାଁରେ ପାଇପ୍ ଜଳ ଯୋଗାଣରେ ବ୍ୟାଘାତ ଦେଖାଦେଇଛି। ବିଭାଗୀୟ ଅବହେଳା ପ୍ରତିବାଦରେ ସୋମବାର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଅର୍ଡାଗାଁର ଯୁବଗୋଷ୍ଠୀ ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ହାତିସରା ପଞ୍ଚାୟତ ସମିତି ସଭ୍ୟ ବିଶ୍ୱଜିତ ପାତ୍ରଙ୍କ ନେତୃତ୍ୱରେ ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ଗାଇବାହାଲ ସମିତି ସଭ୍ୟା ସଂଯୁକ୍ତା ସେଠ, ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ, ପୂର୍ବତନ ସମିତି ସଭ୍ୟ ଜନ୍ମେଜୟ ସାହୁ, ଯୁବନେତା ଭିକାରି ପଧାନ, ସମିର ସାହୁ, ନେତ୍ରାନନ୍ଦ ଦୀପ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ରତନପୁର, ନାଇକେନସିରା, ଅଏଁଲାପାଲି, ସିଆଲବାହାଲି, ମହଲାଇ ପଞ୍ଚାୟତର ବୁଦେଲଗୁମା, ବଗଡା, ଚନ୍ଦ୍ରପୁର ଓ ଜମାଦାରପାଲି ଆଦି ଗାଁରେ ବର୍ତ୍ତମାନ ଦେଖାଦେଇଥିବା ପାନୀୟ ଜଳ ସଙ୍କଟର ତ୍ୱରିତ ସମାଧାନ କରିବା ପାଇଁ ସେମାନେ ଦାବି କରିଥିଲେ। ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ବିଡିଓ ରାମଦତ୍ତ ଭୋଇଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମପଞ୍ଚାୟତ ଅଧିକାରୀ ପୁଷ୍ପାଞ୍ଜଳି ନାଏକ, ବିଭାଗୀୟ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ ଓ ଯନ୍ତ୍ରୀ(ଖ) ବନିତା ବେହେରା ଧାରଣାସ୍ଥଳକୁ ଆସି ବିଭାଗୀୟ ପଦକ୍ଷେପ ସ୍ୱରୂପ ଅର୍ଡା ଓ ଅଏଁଲାପାଲିକୁ ଟ୍ୟାଙ୍କର ସହାୟତାରେ ପାନୀୟ ଜଳ ଯୋଗାଣ ଆରମ୍ଭ କରିଥିଲେ। ଏଥିସହ ନାଇକେନସିରାକୁ ଯାଇ ଜଳଯୋଗାଣ ବ୍ୟବସ୍ଥାର ତଦାରଖ କରିଥିଲେ। ଦିନେ ଦୁଇଦିନ ମଧ୍ୟରେ ଅନ୍ୟ ସମସ୍ତ ଗାଁର ସମସ୍ୟା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସ୍କୁଲରେ ଉପସ୍ଥାନ ବୃଦ୍ଧି ପାଇଁ ସଚେତନତା



ଛାତ୍ରୀଛାତ୍ରମାନେ ଶୋଭଯାତ୍ରାରେ ଗାଁ ପରିକ୍ରମା କରୁଛନ୍ତି।

**କର୍ଲାମୁଣ୍ଡା,୧୧।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପ୍ରାଥମିକ ବିଦ୍ୟାଳୟଠାରେ କୈବଲ୍ୟା ଶିକ୍ଷା ଫାଉଣ୍ଡେଶନ ସାଥି ଟିମ ପକ୍ଷରୁ ସୋମବାର ଶିକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହଇଯାଇଛି। ଏଥିରେ କୈବଲ୍ୟା ଶିକ୍ଷା ଫାଉଣ୍ଡେଶନ ବ୍ଲକ ପରିଚାଳକ ଶାନ୍ତନୁ ମହାନ୍ତ, ବୋରପଦର ପଞ୍ଚାୟତ ସମିତି ସଭ୍ୟା ଆରତୀ ସାହୁ, ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସାହୁ, ଶିକ୍ଷକ ନିରଞ୍ଜନ ଭୋଇ, ଶିକ୍ଷକ ସଞ୍ଜୟ ସାହୁ, ଶିକ୍ଷକ ଶୁଭକେଶ୍ୱରୀ ଭୋଇ, ୱାର୍ଡମେମ୍ବର କେଶବ ଭୋଇ, ସ୍କୁଲ ସଭାପତି ପ୍ରେମଶଙ୍କର ମାଝି ଏବଂ ବୋରପଦରର ରୁଦ୍ରମଣି ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ବିଦ୍ୟାଳୟ ମୁହାଁ ପାରିବେ ଓ ଉପସ୍ଥାନ ବୃଦ୍ଧି ପାଇବ ସେ ଉପରେ ସଚେତନ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରାଯାଇଥିଲା।

# ବାର୍ଷିକ ଚୈତ୍ରଯାତ୍ରା, ମା' ଠାକୁରାଣୀଙ୍କ ଘଟ ପରିକ୍ରମା

**ଲାଞ୍ଜିଗଡ,୧୧।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ସୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ଦେବଦେବୀଙ୍କ ବାର୍ଷିକ ଚୈତ୍ରପର୍ବ ଶନିବାରଠାରୁ ଆରମ୍ଭ ହୋଇଛି ଏହା ୯ଦିନ ଧରି ଚାଲିଥିଲା। ଏହି ପର୍ବ ରାଜାରାଜୁଡା ଅମଳରୁ ପ୍ରଚଳିତ ହୋଇଥିବା ବେଳେ ବର୍ତ୍ତମାନ ମଧ ଏହା ସରଗରମର ସହିତ ପାଳନ ହେଉଛି। ଏଥିପାଇଁ ବିଭିନ୍ନ ସ୍ଥାନରେ ଅଲଗା ଅଲଗା ତିଥି ରହିଥିବା ବେଳେ ଲାଞ୍ଜିଗଡ ଅଞ୍ଚଳରେ ଗୋଟିଏ ତିଥିରେ ଚୈତ୍ରପର୍ବ ହୋଇଥାଏ । ଦେବୀଙ୍କ ଘଟଯାତ୍ରା ପାଇଁ ଗ୍ରାମଗୁଡିକୁ ଆଗୁଆ ସୂଚନା ଦିଆଯାଇଥାଏ। ସେଦିନ ଗ୍ରାମବାସୀ ନିଜ ଅଗଣାରେ ଝୁଟି ଆଙ୍କି ଝୁଣା, ପଣା, ନଡିଆ, କଦଳି ନୈବେଦ୍ୟ ଦେଇ ଦେବୀଙ୍କୁ ସ୍ୱାଗତ କରି ସନ୍ତୁଷ୍ଟ କରିଥାନ୍ତି। ରୋଗଶୋକ ଦୂର ପାଇଁ ଦେବୀଙ୍କୁ ପ୍ରାର୍ଥନା କରିଥାନ୍ତି। ଗତ ଶନିବାରଠାରୁ ଗ୍ରାମଗୁଡିକ ଉତ୍ସବ ମୁଖର ହୋଇଉଠିଥିଲା। ଦେବି ପୂଜକ ଲାଞ୍ଜିଗଡବାସୀଙ୍କ ସହଯୋଗ କାମନା କରି ଘଟ ପରିକ୍ରମା ଆରମ୍ଭ କରିଥିଲେ। ଚଳିତବର୍ଷ ଲାଞ୍ଜିଗଡର ଇଷ୍ଟଦେବି ଠାକୁରାଣୀଙ୍କ ଚୈତ୍ର ଘଟ ଶନିବାର ବାହାରିଥିଲା । ପରିକ୍ରମାରେ ବାହାରି ଥିବା ଦେବୀଙ୍କ ଘଟ ଲାଞ୍ଜିଗଡ ଅଞ୍ଚଳର ୩୫ରୁ ଉର୍ଦ୍ଧ୍ୱ ଗ୍ରାମ ପରିକ୍ରମା କରିବା ପରେ ଚଳିତ ବର୍ଷର ଚୈତ୍ର ଘଟଯାତ୍ରା ସୋମବାର ସମ୍ପନ୍ନ ହୋଇଥିବା ପୂଜକ ଜମ୍ବେବ ପୂଝାରୀ କହିଛନ୍ତି। ଲାଞ୍ଜିଗଡବାସୀଙ୍କ ସହଯୋଗକ୍ରମେ ରବିବାର ଦେବିଙ୍କ ଘଟଯାତ୍ରା ଭ୍ରମଣ ଗ୍ରାମ ଠାକୁରାଣୀଙ୍କ ମୁଖ୍ୟ ପୀଠରୁ ବାହାରି ବିଭିନ୍ନ ଗାଁକୁ ଯାଇ ଦର୍ଶନ ଦେଇଥିଲେ। ଦେବୀଙ୍କ ଘଟ ସହିତ ଶଙ୍ଖ, ଘଣ୍ଟ ଓ ବାଜାରେ ଲାଞ୍ଜିଗଡ ଦୁଲୁକି ଉଠୁଥିଲା। ୯ ଦିନ ବ୍ୟାପି ହେଉଥିବା ମା'ଙ୍କ ଏହି ଯାତ୍ରାକୁ ସୂଚାରୁ ରୁପେ ପାଳନ କରିବା ପାଇଁ ଘଟପର୍ବ କମିଟି ସମସ୍ତ ସଦସ୍ୟ ସହଯୋଗ ଜାରି ରଖିଥିଲେ।



ଦେବୀଙ୍କ ଘଟ କରିକ୍ରମା କରାଯାଉଛି।

### ଭୀମପାହାଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ,୧୧।୪(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମପାହାଡ଼ ପାଦଦେଶରେ ଭୀମପାହାଡ଼ ମହୋତ୍ସବ ପାଇଁପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ମେ ୩, ୪ ଓ ୫ ତାରିଖ ତିନିଦିନ ଧରି ମହୋତ୍ସବ ହେବା ପାଇଁ ସ୍ଥିରୀକୃତ ହୋଇଛି। ମହୋତ୍ସବ ପରିଚାଳନା ପାଇଁ ନୂତନ କମିଟି ସଭାପତି ଭାବେ ପ୍ରମୋଦ ବହିଦାର, ଉପସଭାପତି ଘନଶ୍ୟାମ ପଟେଲ, ସମ୍ପାଦକ ଗୋର୍ଦ୍ଧନସ ସାହୁ, କୋଷାଧ୍ୟକ୍ଷ ଅଭିମନ୍ୟୁ ମାଝି ପ୍ରମୁଖ ରହିଛନ୍ତି । ଉପଦେଷ୍ଟା ଭାବେ ବ୍ଲକ ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ ରହିଛନ୍ତି। ଜିଲା ପରିଷଦ ସଭ୍ୟା ସୁମତି ସେଠ, ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ଉପରଝର ସମିତି ସଭ୍ୟା ବୀଣାପାଣି ବିଶ୍ୱାଳ, ବଡ଼ବାହାଲ ସମିତି ସଭ୍ୟ ସୀତାରାମ ମିଶ୍ର, ଅନଙ୍ଗ ପଧାନ, ଜତନ ବାରିକ, ହୃଦାନନ୍ଦ ଗଧତ୍ୟା, କ୍ଷମା ମହାକୁର, ଦେବରାଜ ସାହୁଙ୍କ ସମେତ ବିଭିନ୍ନ ଗାଁର ନେତୃବୃନ୍ଦ ଉପସ୍ଥିତ ଥିଲେ । କରୋନା ପାଇଁ ଦୁଇବର୍ଷ ହେଲା ମହୋତ୍ସବ ବନ୍ଦ ରହିଥିଲା। ଚଳିତବର୍ଷ ମେ ପ୍ରଥମ ସପ୍ତାହରେ ଭୀମପାହାଡ଼ଠାରେ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

### ତାରିଣୀଙ୍କ ଚୈତ୍ରଯାତ୍ରା ଆରମ୍ଭ

**ବେଲପଡା, ୧୧।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡାତାରିଣୀ ପୀଠରେ ଚୈତ୍ର ଯାତ୍ରା ଆରମ୍ଭ ହୋଇଛି। ରବିବାର ୩୦୧ ମହିଳାପୁରୁଷ ଲାନ୍ଥନଦୀରୁ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସୋମବାର ସାକାଳ ୭ଟାରୁ ଚଣ୍ଡିପାଠ ଓ ପୂଜା ଆରମ୍ଭ ହୋଇଥିଲା। କର୍ତ୍ତାଭାବେ ଅରୁଣ ଜୈନ ଓ ତାଙ୍କ ଧର୍ମପତ୍ନୀ ଆଶା ଜୈନ ଦାୟିତ୍ୱ ନିର୍ବାହ କରୁଛନ୍ତି। କମିଟି ସଭାପତ ଜନାର୍ଦ୍ଦନସିଂ, ସ୍ଥାନୀୟ ସରପଞ୍ଚ ହରିଶ ବୁଡେକ, ସମ୍ପାଦକ ପିଣ୍ଟୁ କୁମାର ଜୈନ, ଜନାର୍ଦ୍ଦନ ସଂ, ବନମାଳି ହଂସ, ବଳ ରାଉତ, କାଳିଆ ଦେଓ ଓ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ପୂଜା ଚାଲିଛି।

# ଭଙ୍ଗାଘରେ ଦିନ ବିତାଉଛନ୍ତି ଗଣ୍ଡାରାମଙ୍କ ପରିବାର

### ୨୦୨୦ ବର୍ଷାରେ ଭାଙ୍ଗିଥିଲା ଘର

**ନୂଆପଡ଼ା ଅଫିସ,୧୧।୪**



ଗଣ୍ଡାରାମ ରହୁଥିବା ଭଙ୍ଗା ଘର।

କେନ୍ଦ୍ର ଓ ରାଜ୍ୟ ସରକାର ଦାରିଦ୍ର ସୀମାରେଖା ତଳେଥିବା ଅସହାୟ ଏବଂ ଗରିବ ପରିବାର ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଯୋଜନା ପହଞ୍ଚି ପାରୁନାହିଁ। ପ୍ରଶାସନିକ ଅଧିକାରୀଙ୍କ ଉଦାର ମନୋଭାବ ଯୋଗୁ ପ୍ରକୃତ ହିତାଧିକାରୀମାନେ ଯୋଜନାରୁ ବଞ୍ଚିତ ହେଉଛନ୍ତି। ପ୍ରତ୍ୟେକ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇ ଦିଆଯାଉଛି, କୌଣସି ଗାଁରେ ଛପର ଘର ରହିବ ନାହିଁ ବୋଲି ସରକାର କହୁଥିବା ବେଳେ ନୂଆପଡା ଜିଲା କୋମନା ବ୍ଲକରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। କୋମନା ବ୍ଲକ ଜଟଗଡ ଗ୍ରାମରେ ରହୁନ୍ତି ଗଣ୍ଡାରାମ ମାଝି (୪୫)। ସ୍ତ୍ରୀ କମଳେ ମାଝି (୪୦) ଏବଂ ୪ ଝିଅ ଗୋମତି (୨୧), କୁନ୍ତି (୧୫), ବିମଳା (୧୧) ଓ ରମାକାନ୍ତି (୬)ଙ୍କୁ ନେଇ ଗଣ୍ଡାରାମଙ୍କ ପରିବାର। ୨୦୨୦ରେ ଅତ୍ୟଧିକ ବର୍ଷା ଯୋଗୁ ଗଣ୍ଡାରାମଙ୍କ ଘର ଭାଙ୍ଗି ଯାଇଥିଲା। ଏ ନେଇ ସେ ସରପଞ୍ଚଙ୍କଠାରୁ ଆରମ୍ଭ କରି ଆରଆଇ, ତହସିଲଦାର, ବିଡିଓଙ୍କ ପାଖକୁ ଯାଇ ଲିଖିତ ଭାବେ ଜଣାଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ କୌଣସି ସୁଫଳ ମିଳିନାହିଁ। ଏତେ କାକୁତି ମିନତି ପରେ ମଧ୍ୟ ଘର ଖଣ୍ଡିଏ ନ ମିଳିବାରୁ ଭଙ୍ଗା ଦଦରା ଘରେ ପରିବାର ସହ ରହୁଛନ୍ତି। କେତେ ବେଳେ ଘର ଭାଙ୍ଗି ପଡିବ ତାହା କହିବା କଷ୍ଟକର। ବିପଦସଙ୍କୁଳ ଅବସ୍ଥାରେ ଥିବା ଘରେ ଜୀବନ ବିତାଉଥିବା ଗଣ୍ଡାରାମଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋନାରେ କିମ୍ବା ବିଜୁ ପକ୍କା ଘର ଯୋଜନାରେ ସାମିଲ କରି ଶୀଘ୍ର ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ଦାବି ହେଉଛି।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ସଇଁତଳା,୧୧।୪(ଡି.ଏନ୍.ଏ.)**




ଜନଶୁଣାଣି ବୈଠକରେ ମଞ୍ଚାସୀନ ଅଧିକାରୀ ଓ ଜନପ୍ରତିନିଧି।

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ବେଲଗାଁ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମୋନିକା ସିଂ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଚନ୍ଦ୍ରମଣି ନାଗ, ଜିପିଓ ଲକ୍ଷ୍ମଣ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ହେମେନ୍ଦ୍ର ନାଥ ମଲ୍ଲିକ, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ରୀତାରାଣୀ ହାତୀ, ହିମାଞ୍ଚଳ ବୁଡେକ ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଅଧିକାରୀମାନଙ୍କ ମନମୁଖି କାର୍ଯ୍ୟକ୍ରମ ଯୋଗୁଁ ହିତାଧିକାରୀମାନେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମରୁ ସୁଫଳ ପାଉ ନ ଥିବା ଅଭିଯୋଗ ହୋଇଥିଲା। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା ଥିବାବେଳେ ମେସିନ ଯୋଗେ କାମ କରାଯାଉଥିବାରୁ ଶ୍ରମିକମାନେ କାମ ପାଇ ପାରୁନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶ୍ରମିକ ନିଜ ଘର କାମ ସମାପ୍ତ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ଏମ୍‌ଜିଏନ୍‌ଆରଇଜିଏସ ବାବଦ ଅର୍ଥ ପଇଠ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଅଧିକାରୀ ରହୁ ନ ଥିବାରୁ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ବିଦ୍ୟୁତ୍ ବିଭାଗ ତରଫରୁ ଗ୍ରାହକଙ୍କୁ କୌଣସି ଆଗୁଆ ସୂଚନା ପ୍ରଦାନ କରା ନ ଯାଇ ସିଧାସଳଖ ସରବରାହ ବିଚ୍ଛିନ୍ନ କରାଯାଉଥିବାରୁ ଜନପ୍ରତିନିଧିମାନେ ଏହାର ସମାଧାନ କରିବାକୁ ଦାବି କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ବହୁ ଗରିବ ହିତାଧିକାରୀଙ୍କୁ ତୁରନ୍ତ ଚିହ୍ନଟ କରି ସାମିଲ କରିବାକୁ ଦାବି ଉଠିଥିଲା।

# ପାନୀୟ ଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

### ଜୁନାଗଡ଼ ଏନ୍‌ଏସି ପ୍ରଥମ ସାଧାରଣ ବୈଠକ

**ଜୁନାଗଡ,୧୧।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସିର ପ୍ରଥମ ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା,ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ଯନ୍ତ୍ରୀ ଅରୁଣ ବେହେରା, ପିଏଚ୍‌ଡି ଯନ୍ତ୍ରୀ ସୁଜିତ ପଟ୍ଟନାୟକଙ୍କ ସମେତ ସମସ୍ତ କାଉନସିଲର ଯୋଗଦେଇଥିଲେ। ଏନ୍‌ଏସିର ସମସ୍ତ ୱାର୍ଡରେ ଯେମିତି ଲୋକଙ୍କ ପାଖରେ ପାନୀୟ ଜଳ ପହଞ୍ଚି ପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଖରାପ ଥିବା ବୋରାୱେଲଗୁଡିକୁ ଯୁଦ୍ଧକାଳିନ ଭିତ୍ତିରେ ମରାମତି କରିବା ଓ ସହରର ଯେଉଁ ପଡାରେ ପିଇବା ପାଣିର ଅସୁବିଧା ରହିଛି ସେଠାରେ କିପରି ଲୋକଙ୍କୁ ପିଇବା ପାଣି ଯୋଗାଇ ଦିଆଯିବ ସେ ନେଇ ଅଧ୍ୟକ୍ଷଉପାଧ୍ୟକ୍ଷ, କାଉନସିଲରମାନେ ପିଏଚଡି ଯନ୍ତ୍ରୀଙ୍କୁ କହିଥିଲେ। ଏହାସହ ସହରରେ ଥିବା ରାସ୍ତାରଉନ୍ନତୀକରଣ, ଡ୍ରେନ ସମସ୍ୟା ସମାଧାନ ଓ ପରିମଳ ସ୍ୱଚ୍ଛ ଉପରେ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ଯେମିତି ପିଡିଏସ୍ ବଣ୍ଟନ କରାଯିବ ସେ ନେଇ ଅଧ୍ୟକ୍ଷ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମ ଯନ୍ତ୍ରୀ ଅରୂଣ ବେହେରା ପରିଚାଳନା କରିଥିଲେ।



ଜୁନାଗଡ଼ ଏନ୍‌ଏସିର ସାଧାରଣ ବୈଠକରେ ଉପସ୍ଥିତ ଅତିଥି ।

# ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଦାବିପତ୍ର

### ଦାବି ପୂରଣ ନ ହେଲେ ଶ୍ରମିକ ଦିବସରୁ ଆନ୍ଦୋଳନ

**ନୂଆପଡ଼ା ଅଫିସ,୧୧।୪**



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡା ଜିଲା ଶ୍ରମିକ ମହାସଂଘ ପକ୍ଷରୁ ସୋମବାର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସ୍ୱାଧାଦେବ ସିଂ ସହ ସାକ୍ଷାତ କରି ବିଭିନ୍ନ ଦାବି ନେଇ ଆଲୋଚନା କରିଥିଲେ। ଜିଲାର ନିର୍ମାଣ ଶ୍ରମିକ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦୨୧ ଅକ୍ଟୋବର ୪ରେ ଦିଆଯାଇଥିବା ଦାବିପତ୍ରକୁ ପୁଣି ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଯେତେ ଦାବିପତ୍ର ଓ ଆଲୋଚନା କଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ଦାବି ପୂରଣ କରାଯାଇ ନ ଥିବାରୁ ଶ୍ରମିକ ସଂଘ କ୍ଷୋଭ ପ୍ରକାଶ କରିଛି। ଏହାର ତୁରନ୍ତ ପଦେକ୍ଷପ ଗ୍ରହଣ କରା ନ ଗଲେ ଜିଲା ଶ୍ରମିକ ମହାସଂଘ ପୁଣି ଆନ୍ଦୋଳାତ୍ମକ ପଦେକ୍ଷପ ସହିତ ରାଜରାସ୍ତାକୁଓହ୍ଲାଇବାକୁସଂଘଚେତାବନୀ ଦେଇଛି। ନୂଆପଡା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ତୁରନ୍ତ ଖରିଆର ରୋଡରୁ ନୂଆପଡାକୁ ସ୍ଥାନାନ୍ତରିତ କରିବା, ନିର୍ମାଣ ଶ୍ରମିକଙ୍କ ବର୍ଷେ ହେବ ସମସ୍ତ କଲ୍ୟାଣ ଯୋଜନାର ପାଉଣା ଗୋଟିଏ ପ୍ରକାର ବନ୍ଦ ହୋଇ ଯାଇଛି। ତୁରନ୍ତ ପ୍ରଦାନ ପାଇଁ ପଦେକ୍ଷପ ନେବା, ଦାଦନ ମୁକ୍ତ ଜିଲା ପାଇଁ ପଦେକ୍ଷପ ଗ୍ରହଣ କରିବା ଇତ୍ୟାଦି ଦାବି ଉପରେ ଜିଲାପାଳଙ୍କ ସହିତ ଆଲୋଚନା ହୋଇଥିଲା। ଏହା ପରେ ମହାସଂଘ ପ୍ରତିନିଧି ଦଳ ଖରିଆର ରୋଡ ଯାଇ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲାଙ୍କ ସହିତ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପରବର୍ତ୍ତୀ ପଦେକ୍ଷପ ସ୍ୱରୂପ ପୂର୍ଣ୍ଣାଙ୍ଗ ବୈଠକ ଆଗାମୀ ସପ୍ତାହରେ ଡାକିବା ସହିତ ଏକ ପ୍ରତିନିଧି ଦଳ ଶୀଘ୍ର ଶ୍ରମମନ୍ତ୍ରୀ ଓ ଶ୍ରମ କମିଶନରଙ୍କୁ ସାକ୍ଷାତ କରି ଆଲୋଚନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସତ୍ତ୍ୱେ ମଧ୍ୟ କିଛି ସମାଧାନ ନ ହେଲେ ଆସନ୍ତା ଶ୍ରମିକ ଦିବସ ମେ ୧ ତାରଖରୁ ଅନିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ପ୍ରତିନିଧି ଦଳରେ ଶୁକ୍ଳାମ୍ବର ନିଆଲ, ଜ୍ଞାନେଶ୍ୱର ବାଗ, ଅନିରୁଦ୍ଧ ନାଗ, ଭକ୍ତଭନ୍ଧୁ ଧରୁଆ, ବଳଧର କେତକି, ଶୁକଦେବ ସାହୁ, ଟିକେଶ୍ୱର ପାଣ୍ଡେ ଓ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ଟ୍ରେଡ ୟୁନିୟନ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ହନୁମାନ ଜୟନ୍ତୀ ସକାଶେ ମୋଟର ସାଇକେଲ ଶୋଭାଯାତ୍ରା, ଗୋବିନ୍ଦତୋଲା ଛକ, ସନ୍ଧ୍ୟା ୫ଟା ।
- ବିଜୁ ପଟ୍ଟନାୟକ ପୁଣ୍ୟ ତିଥି ଲାଗି ପ୍ରସ୍ତୁତି ବୈଠକ, କାଇଁସିରସ୍ଥିତ ବିଜେଡି କାର୍ଯ୍ୟାଳୟ, ସନ୍ଧ୍ୟା ସାଢ଼େ ୫ଟା ।

## ସଂକ୍ଷେପରେ

### କୁଚିଣ୍ଡାରେ ୪୧ ଡିଗ୍ରୀ ଡେଇଁଲା ପାରଦ

**କୁଚିଣ୍ଡା,୧୧।୪(ଡି.ଏନ.ଏ.):** କୁଚିଣ୍ଡା ଉପଖଣ୍ଡରେ ଗ୍ରୀଷ୍ମ ପ୍ରବାହ ବଢ଼ିଚାଲିଥିବା ବେଳେ ସୋମବାର ପାରଦ ୪୧ଡିଗ୍ରୀ ଅତିକ୍ରମ କରିଛି। ଫଳରେ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଲୋକେ ପଦାକୁ ବାହାରିପାରୁ ନାହାନ୍ତି ଓ ଏଥିଯୋଗୁ ରାସ୍ତାଘାଟ ଖାଁ ଖାଁ ଲାଗୁଛି। ଟାଣ ଖରା ଯୋଗୁ ସରକାରୀ ଅଫିସରେ ଗହଳି ଦେଖିବାକୁ ମିଳୁ ନ ଥିବାବେଳେ ସରବତ ଓ ଥଣ୍ଡା ଦୋକାନୀଙ୍କ ବେପାର ବଢୁଥିବା ଦେଖାଯାଉଛି। ଅନ୍ୟପକ୍ଷେ ପ୍ରଚଣ୍ଡ ଖରାରେ ନଈ, ନାଳ, ପୋଖରୀ, ଗାଡିଆ ଶୁଖିବାକୁ ବସଲାଣି। ବିଭିନ୍ନ ଗାଁରେ ଜଳ ସଙ୍କଟ ଯୋଗୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।

### ରାମଚଣ୍ଡୀ ପୀଠରେ ବାସନ୍ତିକ ପୂଜା

**ସମ୍ବଲପୁର,୧୧।୪(ବ୍ୟୁରୋ):** ସମ୍ବଲପୁର ଠେମରା ଗ୍ରାମର ରାମଚଣ୍ଡୀ ପୀଠରେ ବାସନ୍ତିକ ପୂଜା ସମ୍ପନ୍ନ ହୋଇଛି। ଏଥିରେ ନବ କୁମାରୀ ମାନଙ୍କୁ ପୂଜା ସହ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ପଣ୍ଡିତ ବୀରୁପାକ୍ଷ ଚଣ୍ଡୀପାଠ ଓ ହୋମ ଯଜ୍ଞ କରିଥିଲେ। ଦୁଷ୍ମନ୍ତ ସ୍ୱାଇଁ ସହଧର୍ମିଣୀ ପ୍ରତିମା, ନୀଳାଦ୍ରି ବାରିକ ଓ ତନୁଜା, ରାମନାରାୟଣ ପ୍ରଧାନ ଓ ସୁମିତା, ଦୟାନିଧି ପ୍ରଧାନ ଓ ଦୟମନ୍ତି, ପ୍ରମୋଦ ପ୍ରଧାନ ଓ ଯାଜ୍ଞସିନୀ, ପ୍ରଶାନ୍ତ ବଢେଇ ଓ ହେମା, ଶ୍ରୀକାନ୍ତ ପ୍ରଧାନ ଓ ଲଳିତା, ସୁବାସ ପ୍ରଧାନ ଓ ନିରୁପମା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସାତପାଲି କୁଲତା ସମାଜ ଓ କର୍ମକର୍ତ୍ତା ପରିଚାଳନା ଓ ସହଯୋଗ କରିଥିଲେ ।

### ଜିଏମ୍‌ୟୁରେ ଶବ୍ଦଗଙ୍ଗା ଉନ୍ମୋଚିତ

**ସମ୍ବଲପୁର,୧୧।୪(ବ୍ୟୁରୋ):** ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସାରସ୍ୱତ ମାସିକ ମୁଖପତ୍ର ଶବ୍ଦଗଙ୍ଗା ସୋମବାର ଉନ୍ମୋଚିତ ହୋଇଛି। ବିଭାଗୀୟ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରା ଅଧ୍ୟକ୍ଷତା କରି ଶବ୍ଦଗଙ୍ଗାର ଐତିହାସିକ ଯାତ୍ରା, ସାରସ୍ୱତ ପରିସର, ସାହିତ୍ୟିକ ଓ ସାଂସ୍କୃତିକ ମୂଲ୍ୟବୋଧର ଅଭିବୃଦ୍ଧି ବିଷୟରେ ଆଲୋକପାତ କରିଥିଲେ। ଖବରଦାତା ତଫିଜୁଲ ହୁସେନ ସାହିତ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିବା ସହ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଛାତ୍ର ସୁଦର୍ଶନ ସାହୁ, ତୃପ୍ତି ଦାସ, ଜଗନ୍ନାଥ ମେହେର, ବର୍ଷାରାଣୀ ନନ୍ଦ, ସୀମା ଶତପଥି ବକ୍ତବ୍ୟ ରଖିଥିଲେ। ଶେଷରେ ସୁଜାତା ସା ଧନ୍ୟବାଦ ଦେଇଥିଲେ ।

### ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

**ରାଉରକେଲା ଅଫିସ,୧୧।୪:** ରାଉରକେଲା ଇସ୍ପାତ କାରଖାନାର ସ୍ୱଚ୍ଛତା ପକ୍ଷ ଉଦ୍‌ଯାପନୀ ଉତ୍ସବ ସହର ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଆରଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରକୁ ସ୍ୱଚ୍ଛ ଓ ସବୁଜ ରଖିବାରେ ସହଯୋଗ କରୁଥିବା ଗୋଷ୍ଠୀ ଗୁଡ଼ିକୁ ଅଭିନନ୍ଦନ ଜଣାଇଥିଲେ। ସହର ପ୍ରଶାସନ ବିଭାଗର ସିଜିଏମ୍ ଏ. କେ ନାୟକ, ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଡକ୍ଟର ବି. କେ ହୋତା, ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନଚାର୍ଜ ବୁଦ୍ଧଦେବ ସିଂହ ଓ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱଚ୍ଛତା ସ୍ୱାଭିମାନ ପୁରସ୍କାର ପ୍ରଦାନ କରାଯାଇଥିଲା।

### ନିଆଁ ଲାଗି ଜଳିଗଲା ଘର

**ଦେଓଗାଁ,୧୧।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାପିପଲରେ ସୋମବାର ନିଆଁ ଲାଗି ଜଣେ ବ୍ୟକ୍ତିଙ୍କ ଘର ପୋଡି ପାଉଁଶ ହୋଇଯାଇଛି। ଗ୍ରାମର ନନ୍ଦିନୀ ଗୁରାଣ୍ଡି ଅପରାହ୍ନରେ ରୋଷେଇ କରୁଥିବା ସମୟରେ ଘରେ ନିଆଁ ଲାଗି ଯାଇଥିଲା । ଘର ଲୋକ ନିଆଁକୁ ଆୟତ୍ତ କରି ନ ପାରିବାରୁ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ଧାନ ଚାଉଳ, ମହୁଲ ଫୁଲ, କପଡ଼ା, ଆସବାବପତ୍ର ଆଦି ନଷ୍ଟ ହୋଇଯାଇଛି। ଖବରପାଇ ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ଚାଉଳ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ପୁଣି ଫାଟିଲା ଓପିଜିସିର ପାଉଁଶ ପାଇପ୍

**ଝାରସୁଗୁଡ଼ା ଅଫିସ,୧୧।୪**



ଦ୍ୱିତୀୟ ଥର ପାଉଁଶ ପାଇପ୍ ଫାଟିବା ଫଳରେ ତରଳ ବର୍ଜ୍ୟବସ୍ତୁ ଗାଁ ପୋଖରୀରେ ପ୍ରବେଶ କରୁଛି ।

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ଇବ୍‌ଥର୍ମାଲ ପ୍ରକଳ୍ପରୁ ନିର୍ଗତ ହେଉଥିବା ତରଳ ବର୍ଜ୍ୟବସ୍ତୁ ପାଉଁଶ ପାଇପ୍ ଦ୍ୱିତୀୟଥର ପାଇଁ ସୋମବାର ଫାଟିଯାଇଛି। ଫଳରେ ତରଳ ବର୍ଜ୍ୟବସ୍ତୁ ପୋଖରୀ ଓ ଚାଷଜମିରେ ମାଡିଯାଇଛି।

ସୂଚନାଯୋଗ୍ୟ ଗତ ଶୁକ୍ରବାର ଏହି ପାଇପ୍ ଫାଟିଯିବା ଫଳରେ ପାର୍ଶ୍ୱବର୍ତ୍ତୀ ଗ୍ରାମ ବନହରପାଲି ପ୍ରଭାବିତ ହୋଇଥିଲା। ବର୍ଜ୍ୟବସ୍ତୁ ପାଉଁଶ ଗାଁ ପୋଖରୀ ଓ ଚାଷଜମିରେ ମାଡିଯିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ କରିଥିଲେ। କମ୍ପାନୀ ତରଫରୁ ତଦନ୍ତ କରାଯାଇ ପ୍ରତିକାର କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। କମ୍ପାନୀର ଏକ ସ୍ୱତନ୍ତ୍ର ଟିମ୍ ଗତ ଶନିବାର ଗ୍ରାମରେ ପହଞ୍ଚି ପୋଖରୀ ପୁନରୁଦ୍ଧାର ସାଙ୍ଗକୁ କ୍ଷତିପୂରଣ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ଏଭଳି ଘଟଣା ଯେଭଳି ନ ହେବ ସେ ନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାର ଦିନକ ପରେ ସୋମବାର ସକାଳେ ପୁଣି ପାଉଁଶ ପାଇପ୍ ଫାଟି ତରଳ ବର୍ଜ୍ୟବସ୍ତୁ ପୋଖରୀରେ ମିଶିଛି। ଗ୍ରାମବାସୀ ପହଞ୍ଚି କମ୍ପାନୀର ଏଭଳି କାର୍ଯ୍ୟକଳାପକୁ ବିରୋଧ କରିଥିଲେ। କମ୍ପାନୀ ଅଧିକାରୀ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ପାଇପ୍ ମରାମତି ପାଇଁ ପାଣି ଛଡାଯାଇଛି ବୋଲି କହିଥିଲେ। ଗ୍ରାମବାସୀ ପୂର୍ବରୁ କାହିଁକି ପ୍ରତିକାର କରାଗଲାନାହିଁ, ପାଉଁଶ ପାଣି ପୋଖରୀରେ କିଭଳି ପ୍ରବେଶ କଲାବୋଲି ପ୍ରଶ୍ନ କରିଥିଲେ। ଏଭଳି ପରିସ୍ଥିତିରେ ପୋଖରୀରେ ପାଉଁଶ ପାଣି ପ୍ରବେଶ ନ କରିବା ପାଇଁ କମ୍ପାନୀ ପକ୍ଷରୁ ଏକ ମାଟି ଆଡିବନ୍ଧ ନିର୍ମାଣ ଚାଲିଛି। ହେଲେ ଏହି ବନ୍ଧ ବର୍ଷାଋତୁରେ ପାଉଁଶ ପାଣିକୁ ଅଟକାଇପାରିବ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଖରୀ ମୁଣ୍ଡରେ ଆଡିବନ୍ଧ ନିର୍ମାଣ ହେବା ଫଳରେ ନିକଟରେ ଥିବା କେତେକ ବାସଗୃହ ପାଉଁଶ ପାଣିରେ ବୁଡିଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଓପିଜିସି ବିସ୍ଥାପିତ ଥଇଥାନ ସଂଗ୍ରାମ ସିମିତି ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ମିଳିତ ପ୍ରତିନିଧି ଦଳ ସୋମବାର ଜିଲା ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କୁ ଭେଟି ପ୍ରତିକାରପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏହି ପ୍ରତିନିଧି ଦଳରେ ସିପିଆଇ ନେତା ରମେଶ ତ୍ରିପାଠୀ, ଯୋଗେନ୍ଦ୍ର ମାଝି, ଗୌରଚନ୍ଦ୍ର କାଲୋ, ରବୀନ୍ଦ୍ର ବାରିକ ପ୍ରମୁଖ ରହିଥିଲେ। ଏ ନେଇ କମ୍ପାନୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରା କହିଛନ୍ତି, ସୋମବାର ପାଉଁଶ ପାଇପ୍ ଫାଟିନାହିଁ। ପୂର୍ବରୁ ଫାଟିଥିବା ପାଇପ୍ ମରାମତି ଚାଲିଥିବାବେଳେ ପାଣି ଛଡାଯାଇଥିଲା।

### ଗାଁ ପୋଖରୀରେ ପଶିଲା ତରଳ ବର୍ଜ୍ୟବସ୍ତୁ

## କଲେଜରେ ହୋମିଓପାଥି ଦିବସ

**ସମ୍ବଲପୁର,୧୧।୪(ବ୍ୟୁରୋ)**

ସମ୍ବଲପୁର ଦେବେଇପାଲିଠାରେ ଥିବା ଓଡ଼ିଶା ହୋମିଓପାଥି କଲେଜ ଓ ଗବେଷଣା କେନ୍ଦ୍ର ଏବଂ ଚିକିତ୍ସାଳୟରେ ସୋମବାର ହୋମିଓପାଥି ଦିବସ ପାଳିତ ହେଇଯାଇଛ। ଡାକ୍ତର ଖ୍ରିଷ୍ଟିଆନ ଫେଡରିକ ସାମୁଏଲ ହନିମେନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ସୁଧାଂଶୁ ଶେଖର ସିଂ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନର ସଫଳତା ବିଷୟରେ ଆଲୋକପାତ କରିଥିଲେ। ରାଉରକେଲା ହୋମିଓପାଥି କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅନୀଲ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ହୋମିଓପାଥିକୁ କିଭଳି ଲୋକମାନେ ବିଶ୍ୱାସ କରି ବ୍ୟବହାର କରିବେ ସେ ନେଇ ପରାମର୍ଶ ଦେଇଥିଲେ। ଛାତ୍ର କଲ୍ୟାଣ ସମିତି ସମ୍ପାଦକ ଆଶୁତୋଷ ମିଶ୍ର କଲେଜର ପରୀକ୍ଷା କିଭଳି ଠିକ ସମୟରେ କରାଯିବ ସେ ନେଇ ସୂଚନା ଦେଇଥିଲେ। ଏହି ଅବସରରେ କଲେଜର ବାର୍ଷିକ ପତ୍ରିକା ଉନ୍ମୋଚନ କରାଯାଇଥିଲା। ଛାତ୍ର କଲ୍ୟାଣ ସମିତି ଉପଦେଷ୍ଟା ଡାକ୍ତର ଜ୍ୟୋତି କୁମାର ସିଂ ଧନ୍ୟବାଦ ଦେଇଥିଲେ।

# ପରିସ୍ଥିତିର ମୁକାବିଲା ସଫଳତାର ଚାବିକାଠି

**ସମ୍ବଲପୁର,୧୧।୪ (ବ୍ୟୁରୋ)**



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ବିକାଶ ସ୍କୁଲର ୧୧ତମ ବାର୍ଷିକୋତ୍ସବ

ସମ୍ବଲପୁର ଶାସନସ୍ଥିତ ବିକାଶ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ପରିଚାଳକ ଜି. ଭାସ୍କର ରାଓ ଅଧ୍ୟକ୍ଷତା କରିଥିଲେ। ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରିଣୀ ଅଂଶୁ ପ୍ରଜ୍ଞା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ସଚେତନତା ଉପରେ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ନିଜ ବକ୍ତବ୍ୟରେ କହିଥିଲେ, ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ସବୁ ପରିସ୍ଥିତିର ମୁକାବିଲା କରିବା ହିଁ ସଫଳତାର ଚାବିକାଠି। ଏଥିପାଇଁ ଆମକୁ ସଚେତନ ହେବାକୁ ପଡ଼ିବ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରୀଙ୍କ ମନରେ ଅଭିନବ ଚେତନା ସୃଷ୍ଟି କରିବା ପାଇଁ କହିଥିଲେ। ଫାଷ୍ଟଷ୍ଟେପ୍ ଅଧକ୍ଷା ଭି. ଶୈଳଜା ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ନିଜ ନିଜ ଶିକ୍ଷାନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଏକାଡେମିକ ଅଫିସର ପୁଷ୍ପିତା ପଣ୍ଡା ଅତିଥିଙ୍କ ପରିଚୟ ଓ ବିକାଶ୍ ଗ୍ରୁପ୍‌ର ଏକାଡେମିକ ଡାଇରେକ୍ଟର ଜି. ରାମକୃଷ୍ଣ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାଇରେକ୍ଟର ଡ. ଏସ୍.ଏନ୍. ପଣ୍ଡା, ଡିନ୍ ପୀତାମ୍ବର ଦାଶ ଉପସ୍ଥିତ ଥିଲେ। ପରିଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ପଶ୍ଚିମ ଓଡ଼ିଶାର ଦୁଇଜଣ ବରପୁତ୍ର ସ୍ୱର୍ଗତଃ ଅଟଳ ବିହାରୀ ପଣ୍ଡା ଓ ସ୍ୱର୍ଗତଃ ମଙ୍ଗଳୁ ଚରଣ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଶତାଧିକ ଅଭିଭାବକ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ସାମାଜିକ ବିଶୃଙ୍ଖଳା ହେଲେ ପ୍ରଶାସନ ଦାୟୀ

**ସମ୍ବଲପୁର,୧୧।୪(ବ୍ୟୁରୋ)**

### ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ

ଚଳିତବର୍ଷ ମଧ୍ୟ ହନୁମାନ ଜୟନ୍ତୀ ଧୁମ୍‌ଧାମରେ ପାଳନ ହେବ। ଶୋଭାଯାତ୍ରା, ଆଳତି ସହ ପୂଜାର୍ଚ୍ଚନା କରାଯିବ। ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଆଖଡା କରାଯିବ। ନାଗାବାବା ଓ ପାରମ୍ପରିକ ନୃତ୍ୟ ଦଳ ସାମିଲ ହେବେ। ହେଲେ ପ୍ରଶାସନ ପକ୍ଷରୁ ଶୋଭାଯାତ୍ରାରେ କଟକଣା ଲଗାଯାଇଛି। ଏହା ହିନ୍ଦୁଧର୍ମ ବିରୋଧୀ। ଯଦି ହନୁମାନ ଜୟନ୍ତୀରେ କୌଣସି ଅଘଟଣ କିମ୍ବା ସାମାଜିକ ବିଶୃଙ୍ଖଳା ଘଟେ ତା'ହେଲେ ପ୍ରଶାସନ ଦାୟୀ ରହିବ ବୋଲି ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଆବାହକ ପ୍ରଦୀପ ବହିଦାର କହିଥିଲେ।

ସେ ଆହୁରି କହିଥିଲେ, ବିଗତ ବର୍ଷରେ ଜୟନ୍ତୀ ପାଳନ ବେଳେ କୌଣସି ଅଘଟଣ ହୋଇନାହିଁ। ସମିତି ଶାନ୍ତିଶୃଙ୍ଖଳା ରକ୍ଷାକରି ଓ ପ୍ରଶାସନକୁ ସହଯୋଗ କରି ଜୟନ୍ତୀ ପାଳନ କରିଆସୁଛି। କୋଭିଡ୍ ପରେ ପ୍ରଥମ କରି ଏହି ଉତ୍ସବ ପାଳନ କରାଯାଉଛି। ହେଲେ ପ୍ରଶାସନ ଏଥିରେ ରୋକ ଲଗାଉଛି। ଶୋଭାଯାତ୍ରାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରିବାର ନିୟମ ରହିଥିବାରୁ ତାହା ପାଳନ କରାଯିବ। ରାସ୍ତାରେ ଶୋଭାଯାତ୍ରା ଯିବା ଓ ଆଖଡା ପ୍ରଦର୍ଶନ କରିବା ଆଇନ ସଙ୍ଗତ। ହେଲେ ପ୍ରଶାସନ ଜାଣିଶୁଣି ରୋକ ଲଗାଇ ଅସନ୍ତୋଷର ବାତାବରଣ ସୃଷ୍ଟି କରୁଛି। ଚଳିତବର୍ଷ ଛତିଶଗଡର ଝଞ୍ଜ ବାଦ୍ୟ, ଛତିଶଗଡ ମହିଳା ଆଦିବାସୀ ନୃତ୍ୟ, ରାୟଗଡର ସମ୍ପ୍ରଦା ଓ ମୟୁରଝାଳ, ରେମେତାର ବାଡିନାଚ, ଅନୁଗୋଳର ବୀରବାଦ୍ୟ, ଦୁଲଦୁଲ ବାଜା ରହିବ। ଜୋନସ୍ତରୀୟ କମିଟି ନିଜ ଅଞ୍ଚଳରୁ ଶୋଭାଯାତ୍ରା କରି ଜିଲା ସ୍କୁଲ ଛକରେ ମୁଖ୍ୟ ଶୋଭାଯାତ୍ରା ସହ ସାମିଲ ହେବେ। ମହିଳାମାନେ ସାମୂହିକ ଆଳତି କରିବେ। ହନୁମାନ ଜୟନ୍ତୀ ପାଇଁ ଚାନ୍ଦା ଓ ଦାନ ସଂଗ୍ରହ କରାଯାଇଛି। ଆଗାମୀ ୧୦ ଦିନ ଭିତରେ ହିସାବ ସର୍ବସାଧାରଣ କରାଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ତଥା ସମିତି ସଭାପତି ଗିରିଷ ପଟେଲ, ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ବହିଦାର, ଉପଦେଷ୍ଟା ସତ୍ୟନାରାୟଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ଶିବ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସମନ୍ୱୟ ସମିତି କର୍ମକର୍ତ୍ତା।

## ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

**ନାକଟିଦେଉଳ,୧୧।୪(ଡ଼ି.ଏନ.ଏ.)**

ନାକଟିଦେଉଳ ଥାନା ହିଞ୍ଜାମୁରା ଗ୍ରାମରେ ଗତ ୨୨ତାରିଖ ରାତ୍ରିରେ ଘଟିଥିବା ସଂଘବଦ୍ଧ ଆକ୍ରମଣରେ ଗୁରୁତର ଆହତ ସୁରେଶ ସାହୁ (୪୧)ଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୁରେଶ ଝାରବେଡ଼ା ଗ୍ରାମ ନିକଟ ଜମିରେ ପନିପରିବା ଚାଷ କରିବା ସହ ସେଠାରେ ଘର କରି ରାତ୍ରି ସମୟରେ ରହୁଥିଲେ। ଗତ ମାର୍ଚ୍ଚ ୨୨ତାରିଖ ରାତ୍ରିରେ ସେ ଶୋଇଥିବା ବେଳେ କେତେଜଣ ବ୍ୟକ୍ତି ପହଞ୍ଚି ତାଙ୍କୁ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରଦିନ ମହୁଲ ଗୋଟାଇବାକୁ ଯାଉଥିବା ମହିଳା ମୁମୂର୍ଷୁ ଅବସ୍ଥାରେ ସୁରେଶଙ୍କୁ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ନାକଟିଦେଉଳ ଡ଼ାକ୍ତରଖାନା ନେବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୨/୨୨) ରୁଜୁ କରି ହିଞ୍ଜାମୁରା ଗ୍ରାମର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ସୁରେଶ ଡ଼ାକ୍ତରଖାନାରୁ ଫେରି ଘରେ ରହି ଚିକିତ୍ସିତ ହେଉଥିଲେ। ରବିବାର ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବୁର୍ଲା ମେଡ଼ିକାଲ ଫାଣ୍ଡିରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ନାକଟିଦେଉଳରେ ଶ୍ରୀରାମ ନବମୀ



ମନ୍ଦିରରେ ପୂଜା ପାଉଥିବା ଶ୍ରୀଜୀଉଙ୍କ ବିଗ୍ରହ।

**ନାକଟିଦେଉଳ,୧୧।୪(ଡ଼ି.ଏନ.ଏ.)**

କୋଭିଡ୍ କଟକଣା ଉଠିବା ପରେ ଚଳିତବର୍ଷ ନାକଟିଦେଉଳଠାରେ ପବିତ୍ର ଶ୍ରୀ ରାମ ନବମୀ ଧୁମ୍‌ଧାମରେ ପାଳିତ ହେଉଛି। ରବିବାର ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମତିଥି ଅବସରରେ ନାକଟିଦେଉଳ ଗ୍ରାମର ଶ୍ରୀ ରଘୁନାଥ ଜୀଉ ମନ୍ଦିରରୁ ମର୍ଯ୍ୟାଦାପୁରୁଷୋମ ପ୍ରଭୁ ଶ୍ରୀରାମ, ମାତା ସୀତା, ଭାଇ ଲକ୍ଷ୍ମଣ ଓ ଭକ୍ତ ହନୁମାନଙ୍କ ବିଗ୍ରହ ବେଢାକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଇଛି। ୧୦ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ୧୮ରେ ଉଦ୍‌ଯାପିତ ହେବ। ଏହି ଅବସରରେ ମନ୍ଦିର ବେଢାକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରତ୍ୟହ ବୈଦିକ ନୀତିକାନ୍ତି ଅନୁସାରେ ପୂଜା, ହୋମକାର୍ଯ୍ୟ ସହ ରାମାୟଣ ପାଠ କରାଯାଉଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଦୀପଦାନ କରି ପୂଜାର୍ଚ୍ଚନା କରୁଥିବା ଦେଖାଯାଉଛି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରଙ୍ଗୋଲି ପ୍ରତିଯୋଗିତା

**ସମ୍ବଲପୁର,୧୧।୪(ବ୍ୟୁରୋ)**

ସମ୍ବଲପୁର ଜିଲା ଧନକଉଡ଼ା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ସେମବାର ସ୍ୱଚ୍ଛତା, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା ଶୀର୍ଷକ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ସମିତିର ଦିଲୀପ କୁମାର ନନ୍ଦଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୧୮ଟି ମହିଳା ଆରୋଗ୍ୟ ସମିତି ଓ ୫ଟି ସ୍ୱୟଂ ସହାୟକ ଦଳ ଭାଗ ନେଇଥିଲେ। ଆରୋଗ୍ୟ ସମିତି ସଦସ୍ୟ ହୀରାଲାଲ ବେହେରା ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ସମଲେଇପଦର ପ୍ରଥମ ସ୍ଥାନ ଅଧିକାର କରିଥିଲ। ସେହିପରି ସମ୍ପୂର୍ଣ୍ଣା ଆରୋଗ୍ୟ ସମିତି ଦ୍ୱିତୀୟ ଓ ଗୌରାଙ୍ଗ ମହିଳା ସମିତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ରାମଚନ୍ଦ୍ର ରାଉତ, ସୋନାଲି ପ୍ରଧାନ, ବିନି ପ୍ରଧାନ, ରାମ ଚାରଦିଆ, ତପସ୍ୱିନୀ କୁମ୍ଭାର, କମଳା ସାହୁ, ଛବିଳ ମଲ୍ଲିକ ସହଯୋଗ କରିଥିଲେ।

## ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

**ଦେଓଗାଁ,୧୧।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁରେ ସୋମବାର ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ସିଆରସିସି ସଞ୍ଜୀବ ଷଡ଼ଙ୍ଗୀଙ୍କ ପରିଚାଳନାରେ ପ୍ରଥମେ ଦେଓଗାଁ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ନୀଳମଣି ଦୀପ, ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ମିଶ୍ର ପ୍ରମୁଖ ଯୋଗଦେଇ ରଥର ଶୁଭାରମ୍ଭ କରିଥିଲେ।

# ଫାଶୀମାଲ କନ୍ୟାଶ୍ରମରେ ସ୍ୱାସ୍ଥ୍ୟ ସଚେତନତା

**ଜମନକିରା,୧୧।୪(ଡି.ଏନ.ଏ.)**

ଜମନକିରା ବ୍ଲକ ଅନ୍ତର୍ଗତ ଫାଶୀମାଲ କନ୍ୟାଶ୍ରମ ସ୍କୁଲରେ ସ୍ୱାସ୍ଥ୍ୟ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ସମସ୍ତ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଆୟୋଜକମାନେ ପ୍ରକାଶ କରିଥିଲେ। ଫାଶୀମାଲ ସାସ୍ଥ୍ୟକେନ୍ଦ୍ର ବିପିଏମ୍ ଜିତେନ୍ଦ୍ର ନନ୍ଦ ଶିବିର ପରିଚାଳନା କରିଥିଲେ। କେନାଡିପା ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ନିରୁପମା ମହାପାତ୍ର ଓ ପ୍ରଦୀପ ପ୍ରଧାନ ତାଲିମ ପ୍ରଦାନ କରିଥିଲେ। ଡିଇଓ ଶମ୍ଭୁନାଥ ସାହୁ ପ୍ରୋଜେକ୍ଟର ମାଧ୍ୟମରେ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ।



ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

# କୁଚିଣ୍ଡା ଉପଖଣ୍ଡ: ବେଆଇନ ମଦ କାରବାର

**କୁଚିଣ୍ଡା,୧୧।୪(ଡି.ଏନ.ଏ.)**

### ସରକାରଙ୍କ ରାଜସ୍ୱ ହାନି

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଲାଇସେନ୍ସପ୍ରାପ୍ତ ଦୋକାନ ତୁଳନାରେ ବେଆଇନ ଦୋକାନ ସଂଖ୍ୟା ବହୁ ଅଧିକ। ଅବକାରୀ ବିଭାଗ ଏହା ଜାଣୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜୁଥିବା ଅଭିଯୋଗ ହେଉଛି। ଏହା ଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେଉଛି।

ମିଳିଥିବା ସୂଚନା ଅନୁଯାୟୀ ଏହି ଉପଖଣ୍ଡରେ ଲାଇସେନ୍ସପ୍ରାପ୍ତ ଦେଶୀ ମହୁଲି ମଦ ଭାଟି କୁଚିଣ୍ଡା, କୁସୁମୀ, ଖଡିଆମୁଣ୍ଡା, ଜମନକିରା, ଫାସିମାଲ, ସାହାଜବାହାଲ(କେ), ସାହାଜବାହାଲ(ଜେ), କେଛୁପାଣି, ଗଡପୋଷ, ଜରାବଗାଠାରେ ରହିଛି। ସେହିପରି ସାତକମା, ତେଲିଟିଲେଇମାଲ, ବଡବାହାଲ, ଗୋଛରା, ବମ୍ଲେଇ ଓ ଉଚ୍ଚକାପାଟଠାରେ ଏହାର ଶାଖା ମଦ ଦୋକାନ ରହିଛି। ଅନ୍ୟପକ୍ଷେ କୁଚିଣ୍ଡା, ଜମନକିରା, କେଶାଇବାହାଲ, ବାମରା ଓ ଗଡପୋଷଠାରେ ବିଦେଶୀ ମଦ ଦୋକାନ ରହିଛି। ସରକାର ପ୍ରତି ଦେଶୀ ମଦଭାଟିରୁ ମାସିକ ୪ରୁ ୫ ଲକ୍ଷ ଟଙ୍କା ରାଜସ୍ୱ ପାଇଥାନ୍ତି। ସେହିପରି ଶାଖା ଦୋକାନରୁ ୧ ଲକ୍ଷ ଟଙ୍କା ହିସାବରେ ରାଜସ୍ୱ ମିଳିଥାଏ। ଏହାଛଡା ବିଦେଶୀ ମଦ ଦୋକାନରୁ ମାସିକ ୫ଲକ୍ଷ ଟଙ୍କା ମିଳିଥାଲ। ଏସବୁକୁ ମିଶାଇ ସରକାର ଉପଖଣ୍ଡରୁ ମାସିକ ୫କୋଟି ହିସାବରେ ବାର୍ଷିକ ପ୍ରାୟ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ପାଉଛନ୍ତି। ମାତ୍ର ଉପଖଣ୍ଡର ବିଭିନ୍ନ ଗାଁରେ ମଦବିକ୍ରି ହେଉଥିବାରୁ ସରକାର ପାଉଥିବା ରାଜସ୍ୱଠାରୁ ଦୁଇଗୁଣ ହାନି ହେଉଥିବା କୁହାଯାଉଛି।

ମଦଭାଟି ମାଲିକମାନେ ଅବକାରୀ ବିଭାଗକୁ ହାତ କରି ଭାଟିରୁ କମ୍ ଉତ୍ପାଦନ ଦର୍ଶାଇ ଅଧିକ ମଦ ଉତ୍ପାଦନ କରି ଗାଁକୁ ଯୋଗାଣ କରି ରାଜସ୍ୱ ଫାଙ୍କୁଥିବା ଅଭିଯୋଗ ହେଉଛି। ଏପରି କି ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ ଷ୍ଟୋର କରି ସେଠାରୁ ଗାଁ ଅଞ୍ଚଳକୁ ଯୋଗାଣ କରୁଥିବା ଦେଖିବାକୁ ମିଳୁଛି। ଉପଖଣ୍ଡରେ ୫ଶହରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ରହିଥିବା ବେଳେ ମଦଭାଟି ମାଲିକ ଗାଁ ମୁଖିଆଙ୍କୁ ପ୍ରଭାବିତ କରି ଉପଖଣ୍ଡର ବିଭିନ୍ନ ଗ୍ରାମରେ ଦୋକାନ ଖୋଲି ମଦବିକ୍ରି କରୁଛନ୍ତି। ହେଲେ ଅବକାରୀ ବିଭାଗ ଲୋକ ଦେଖାଣିଆ ଦେଶୀ ମଦ ବିକ୍ରି ଉପରେ ଚଢାଉ କରି ମାମଲା ରୁଜୁ କରୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ ଛକ, ପାନ ଦୋକାନ ଓ ଗାଁରେ ଥିବା କିରାନା ଦୋକାନରେ ବିଦେଶୀ ମଦ ବିକ୍ରି ହେଉଛି। ଏ ସମ୍ପର୍କରେ କୁଚିଣ୍ଡା ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝିଙ୍କୁ ପଚାରିବାରୁ ସେ ସରକାରୀ ରାଜସ୍ୱ ସମ୍ପର୍କରେ କୌଣସି ତଥ୍ୟ ଦେବାକୁ ମନା କରି ଗାଁଗୁଡିକରେ ଚାଲିଥିବା ବେଆଇନ ମଦ ଦୋକାନ ମଦଭାଟି ଓ ଗାଁର ବୁଝାମଣାରେ ଚାଲିଥିବା କହି ନିଜ ଉପରୁ ଦୋଷ ଛଡାଇଛନ୍ତି।

## ଟୁଇଟର ବୋର୍ଡରେ ସାମିଲ ହେବେନି ମସ୍କ

**ନୂଆଦିଲ୍ଲୀ:** ଟେସ୍‌ଲା ସିଇଓ ଏଲନ୍ ମସ୍କ, ମାଇକ୍ରୋ ବ୍ଲଗିଂ ସାଇଟ୍ 'ଟୁଇଟର' ବୋର୍ଡରେ ସାମିଲ ହେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଟୁଇଟର ଶେୟାର କ୍ରୟ କରିବା ପରଠାରୁ ମସ୍କ ବୋର୍ଡରେ ସାମିଲ ହେବା ନେଇ ଚର୍ଚ୍ଚା ଚାଲୁ ରହିଥିଲା। ତେବେ ଟୁଇଟର ସିଇଓ ପରାଗ ଅଗ୍ରୱାଲ ଏକ ଟୁଇଟ୍ ମାଧ୍ୟମରେ ମସ୍କ ବୋର୍ଡରେ ସାମିଲ ହେବା ଖବରକୁ ଖଣ୍ଡନ କରିଛନ୍ତି। ତେବେ କମ୍ପାନୀକୁ ସବୁବେଳେ ମସ୍କଙ୍କ ପରାମର୍ଶର ଆବଶ୍ୟକତା ରହିଥିବା କଥା ଅଗ୍ରୱାଲ କହିଛନ୍ତି।

### ସଂକ୍ଷେପରେ

## ୩ ବର୍ଷରେ ସର୍ବାଧିକ ଇନ୍ଧନ ଚାହିଦା

**ନୂଆଦିଲ୍ଲୀ, ୧୧।୪:** ବର୍ତ୍ତମାନ ଇନ୍ଧନର ଚାହିଦା ମହାମାରୀ ପୂର୍ବର ବିକ୍ରି ସହ ସମାନ ହୋଇଛି। ଫଳସ୍ୱରୂପ ଇନ୍ଧନ ଚାହିଦାରେ ୪.୨% ବୃଦ୍ଧିସ୍ୱରୂପ, ୩ବର୍ଷରେ ସର୍ବାଧିକ ରହିଛି। ଦେଶର ତୈଳ ମନ୍ତ୍ରଣାଳୟର ପେଟ୍ରୋଲିୟମ ଯୋଜନା ଏବଂ ବିଶ୍ଳେଷଣ ସେଲ୍ ପକ୍ଷରୁ ସୋମବାର ଦିଆଯାଇଥିବା ସୂଚନାରୁ ଏହା ଜଣାପଡ଼ିଛି। ତଥ୍ୟ ଅନୁସାରେ, ମାର୍ଚ୍ଚ ୨୦୨୨ରେ ପେଟ୍ରୋଲିୟମ ଉତ୍ପାଦର ମୋଟ୍ ବିକ୍ରି ୧.୯୪ କୋଟି ଟନ୍ (୧୯.୪୧ ମିଲିୟନ ଟନ୍) ରହିଛି। ଏହି ବିକ୍ରି ପରିମାଣ ୨୦୨୯ ମାର୍ଚ୍ଚ ପରେ ସର୍ବାଧିକ। ଏହାଛଡ଼ା ପୂର୍ବରୁ ତୈଳ ଦର ବୃଦ୍ଧି ଆଶଙ୍କା କରି ଷ୍ଟକ୍ ରଖିବା ଉଦ୍ଦେଶ୍ୟରେ ମାର୍ଚ୍ଚରେ ଅଧିକ ତୈଳ ବିକ୍ରି ହୋଇଥିବା ରିପୋର୍ଟରେ କୁହାଯାଇଛି।

## ହ୍ରାସ ପାଇଲା ଶେୟାର ବଜାର

**ମୁମ୍ବାଇ, ୧୧।୪:** ସପ୍ତାହର ପ୍ରଥମ କାରବାର ଦିନ ଅର୍ଥାତ୍ ସୋମବାର ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଦିନରେ ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ହ୍ରାସ ପରିଲକ୍ଷିତ ହୋଇଛି। ଦିନରେ ସେନ୍‌ସେକ୍ସରେ ୪୮୨.୬୧ ଅଙ୍କ (୦.୮୧%) ହ୍ରାସ ଘଟିଥିବା ବେଳେ ନିଫ୍ଟିରେ ୧୦୯.୪୦ ପଏଣ୍ଟ (୦.୬୨%) ହ୍ରାସ ପରିଲକ୍ଷିତ ହୋଇଛି। ଫଳସ୍ୱରୂପ ସେନ୍‌ସେକ୍ସ ୫୮,୯୬୪.୫୭ ଏବଂ ନିଫ୍ଟି ୧୭,୬୭୪.୯୫ ସୂଚକାଙ୍କରେ ବନ୍ଦ ହୋଇଛି। ଦିନରେ ଆଇଟି, ବ୍ୟାଙ୍କ୍ ଏବଂ ଫାଇନାନ୍ସିଆଲ ଶେୟାରରେ ବିଶେଷ ଚାପ ଦେଖିବାକୁ ମିଳିଥିଲା। ଏହାଛଡ଼ା ଅଟୋ, ଫାର୍ମା, ଏଫ୍‌ଏମ୍‌ସିଜି ସୂଚକାଙ୍କ ଲାଲ୍ ସଙ୍କେତରେ ବନ୍ଦ ହୋଇଛି। ତେବେ ମେଟାଲ ଏବଂ ରିଅଲିଟି ଇନ୍‌ଡେକ୍ସ ସବୁଜ ସଙ୍କେତରେ ବନ୍ଦ ହୋଇଛି। ଦିନର ଟପ୍ ଲୁଜର୍ସ ତାଲିକାରେ ଏଚ୍‌ସିଏଲ୍‌ଟେକ୍, ଏଲ୍‌ଟି, ଇନ୍‌ଫି, ୱିପ୍ରୋ, ଏସିଆନ୍‌ପେଣ୍ଟ, ଏଚ୍‌ଡିଏଫ୍‌ସି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଥିବା ବେଳେ ଗେନର୍ସ ତାଲିକାରେ ଆଇସିଆଇସିଇ ବ୍ୟାଙ୍କ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ୍ ଏବଂ ଏନ୍‌ଟିପିସି ରହିଛନ୍ତି।

# ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌କୁ ମିଳିଲା ପରିବେଶ ମଞ୍ଜୁରୀ

ଭୁବନେଶ୍ୱର,୧୧।୪(ବ୍ୟୁରୋ)/ କୁଜଙ୍ଗ(ଡି.ଏନ୍.ଏ.)



- ପ୍ରତିଷ୍ଠା ହେବ ୬୫ ହଜାର କୋଟିର ମେଗା ଷ୍ଟିଲ୍ ପ୍ଲାଣ୍ଟ
- ସୃଷ୍ଟି ହେବ ୭୨ ହଜାର ନିଯୁକ୍ତି ସୁଯୋଗ

ଜଗତ୍‌ସିଂହପୁର ଜିଲା କୁଜଙ୍ଗଠାରେ ପ୍ରସ୍ତାବିତ ୧୩.୨ ନିୟୁତ ଟନ୍ କ୍ଷମତାବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍(ଜେୟୁଏସ୍‌ଏଲ୍)କୁ ମଞ୍ଜୁରୀ ମିଳିଛି। ସୋମବାର କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ଫଳରେ ରାଜ୍ୟରେ ପ୍ରାୟ ୭୨ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବା ସହ ରାଜ୍ୟ ଅର୍ଥନୀତିକୁ ଏକ ଶକ୍ତି ମିଳିବ ବୋଲି ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଏହି ଅତ୍ୟାଧୁନିକ, ସବୁଜ ଏବଂ ପରିବେଶ ଅନୁକୂଳ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୬୫ ହଜାର କୋଟି ଟଙ୍କା ବ୍ୟୟ ହେବା ନେଇ ଆକଳନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଯୋଗାଇଦେବା ମାତ୍ରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଦେଶର ସର୍ବବୃହତ୍ ମ୍ୟାନୁଫାକ୍ଚରିଂ ପ୍ରକଳ୍ପ ମଧ୍ୟରୁ ଏହି ପ୍ରକଳ୍ପ ଅନ୍ୟତମ। ଜନଶୁଣାଣି ସଫଳତାର ସହ ଶେଷହେବା ପରେ ଦେଶର ଏହି ସର୍ବବୃହତ୍ ପ୍ରକଳ୍ପକୁ ପରିବେଶ ମନ୍ତ୍ରଣାଳୟ ପରିବେଶ ମଞ୍ଜୁରୀ ଦେଇଛି।

ଜେୟୁଏସ୍‌ଏଲ୍ ନିଜର ସାମାଜିକ ଦାୟିତ୍ୱବୋଧ ପାଇଁ ବଜେଟ ବ୍ୟବସ୍ଥା କରିଛି। ଏଥିରେ ଜନସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ସାମାଜିକ ଭିତ୍ତିଭୂମି, ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ, ପାନୀୟ ଜଳ, ମହିଳା ସଶକ୍ତୀକରଣ ଭଳି କାର୍ଯ୍ୟ ପାଇଁ କମ୍ପାନୀ ପକ୍ଷରୁ ଅର୍ଥ ବିନିଯୋଗ କରାଯିବ। ଏଥିସହିତ କମ୍ପାନୀ ଏନ୍‌ଭାଇରନ୍‌ମେଣ୍ଟାଲ ଇମ୍ପାକ୍ଟ ଆସେସ୍‌ମେଣ୍ଟ(ଇଆଇଏ) ଅନୁଯାୟୀ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ନେଇ ସୂଚନା ଦିଆଯାଇଛି। ୨୦୩୦ ସୁଦ୍ଧା ଅଙ୍ଗାରକାମ୍ଳଶୂନ୍ୟ କରିବା ପାଇଁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ୨୦୨୧ରେ ବିଶ୍ୱ ଇସ୍ପାତ ଶିଳ୍ପକୁ ଫାଷ୍ଟ ସଷ୍ଟେନେବିଲିଟି ଲିଙ୍କ୍‌ଡ ୟୁଏସ୍ ଡଲାର ବଣ୍ଡ ପ୍ରଦାନ କରିଛି। ଭାରତର ପ୍ୟାରିସ୍ ରାଜିନାମା ଅନୁଯାୟୀ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟ ଜାରି ରଖିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ଏହି ପ୍ରକଳ୍ପରେ ଏକ ୯୦୦ ମେଗା ୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ଏବଂ ୫୨ ଏମ୍‌ଟିପିଏ ହ୍ୟାଣ୍ଡଲିଂ କ୍ଷମତାବିଶିଷ୍ଟ କ୍ୟାପ୍ଟିଭ୍ ଜେଟି ମଧ୍ୟ ରହିଛି। ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଟର୍ମ ଅଫ୍ ରେଫରେନ୍ସ (ଟିଓଆର୍) ନିମନ୍ତେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ନିକଟରେ ଆବେଦନ କରିଥିଲା। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁର ଚେୟାରମ୍ୟାନ୍ ଏବଂ ଏମ୍‌ଡି ସଜ୍ଜନ ଜିନ୍ଦଲ କହିଛନ୍ତି, ରାଜ୍ୟବାସୀଙ୍କ ଦକ୍ଷତା ଏବଂ ନେତୃତ୍ୱରେ ଓଡ଼ିଶାର ଅଭିବୃଦ୍ଧି କାହାଣୀ ଆଗେଇବ ବୋଲି ଜେଏସ୍‌ଡବ୍ଲ୍ୟୁର ପୂର୍ଣ୍ଣ ବିଶ୍ୱାସ ରହିଛି। ଖଣିଜ ସମ୍ପଦର ପ୍ରଚୁର ଉପଲବ୍ଧତା ସହ ଓଡ଼ିଶା ଭବିଷ୍ୟତରେ ୨୦୦ ମିଲିୟନ୍ ଟନ୍ ଷ୍ଟିଲ୍, ୧୫ ମିଲିୟନ ଟନ୍ ଆଲୁମିନିୟମ, ୪୦୦ ମିଲିୟନ ଟନ୍ ଲୁହାପଥର ଏବଂ ୨୫୦ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିବାର କ୍ଷମତା ରଖିଛି। ଲୁହାପଥର ଏବଂ କୁଶଳୀ ଶ୍ରମିକଙ୍କ ଘରୋଇ ଉପଲବ୍ଧତା ଯୋଗୁ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଆସନ୍ତା ୫ ବର୍ଷ ମଧ୍ୟରେ ଭାରତ ଭିତ୍ତିଭୂମି ନିର୍ମାଣରେ ୧୦୦ ଟ୍ରିଲିୟନ୍ ଟଙ୍କା ବିନିଯୋଗ କରିବାକୁ ଘୋଷଣା କରିଛି।

# କଲ୍ୟାଣ ଜୁଏଲର୍ସର ସମର ସ୍ୱତନ୍ତ୍ର

ନୂଆଦିଲ୍ଲୀ,୧୧।୪



ଦେଶର ଅଗ୍ରଣୀ ଗହଣା ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସ ପକ୍ଷରୁ ସାରା ଦେଶରେ ଏହାର ଗ୍ରାହକମାନଙ୍କ ଲାଗି ସମର ସ୍ୱତନ୍ତ୍ର 'ଗ୍ରୀଷ୍ମ ବୋନାଞ୍ଜା' ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଏହାର ଗ୍ରାହକମାନେ ସୁନାଠାରୁ ହୀରା, ଅନ୍‌କଟ୍ ଓ ମୂଲ୍ୟବାନ୍ ଷ୍ଟୋନ୍‌ର ବିଭିନ୍ନ ଗହଣା ଆଦିର କ୍ରୟ ଉପରେ ସର୍ବାଧିକ ମୂଲ୍ୟ ପାଇପାରିବେ। ଏହି ସ୍ୱତନ୍ତ୍ର ଅଫର ଜରିଆରେ ଗ୍ରାହକମାନେ ସୁନା ମୂଲ୍ୟ ଉପରେ ତତ୍କାଳ ସଞ୍ଚୟ ସୁବିଧା ମଧ୍ୟ ପାଇପାରିବେ। ଏପରିକି ସୁନା,ହୀରା ଓ ମୂଲ୍ୟବାନ୍ ଷ୍ଟୋନ୍ ଅଳଙ୍କାର ଆଦିର ସମସ୍ତ ଡିଜାଇନର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ଗ୍ରାହକମାନେ ପାଇପାରିବେ। ଏହି ଦୁଇ ମେଗା ଅଫର ବ୍ୟତୀତ ସ୍ୱତନ୍ତ୍ର ଶପିଙ୍ଗ ଋତୁରେ ୩୦୦ଭାଗ୍ୟଶାଳୀ ବିଜେତାଙ୍କୁ ଉପହାର ସ୍ୱରୂପ କଲ୍ୟାଣ ଜୁଏଲର୍ସରୁ ସ୍ୱତନ୍ତ୍ର ଏଡିସନ ସ୍ୱର୍ଣ୍ଣ ମୁଦ୍ରା ପାଇପାରିବେ। ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି, ସାରା ଦେଶରେ ଆଞ୍ଚଳିକ ନୂଆ ବର୍ଷ ସହ ବିବାହ ଋତୁ ଆରମ୍ଭ ହୋଇଯାଇଥିବାରୁ ନିଶ୍ଚିତ ଯେ ଆମେ ଘୋଷଣା କରିଥିବା ଗ୍ରୀଷ୍ମ ସ୍ୱତନ୍ତ୍ର ବୋନାଞ୍ଜାକୁ ଆମର ପୃଷ୍ଠପୋଷକମାନେ ପସନ୍ଦ କରିବେ। ଏହି ଅଫର ଚଳିତ ବର୍ଷ ମେ ୩୦ ପର୍ଯ୍ୟନ୍ତ ବୈଧ ରହିବ। ସେହିଭଳି ୩୦୦ ଭାଗ୍ୟଶାଳୀ ବିଜେତାଙ୍କ ନାମ ଚଳିତ ବର୍ଷ ଜୁନ୍ ପହିଲାରେ କମ୍ପାନୀର ୱେବ୍‌ସାଇଟ୍‌ରେ ଘୋଷଣା କରାଯିବ। ଇଲେକ୍ଟ୍ରୋନିକ୍ ରାଣ୍ଡୋମାଇଜର ଜରିଆରେ ବିଜେତା ଚୟନ କରାଯିବ।

# ଅସଂଯୁକ୍ତ ଅଞ୍ଚଳକୁ ସଂଯୁକ୍ତ କରାଉଛି ଜିଓ

ମୁମ୍ବାଇ, ୧୧।୪



ଓଡ଼ିଶାର ପାହାଡ଼ ପର୍ବତ ପରିବେଷ୍ଟିତ କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକକୁ ବାସ୍ତବ ୪ଜି ଡିଜିଟାଲ ସେବା ସହିତ ଗ୍ରାହକ ସଂଯୁକ୍ତକୁ ଜିଓ ଗୁରୁତ୍ୱ ଦେଇଆସିଛି। ଏହି ତାରତମ୍ୟ ଦୂରକରିବା ଏବଂ ଏପର୍ଯ୍ୟନ୍ତ ଅସଂଯୁକ୍ତ ଅବସ୍ଥାରେ ରହିଯାଇଥିବା ଜନପଦଗୁଡ଼ିକୁ ଡିଜିଟାଲ ରୂପାନ୍ତରଣର ଲାଭ ପହଞ୍ଚାଇବା ସକାଶେ ଜିଓ ପକ୍ଷରୁ ଓଡ଼ିଶା ବଜାରରେ ଅସଂଯୁକ୍ତ ଅଞ୍ଚଳକୁ ସଂଯୁକ୍ତ କରାଇବା ଲକ୍ଷ୍ୟରେ କମ୍ପାନୀ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ନିକଟରେ ଜିଓ ତାହାର ସମ୍ପୂର୍ଣ୍ଣ ୪ଜି ନେଟ୍‌ୱର୍କ ସହ ପାହାଡ଼ ପର୍ବତ ପରିବେଷ୍ଟିତ କୋରାପୁଟ ଜିଲାର ଦୁର୍ଗମ ନାରାୟଣପାଟଣା ବ୍ଲକ ସଦର ମହକୁମା ଓ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ସଂଯୁକ୍ତ କରିଛି। ଏହାଦ୍ୱାରା ହଜାର ହଜାର ଅଧିବାସୀଙ୍କ ପାଇଁ ଡିଜିଟାଲ ବିପ୍ଳବର ଶୁଭାରମ୍ଭ ହେବ। ଯେଉଁମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ୪ଜି ଇଣ୍ଟରନେଟ ସେବାର ଲାଭ ପାଇବେ। ସେହିପରି ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା, ପ୍ରଶାସନିକ ସ୍ଥଳ, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ନାରାୟଣପାଟଣା ସହର ସମେତ ଜିଓ ୪ଜି ନେଟ୍‌ୱର୍କ ନିକଟବର୍ତ୍ତୀ ଗ୍ରାମ ବିକ୍ରମପୁର, ମୁଣ୍ଡିଗୁରା, ବଚନାପୁଟ, ଅଞ୍ଜଳପୁର ଆଦିର ଅଧିବାସୀଙ୍କୁ ମଧ୍ୟ ଫାଇଦା ପହଞ୍ଚାଉଛି। ବର୍ତ୍ତମାନ ସମୟରେ ଉକ୍ତ ଦୁର୍ଗମ ଅଞ୍ଚଳର ପ୍ରାୟ ୭୦୦୦ ଲୋକଙ୍କୁ କମ୍ପାନୀ ତା'ର ସେବା ଯୋଗାଇଦେଉଛି।

## ରୁଚି ସୋୟାର ନାମ ପରିବର୍ତ୍ତନ

ନୂଆଦିଲ୍ଲୀ,୧୧।୪

ଯୋଗଗୁରୁ ବାବା ରାମଦେବଙ୍କ ମାଲିକାନାରେ ଥିବା ଏଫ୍‌ଏମ୍‌ଜିସି କମ୍ପାନୀ 'ରୁଚି ସୋୟା'(ପତଞ୍ଜଳି ଗ୍ରୁପ୍)ର ବୋର୍ଡ କମ୍ପାନୀରେ ପରିବର୍ତ୍ତନ ଆଣିବା ଦିଗରେ ପ୍ରୟାସ କରୁଛି। କମ୍ପାନୀର ଫଲୋଅନ୍ ପବ୍ଲିକ୍ ଅଫର (ଏଫ୍‌ପିଓ) ଆଣିବା ପରେ କମ୍ପାନୀ ବୋର୍ଡ ପକ୍ଷରୁ 'ରୁଚି ସୋୟା' ନାମରେ ପରିବର୍ତ୍ତନ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସୋମବାର କମ୍ପାନୀ ମ୍ୟାନେଜମେଣ୍ଟ ପକ୍ଷରୁ ବିଏସ୍‌ଇକୁ ମଧ୍ୟ ସୂଚନା ଦିଆଯାଇଛି। ମ୍ୟାନେଜମେଣ୍ଟର ସୂଚନା ଅନୁସାରେ 'ରୁଚି ସୋୟା'ର ନାମ ପରିବର୍ତ୍ତନ ପରେ କମ୍ପାନୀର ନାମ 'ପତଞ୍ଜଳି ଫୁଡ୍‌ସ ଲିମିଟେଡ୍' ରଖାଯିବ।

# ଟାଟା ଷ୍ଟିଲ୍ ଫାଉଣ୍ଡେଶନର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୧।୪

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ଟାଟା ଷ୍ଟିଲର ସହଯୋଗୀ ଅନୁଷ୍ଠାନ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଏକ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ କରାଯାଇଛି। କମ୍ପାନୀର ଫାଉଣ୍ଡେଶନ ୟୁନିଟ୍ ଜରିଆରେ ଯାଜପୁର ଜିଲାର ଡୁବୁରିସ୍ଥିତ କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ କୋଠା ଓ ବିଦ୍ୟାଳୟ ପାଚେରି ନିର୍ମାଣ କରାଯାଇଛି। କମ୍ପାନୀ ଉକ୍ତ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମିରେ ଉନ୍ନତି ଆଣିବା ଲକ୍ଷ୍ୟରେ ଫାଉଣ୍ଡେଶନ ଜରିଆରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ନିକଟରେ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଥିବାରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଫାଉଣ୍ଡେଶନ ପକ୍ଷରୁ ଉକ୍ତ ପ୍ରକଳ୍ପକୁ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସୁବିଧା ଓ ସୁରକ୍ଷା ପାଇଁ ପ୍ରଶାସନିକ କୋଠା ଓ ପାଚେରିକୁ ଉତ୍ସର୍ଗ କରାଯାଇଛି ବୋଲି ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଡୁବୁରି ସରପଞ୍ଚ ନିରୁପମା ପାତ୍ର, ଦାନଗଦି ବ୍ଲକ୍ ଜିଲା ପରିଷଦ ସଦସ୍ୟ ଟିନା ହାଇବ୍ରୁ, ସୁକିନ୍ଦା ବ୍ଲକ୍‌ର ଜିଲା ପରିଷଦ ସଦସ୍ୟ ସାଧୁଚରଣ ଟିୟୁ, ସୁକିନ୍ଦା ବ୍ଲକ୍ ଉପାଧ୍ୟକ୍ଷ ଭାଗ୍ୟଲକ୍ଷ୍ମୀ ରାଉତ, ସୁକିନ୍ଦା ବ୍ଲକ୍ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳଙ୍କ ସମେତ ଫାଉଣ୍ଡେଶନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଫାଉଣ୍ଡେଶନ ପକ୍ଷରୁ ୨୦୧୪ ପରଠାରୁ ଉକ୍ତ ବିଦ୍ୟାଳୟର ଶ୍ରେଣୀଗୃହ, ପାଠାଗାର, କମ୍ପ୍ୟୁଟର ଲାବରେଟୋରି ନିର୍ମାଣ ଆଦିରେ ଆବଶ୍ୟକ ସହଯୋଗ କରିଆସୁଛି।

### ଫୁରସତ୍

# ଖାଦ୍ୟ ପରଷୁଛନ୍ତି ଏଚ୍‌ଆଇଭି ପଜିଟିଭ

**କୋଲକାତା:** ପଶ୍ଚିମବଙ୍ଗ ରାଜଧାନୀ କୋଲକାତାର ବାଲିଗଞ୍ଜରେ ଏଚ୍‌ଆଇଭି ସଂକ୍ରମିତ ଯୁବତୀଯୁବକ ଏକ ରେଷ୍ଟୁରାଣ୍ଟ ଖୋଲିଛନ୍ତି, ଯାହାର ନାଁ ରହିଛି 'ପଜିଟିଭ୍ କାଫେ'। ଏଚ୍‌ଆଇଭି ସଂକ୍ରମିତଙ୍କ ପାଇଁ ଏକ ଏନ୍‌ଜିଓ ଖୋଲିଥିବା ଡା. କାଲୋଲ ଘୋଷ ୨୦୧୮ରେ ଏହି ରେଷ୍ଟୁରାଣ୍ଟ ଖୋଲିଥିଲେ। ପ୍ରଥମେ ଏହା ଯୋଧପୁର ପାର୍କ ନିକଟରେ ୧୦୦ ସ୍କୋୟାରଫୁଟ ପରିମିତ ଗ୍ୟାରେଜ୍‌ରେ ଖୋଲା ହୋଇଥିଲା। କିନ୍ତୁ ଗ୍ରାହକଙ୍କ ଭିଡ଼ ବଢ଼ିବା ଦେଖି ଡା. ଘୋଷ ବାଲିଗଞ୍ଜରେ ଏକ ବଡ଼ ରେଷ୍ଟୁରାଣ୍ଟ ଖୋଲିଲେ। ତେବେ ରେଷ୍ଟୁରାଣ୍ଟର ଠିକଣା ବଦଳିଥିଲେ ସୁଦ୍ଧା ବ୍ୟବସାୟ ପ୍ରଭାବିତ ହୋଇ ନ ଥିବା ସେ କହିଛନ୍ତି।

ପଜିଟିଭ୍ କାଫେର ବିଶେଷତ୍ୱ ହେଉଛି ଏହାକୁ ଚଳାଉଛନ୍ତି ୭ ଏଚ୍‌ଆଇଭି ଆକ୍ରାନ୍ତ। ଖାଦ୍ୟ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଗ୍ରାହକଙ୍କୁ ଖାଦ୍ୟ ପରଷିବା କାମ ଏହି ଯୁବତୀଯୁବକମାନେ କରୁଛନ୍ତି। କଫିଠାରୁ ଆରମ୍ଭ କରି ମାଛରେ ତିଆରି ବିଭିନ୍ନ ଆଇଟମ୍, ଚିପ୍ସ, ସାଣ୍ଡୱିଜ୍ ଭଳି ସବୁ ପ୍ରକାର ଆଧୁନିକ ଖାଦ୍ୟ ଏଠାରେ ଉପଲବ୍ଧ। ଏସିଆ ମହାଦେଶରେ ଏ ପ୍ରକାର ରେଷ୍ଟୁରାଣ୍ଟ ଖୋଲାଯିବା ପ୍ରଥମ ବୋଲି ଏହାର ମାଲିକ ଡା. ଘୋଷ କହିଛନ୍ତି। ରେଷ୍ଟୁରାଣ୍ଟକୁ ଆସୁଥିବା ଗ୍ରହକମାନଙ୍କୁ ପ୍ଲେଟ୍‌ଲେଟ୍ ଦିଆଯାଏ ଯେଉଁଥିରେ କାଫେ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ ରହିଛି, ଯାହାକୁ ପଢ଼ିବା ପରେ କେତେଜଣ ଗ୍ରାହକ ବିନା ଦ୍ୱିଧାରେ ଖାଦ୍ୟ ଗ୍ରହଣ କରନ୍ତି ତ ଆଉ କିଛି ଗ୍ରାହକ ଫେରି




### ନିଆରା ପ୍ରୟାସ

ଚାଲିଯାଉଥିବା ସେ କହିଛନ୍ତି। ଅନ୍ୟପଟେ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ତାଙ୍କୁ ବହୁ ପ୍ରକାର ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଥିଲା। ବହୁ କଷ୍ଟରେ ଯୋଧପୁର ପାର୍କ ନିକଟରେ ଜଣେ ଗ୍ୟାରେଜ୍ ମାଲିକ ତାଙ୍କ ଗ୍ୟାରେଜ୍ ଭଡ଼ା ଦେବା ପାଇଁ ରାଜି ହୋଇଥିଲେ। କିନ୍ତୁ ସେଠାରେ ରହୁଥିବା ଲୋକେ ଏହାର ପ୍ରତିବାଦ କରିଥିଲେ। ସେମାନଙ୍କ କହିବା କଥା, କାଫେରୁ ବାହାରୁଥିବା ଅଳିଆ ଆବର୍ଜନା ଦ୍ୱାରା ଏଚ୍‌ଆଇଭି ବ୍ୟାପିବାର ସମ୍ଭାବନା ରହିଛି। ଅନ୍ୟ ସଂକ୍ରାମକ ରୋଗ ଭଳି ଏଚ୍‌ଆଇଭି ବ୍ୟାପୁ ନ ଥିବା ସତ୍ତ୍ୱେ ଲୋକମାନଙ୍କ ଭୁଲ୍ ଚିନ୍ତାଧାରା ବିରୋଧରେ ଯାଇ କାଫେ ଖୋଲିବା ଏକ ବଡ଼ ଯୁଦ୍ଧ ଥିଲା ବୋଲି ଡା. ଘୋଷ ପ୍ରକାଶ କରିଛନ୍ତି।

# ୨୨ରେ 'ଜର୍ସି'

ମୁମ୍ବାଇ


ଶାହିଦ କପୁର

ଆସନ୍ତା ୨୨ ତାରିଖରେ ମୁକ୍ତିଲାଭ କରିବ ଶାହିଦ କପୁରଙ୍କ ଦ୍ୱାରା ଅଭିନୀତ ହିନ୍ଦୀ ଫିଲ୍ମ 'ଜର୍ସି'। ଫିଲ୍ମଟି ୧୪ ତାରିଖରେ ରିଲିଜ୍ ହେବାକୁ ଥିଲା। ମେକର୍ସ ଏହାର ରିଲିଜ୍‌କୁ ଆଉ ଗୋଟିଏ ସପ୍ତାହ ବଢ଼ାଇ ଦେଇଛନ୍ତି। ସୋମବାର ଜର୍ସିର ପ୍ରଯୋଜକ ଅମନ ଗିଲ୍ ଟୁଇଟର ପୋଷ୍ଟ ଜରିଆରେ ଏହି ସୂଚନା ଦେଇଥିଲେ। ଫିଲ୍ମକୁ ବହୁ ଲୋକଙ୍କ ପରିଶ୍ରମରେ ତିଆରି କରାଯାଇଥିବାବେଳେ ପ୍ରତ୍ୟେକ ଫିଲ୍ମପ୍ରେମୀଙ୍କ ପାଖରେ ଏହା ପହଞ୍ଚିବାକୁ ଆମେ ଚେଷ୍ଟିତ। ସେଥିପାଇଁ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୩ରେ ସୁପରହିଟ୍ ଫିଲ୍ମ କେଜିଏଫ୍ ଚାପ୍ଟର-୨ ରିଲିଜ୍ ହେବାକୁ ଥିବାବେଳେ ୧୪ରେ ସାଉଥ୍ ସୁପରଷ୍ଟାର ବିଜୟଙ୍କ ଦ୍ୱାରା ଅଭିନୀତ 'ବିଷ୍ଟ' ମୁକ୍ତିଲାଭ କରିବ। ଏହାକୁ କେନ୍ଦ୍ରକରି ଜର୍ସି ୧୪ ବଦଳରେ ୨୨ରେ ରିଲିଜ୍ ହେବ। ଜର୍ସିରେ ଶାହିଦ କପୁର ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କ ଅପୋଜିଟ୍‌ରେ ମୃଣାଲ ଠାକୁର ଦେଖିବାକୁ ମିଳିବେ। ଏହା ଏକ ସ୍ପୋର୍ଟସ୍ ଡ୍ରାମା ଫିଲ୍ମ। ଫିଲ୍ମଟି ୨୦୨୦ ଅଗଷ୍ଟ ୨୮ରେ ରିଲିଜ୍ ହେବାକୁ ଥିଲା କିନ୍ତୁ ମହାମାରୀ ସଂକ୍ରମଣ କାରଣରୁ ରିଲିଜ୍ ଡେଟ୍ ୨୦୨୧ ଡିସେମ୍ବର ୩୧ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। କିନ୍ତୁ କରୋନା ପାଇଁ ପ୍ରେକ୍ଷାଳୟକୁ ଆସି ପାରି ନ ଥିଲା ଏହି ଫିଲ୍ମ। ଚଳିତ ବର୍ଷ ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ରିଲିଜ୍ ଡେଟ୍ ଏପ୍ରିଲ ୧୪କୁ ଧାର୍ଯ୍ୟ କରାଯାଇଥିଲା।

# ସିଡ୍‌ନୀ ସମୁଦ୍ର କୂଳରେ ବିଚିତ୍ର ଜୀବ

କାନବେରା



ଅଷ୍ଟ୍ରେଲିଆ ସିଡ୍‌ନୀର ବୋନ୍ଦି ସମୁଦ୍ର କୂଳ ବେଳାଭୂମିରେ ଏକ ବିଚିତ୍ର ଜୀବ ଦେଖିବାକୁ ମିଳିଛି। ଅଧ ମିଟର ଲମ୍ବର ଏହି ପ୍ରାଣୀର ମଣିଷଙ୍କ ଭଳି ଓଠ ଥିବାବେଳେ ସାର୍କ ମାଛ ଭଳି ଚର୍ମ ରହିଛି। ତେବେ ଏଲିୟନ୍ ଭଳି ଦେଖାଯାଉଥିବା ଏହି ଜୀବର ଚିହ୍ନଟ ହୋଇପାରି ନାହିଁ। ଏପ୍ରିଲ ୫ରେ ଜଣେ ବ୍ୟକ୍ତି ସମୁଦ୍ରକୂଳରେ ପ୍ରାତଃ ଭ୍ରମଣ କରୁଥିବାବେଳେ ଲହଡ଼ିରେ ଜମିଥିବା ଅଳିଆ ଗଦାରେ ଏହି ଜୀବକୁ ଦେଖିଥିଲେ। ସେଠାରେ ଉପସ୍ଥିତ କେତେଜଣ ଏହାକୁ ବୋନ୍ ସାର୍କ ବୋଲି କହୁଥିବାବେଳେ ବିଚିତ୍ର ଜୀବଟି ଠିକ୍ ଭାବେ ଚିହ୍ନଟ ହୋଇପାରି ନାହିଁ।

## ଶିବ କୁମାରଙ୍କ ପରଲୋକ

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶିବ କୁମାର ସୁବ୍ରମଣ୍ୟମଙ୍କର ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ୧୫ ବର୍ଷୀୟ ପୁଅ ମୃତ୍ୟୁର ୨ ମାସ ପରେ ଶିବ କୁମାରଙ୍କ ମୃତ୍ୟୁ ତାଙ୍କ ପରିବାର ଓ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ବଡ଼ କ୍ଷତି କହିଲେ ଚଳେ। ସଂଳାପ ଲେଖକ ଭାବେ ଶିବ କୁମାର ନିଜର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ୧୮୯ରେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିବା ଶିବ କୁମାର ନାନା ପାଟେକରଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଫରିନ୍ଦେ'ର କାହାଣୀ ଲେଖିଥିଲେ। ପାଖାପାଖି ୩୦ ବର୍ଷ ଧରି ସେ ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ। ଶିବ କୁମାର ଏକାଧିକ ସିରିଏଲ୍‌ରେ ମଧ୍ୟ ଅଭିନୟ କରିଛନ୍ତି।



## ସାଇକେଲ ଚାଳକଙ୍କ ସହ ଓଟପକ୍ଷୀର ରେସ୍

ଓଟପକ୍ଷୀ ସାଇକେଲ ଚାଳକଙ୍କ ସହ ତାଳ ଦେଇ ରେସ କରିବା କେବେ ଦେଖିଛନ୍ତି ? ଯଦି ନା ତେବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି। ଯେଉଁଥିରେ ଓଟପକ୍ଷୀର ରେସ ଦେଖିଲେ ଆଶ୍ଚର୍ଯ୍ୟ ହେବେ। ଜଣେ ସାଇକେଲ ଚାଳକଙ୍କ ସହ ଓଟ ପକ୍ଷୀ ରେସ୍ କରୁଛି। ସାଇକେଲ ଚାଳକ ଯେତେ ଦ୍ରୁତ ବେଗରେ ସାଇକେଲ ଚଲାଉଛନ୍ତି ତାଙ୍କୁ ଟପିବା ପାଇଁ ଓଟ ପକ୍ଷୀ ସେତେ ଜୋର୍‌ରେ ଦୌଡିବାରେ ଲାଗୁଥିବା ଭିଡ଼ିଓରେ ଦେଖିବାକୁ ମିଳିଛି। ସାଧାରଣତଃ ଓଟପକ୍ଷୀ ଘଣ୍ଟାପ୍ରତି ୪୫ କିଲୋମିଟର ବେଗରେ ଦୌଡ଼ିଥାନ୍ତି। କିନ୍ତୁ ଆବଶ୍ୟକ ପଡ଼ିଲେ ସେ ଘଣ୍ଟା ପ୍ରତି ୬୦ କିଲୋମିଟରକୁ ବି ବଢ଼ାଇପାରେ।

# ୩୫ ହଜାରରେ ୧ କେଜି ଲୁଣ

**ନୂଆଦିଲ୍ଲୀ:** ଖାଦ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଉଛି ଲୁଣ ; ଯାହାକି ଆମେ ବହୁତ ବ୍ୟବହାର କରୁ ଏବଂ ଏହା କମ୍ ଦାମ୍‌ରେ ବଜାରରେ ମିଳିଯାଏ। କିନ୍ତୁ ଏମିତି ଏକ ଲୁଣ ଅଛି, ଯାହାର ମୂଲ୍ୟ କିଲୋ ପ୍ରତି ୩୫ ହଜାର ଟଙ୍କା। କୁହାଯାଏ କି ହିମାଳୟର ଗୋଲାପି ଲୁଣ ସବୁଠାରୁ ଦାମୀ ଲୁଣ। ହେଲେ ଏହାଠାରୁ 'ଆମେଥାଏଷ୍ଟ ବାମ୍ବୋ' ନାମକ ଲୁଣ ଯାହା ଦୁନିଆର ସବୁଠାରୁ ଦାମୀ ଲୁଣ ; ଯାହାକି ବାଉଁଶ ସିଲିଣ୍ଡର ମଧ୍ୟରେ ଭର୍ତ୍ତି କରାଯାଇ ତିଆରି କରାଯାଇଥାଏ। ଏହି ରୋଷ୍ଟେଡ୍ ବାମ୍ବୋ ଲୁଣର ପ୍ରକ୍ରିୟା ୨୦ଶହ ବର୍ଷ ହେବ ଆରମ୍ଭ ହୋଇଛି। ଏହି ଲୁଣକୁ ବାଉଁଶ ଭିତରେ ଭର୍ତ୍ତି କରି ବାହାରେ ମାଟିର ଲେପ ଦିଆଯାଇଥାଏ। ଏହାପରେ ସେହି ଲୁଣକୁ ୯ ଥର ନିଆଁରେ ରନ୍ଧାଯାଇଥାଏ। ଏହି ପ୍ରକ୍ରିୟାକୁ ୫୦ ଦିନ ସମୟ ଲାଗିଥାଏ। ଏହାକୁ ହାତରେ ତିଆରି କରାଯାଏ। ପୂର୍ବରୁ ଏହି ପ୍ରକ୍ରିୟା ୨-୩ ଥର ରନ୍ଧା ଯାଉଥିଲା। ପରେ ଏହାକୁ ୯ ଥର କରାଯାଉଛି। ଫଳରେ ଏହା ଭଲ ବାସ୍ନା ହେବାସହ ତା' ମଧ୍ୟରୁ ସବୁ ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଏ। ଏହି ଲୁଣକୁ ସବୁଠାରୁ ଶୁଦ୍ଧ ଲୁଣ ବୋଲି କୁହାଯାଏ। ଏହି କାରଣରୁ ଏହି ଲୁଣର ଦାମ୍ ସବୁଠାରୁ ଅଧିକ।



## ରାଜସ୍ୱ ସହାୟକ ସୁଧାଂଶୁଙ୍କ ବିୟୋଗରେ ଶୋକସଭା

**ସୋନପୁର,(ନି.ପ୍ର.):** ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସୁଧାଂଶୁ ଶେଖର ପ୍ରଧାନଙ୍କ ଅକାଳ ବିୟୋଗ ଘଟିଛି । ତାଙ୍କ ବିୟୋଗରେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହି ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରା ଯାଇଥିଲା ।

### ସଂକ୍ଷେପରେ

## ପୋଖରୀରେ ବୁଡ଼ି ଯୁବକ ମୃତ

**କନ୍ଧମାଳ,୧୧।୪ (ଡି.ଏନ.ଏ.):** ସୋମବାର ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ମନମୁଣ୍ଡା ଥାନା ଅଧୀନ ପଲଶାଗୋରାସ୍ଥିତ କାନ୍ଦୁଲମୁଣ୍ଡା ପୋଖରୀରେ ଗାଧୋଇବା ବେଳେ ପାଣିରେ ବୁଡ଼ି ଯାଇ ବାଘମୁଣ୍ଡା ଗ୍ରାମର ସୁଶାନ୍ତ ନାଏକ ( ୩୦)ଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଅପରାହ୍ନ ୪ଟା ସମୟରେ ସୁଶାନ୍ତ ଗାଧୋଇବାକୁ ଉକ୍ତ ପୋଖରୀକୁ ଯାଇଥିଲେ। ହେଲେ କୌଣସି କାରଣରୁ ପାଣିରେ ବୁଡ଼ି ଯାଇଥିଲେ। ଏହି ସମୟରେ ପୋଖରୀ ନିକଟରେ ଛେଳି ଚରାଉଥିବା ଦୁଇ ଜଣ ବ୍ୟକ୍ତି ଦେଖି ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ପାଣିରୁ ଉଦ୍ଧାର କରିବା ପରେ ସୋନପୁର ମେଡିକାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁଶାନ୍ତ ପଲଶାଗୋରାଠାରେ ପରିବା ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ।

## ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ଅଭିଯୋଗ ଆଣିଲେ ମା

**ବିନିକା,୧୧।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ସିନ୍ଦୁରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚେରୁପାଲି ଗ୍ରାମରେ ସୋମବାର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁପମା ରଣା (୩୦)। ମହିଳା ଜଣକ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ ୮ ବର୍ଷ ତଳେ ବରଗଡ ଜିଲା ଭେଡେନ ଥାନା ଅଧୀନ ଧାତୁକପାଲି ଗାଁର ଅନୁପମାଙ୍କ ସହ ଚେରୁପାଲି ଗ୍ରାମର ଅର୍ଜୁନ ରଣା(୩୫)ଙ୍କ ବିବାହ ହୋଇଥିଲା। ସେମାନଙ୍କର ତିନୋଟି ସନ୍ତାନ ଅଛନ୍ତି। ତେବେ ଅନୁପମାଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ପୋଲିସ ପହଞ୍ଚିଲା ବେଳକୁ ମୃତଦେହ ଶାଶୁଘର ବାରଣ୍ଡାରେ ପଡି ରହିଥିଲା। ପୋଲିସ ମୃତଦେହ ଜବତ କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ତେବେ ମୃତା ମହିଳାଙ୍କ ମା ସୁକାନ୍ତି ରଣା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ବିନିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେସ୍ ନଂ ୯୮/୨୨।

## ମା' ବାରପାହାଡ଼ ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା

**ସୋନପୁର,୧୧।୪(ନି.ପ୍ର.):** ସୋନପୁର ବ୍ଲକ କୁଦୋପାଲି ଗ୍ରାମରେ ପୂଜା ପାଉଥିବା ଅଞ୍ଚଳର ପ୍ରତ୍ୟକ୍ଷ ଦେବୀ ମା' ବାରପାହଡ ପୀଠରେ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଏହି ଅବସରରେ ଚଣ୍ଡୀପାଠ, ଚଣ୍ଡୀ ଯଜ୍ଞ, ହୋମ ଇତ୍ୟାଦି ଆୟୋଜିତ ହୋଇଛି। ପଣ୍ଡିତ ରାଜୀବ ଲୋଚନ ପଣ୍ଡାଙ୍କ ଦ୍ୱାରା ପୂଜାକାର୍ଯ୍ୟ ଆୟୋଜିତ ହୋଇଛି। ଗାଁ ଝାଙ୍କର ଯୁବରାଜ ବଗର୍ତ୍ତି ଦେବୀଙ୍କ ସ୍ୱତନ୍ତ୍ର ପୂଜା ନୀତି ସମାପନ କରିଥିଲେ। ରାଧେଶ୍ୟାମ ବଗର୍ତ୍ତି, ସୁଦର୍ଶନ ବଗର୍ତ୍ତି, ଚରୁହା ଝାଙ୍କର ପ୍ରମୁଖ ପୂଜାନୀତିରେ ସହାୟତା କରିଥିଲେ। ସୋମବାର ବାସନ୍ତିକ ଦଶହରାଠାରୁ ପାଞ୍ଚ ଦିନ ଧରି ମନ୍ଦିରରେ ବିଭିନ୍ନ ପୂଜାନୀତି ଅନୁଷ୍ଠିତ ହେବ। ପ୍ରଥମ ଦିନରେ ସନ୍ତୋଷ ମିଶ୍ରଙ୍କ ପରିବାର ପକ୍ଷରୁ ଚଣ୍ଡୀପାଠ ଆୟୋଜିତ ହୋଇଥିଲା। ମଙ୍ଗଳବାର ଖଲିଆପାଲି ପଞ୍ଚାୟତର ସମିତି ସଭ୍ୟ ସୁନିତା ନାଏକଙ୍କ ପରିବାର ଦ୍ୱାରା ଏବଂ ବୁଧବାର ଗାଁ ଗୌନ୍ତିଆ ମଧୁସୂଦନ ମିଶ୍ରଙ୍କ ପରିବାର ପକ୍ଷରୁ ମନ୍ଦିରରେ ଚଣ୍ଡୀପାଠ ଆୟୋଜିତ ହେବ। ଗୁରୁବାର ଦିନ ମା'ଙ୍କ ଛେନାପଣା ନୀତି କରାଯିବ। ଶୁକ୍ରବାର ମା'ଙ୍କ ବାର୍ଷିକ ପୂଜା ମା' ବାରପାହଡ ଯାତ୍ରା ଅନୁଷ୍ଠିତ ହେବ। ମା' ଛତ୍ର ସହ ଗାଁ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

## ଶିଶୁ ମନ୍ଦିରରେ ରାମନବମୀ

**ବରଗଡ଼ ଅଫିସ୍,୧୧।୪:** ବରଗଡ଼ ଜିଲା ଗାଇସିଲେଟ୍ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଶ୍ରୀରାମ ନବମୀ ପାଳିତ ହୋଇଛି। ଉତ୍ସବରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ଅତିଥି ପରିଚୟ ପ୍ରଦାନ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଗୁରୁ ବ୍ୟାସଦେବ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ମର୍ଯାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିଷୟରେ ଆଲୋକପାତ କରି ସେ ଶିଶୁମାନଙ୍କୁ ଆଶୀର୍ବଚନ କରିଥଲେ। ସରୋଜିନୀ ପୁଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରେମରାଜ ମଟାରୀ ଧନ୍ୟବାଦ ଅର୍ପଣ କରିଥିଲେ। ନବମ ଶ୍ରେଣୀର ଛାତ୍ରୀଛାତ୍ର ସାମୂହିକ କଣ୍ଠ ସଙ୍ଗୀତ ଗାନ କରିଥିଲେ। ମୁକେଶ ପୁଟେଲ, ଶାଶ୍ୱତ ପୁଟେଲ, ଅମିତ ସେଠ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

# କୋଟିଏ ଟଙ୍କାର ପ୍ରକଳ୍ପ ଅଚଳ



ମହିଳାମାନେ ପାଣି ସଂଗ୍ରହ ପାଇଁ ଯାଉଛନ୍ତି ।

**ବରଗଡ଼ ଅଫିସ୍,୧୧।୪**

### ଗ୍ରୀଷ୍ମ ନ ଆସୁଣୁ ଜଳକଷ୍ଟ

ଗ୍ରୀଷ୍ମ ନ ଆସୁଣୁ ବରଗଡ଼ ସଦର ବ୍ଲକ ଧାଙ୍ଗେର ଗ୍ରାମରେ ଜଳକଷ୍ଟ ଆରମ୍ଭ ହୋଇଛି। ଅନ୍ୟପଟେ ଏଠାରେ ୧କୋଟି ୧୨ଲକ୍ଷ ଟଙ୍କାରେ ନିର୍ମିତ ପାନୀୟଜଳ ପ୍ରକଳ୍ପ ଦୀର୍ଘ ୫ବର୍ଷ ହେଲା ଅଚଳ ହୋଇ ପଡ଼ିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଗ୍ରାମର ଜଳକଷ୍ଟ ହୃଦୟଙ୍ଗମ କରି ଗତ ୨୦୧୭ ମସିହାରେ ଗ୍ରାମରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। ଗାଁ ମୁଣ୍ଡରେ ଓଭରହେଡ୍ ପାଣିଟାଙ୍କି ନିର୍ମିତ ହୋଇଥିବା ବେଳେ ଗ୍ରାମର ବିଭିନ୍ନ ପଡ଼ାରେ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକ ସ୍ଥାପନ କରାଯାଇଥିଲା। ଜିରା ନଦୀରୁ ପାଇପ୍ ଯୋଗେ ପାନୀୟଜଳ ଆଣି ଗ୍ରାମବାସୀଙ୍କୁ ଯୋଗାଇବା ଲକ୍ଷ୍ୟ ରହିଥିଲା। ମାତ୍ର ତାହା ଲକ୍ଷ୍ୟଚ୍ୟୁତ ହୋଇ ପଡ଼ିଛି। ଫଳରେ ଏବେଠାରୁ ଗ୍ରାମବାସୀଙ୍କୁ ପାନୀୟଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି।

ଧାଙ୍ଗେର ଗ୍ରାମ ୧୦ଟି ୱାର୍ଡ଼କୁ ନେଇ ଗଠିତ। ଏଠାରେ ସହରାପଡ଼ା, ଲରିଆପଡ଼ା, ସଡ଼କପଡ଼ା, ନୂଆପଡ଼ା, ମାଳିପଡ଼ା, ହରିଜନ ପଡ଼ା, ମହିମା ନଗର, ମାଡ୍ରାସୀ ପଡ଼ା, ଟିଙ୍ଗାରୁ ଟିକ୍ରା, ଝାଙ୍କରଟିକ୍ରା, ପୋଡ଼ଟିକ୍ରା ଆଦି ସାହି ରହିଛି। ଉକ୍ତ ସାହି ଗୁଡ଼ିକରେ ପାନୀୟ ଜଳାଭାବ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଗ୍ରୀଷ୍ମଦିନେ ଏହା ଉତ୍କଟ ରୂପ ନେଇଥାଏ। ଗ୍ରାମରେ ନଳକୂପ, ଜଳାଶୟ ଥିଲେ ସୁଦ୍ଧା ତାହା ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇବା ପାଇଁ ଯଥେଷ୍ଟ ହୋଇ ନ ଥାଏ। ଏବେ ନଳକୂପରୁ ପାଣି ବାହାରୁ ନ ଥିବାବେଳେ ଜଳାଶୟ ଶୁଖି ପଡିଛି। ସେହିପରି ଜଳାଶୟ ପାଣି ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ଫଳରେ ଗତ ୫ବର୍ଷ ତଳେ ଏଠାରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। ମାତ୍ର ତାହା ଅଚଳ ହୋଇ ପଡ଼ିଥିବାରୁ ଗ୍ରାମବାସୀଙ୍କୁ ଯଥା ପୂର୍ବଂ ତଥା ପରଂ ସମସ୍ୟାରେ ଛନ୍ଦି ହେବାକୁ ପଡ଼ିଛି।

### ଅଭିଯୋଗ କରି ଥକି ଗଲୁଣି



“ ପ୍ରକଳ୍ପ ହେବାବେଳେ ପାନୀୟଜଳ ସମସ୍ୟା ଦୂର ହେବ ବୋଲି ଆଶା କରିଥିଲୁ। ମାତ୍ର ପ୍ରକଳ୍ପ ଉଦ୍‌ଘାଟନ ହେବାର ୫ବର୍ଷ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ଠିକ୍ ଭାବେ ପାଣି ପାଇ ପାରିନାହୁଁ। ଏ ନେଇ ବାରମ୍ବାର ଜିଲାପାଳ, ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସିଛୁ। ମାତ୍ର କିଛି ସୁଫଳ ମିଳୁନାହିଁ। ଅଭିଯୋଗ ପରେ ଲୋକ ଦେଖାଣିଆ ମରାମତି ହେଉଛି। ଦିନେ, ଦୁଇଦିନ ପାଣି ଯୋଗାଣ ହେଉଛି । ମାତ୍ର ପୁଣି ପାନୀୟଜଳ ଯୋଗାଣ ବନ୍ଦ ହୋଇ ଯାଉଛି ।

–ରାମ ନାରାୟଣ ଭୋଇ, ଗ୍ରାମବାସୀ

### କାର୍ଯ୍ୟକ୍ଷମ ପାଇଁ ନିର୍ଦ୍ଦେଶ



ଧାଙ୍ଗେର ଗ୍ରାମର ପାନୀୟଜଳ ସମସ୍ୟା ଦୃଷ୍ଟିକୁ ଆସିଛି। “ ସେହି ସମସ୍ୟାକୁ ଦୃଷ୍ଟିରେ ରଖି ସେଠାରେ ପାନୀୟଜଳ ଯୋଗାଣ ପ୍ରକଳ୍ପ କରାଯାଇଛି। ମାତ୍ର କିଛି ବୈଷୟିକ ତ୍ରୁଟି ଯୋଗୁ ପାନୀୟଜଳ ଯୋଗାଣ ସମୟରେ ପାଇପ୍ ଗୁଡ଼ିକ ଫାଟି ଯାଉଛି। ଏଥିରେ ସୁଧାର ଆଣିବାକୁ ଉଦ୍ୟମ ଜାରି ରହିଛି । ଜିରା ନଦୀରୁ ଓଭରହେଡ୍ ଟାଙ୍କିକୁ ସଂଯୋଗ ହୋଇଥିବା ପୁରୁଣା ପାଇପ୍ ଗୁଡ଼ିକୁ କାଢ଼ି ନୂତନ ପାଇପ୍ ସଂଯୋଗ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ତୁରନ୍ତ ସମାପନ ସହିତ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି।

–ଦେବେଶ ଆଚାର୍ଯ୍ୟ, ବିଧାୟକ

# ଶ୍ରୀରାମ ଜନ୍ମ ନାଟକ ମଞ୍ଚସ୍ଥ



ଶ୍ରୀରାମ ଜନ୍ମ ନାଟକର ଏକ ଦୃଶ୍ୟ ।

**ବାଉଁଶୁଣୀ,୧୧।୪(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଶ୍ରୀରାମ ନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାମ ଜନ୍ମ ନାଟକ ମଞ୍ଚସ୍ଥ ହୋଇଥିଲା। ଶ୍ରୀ ରାମଲୀଳା ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଇଂ. ରାକେଶ କୁମାର ତ୍ରିପାଠୀ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟରେ ଦୀର୍ଘ ୧୨ ବର୍ଷ ଅନାବୃଷ୍ଟି ହେବାରୁ ଋଷି ଋଷ୍ୟଶୃଙ୍ଗଙ୍କୁ ବରଣ କରି ଲୋମପାଦ ରାଜା ଚମ୍ପାବତି ନଗରକୁ ଆଣିଥିଲେ । ବାର ବର୍ଷ ପରେ ରାଜ୍ୟରେ ବୃଷ୍ଟି ହୋଇଥିଲା । ରାଜା ଲୋମପାଦଙ୍କ ମିତ୍ର ଦଶରଥ ହୋଇଥିବାରୁ ଅପୁତ୍ରିକ ଥିବା କଥା ଋଷ୍ୟଶୃଙ୍ଗଙ୍କୁ ଜଣାଇଥିଲେ । ଏଥିରେ ଋଷି ପୁତ୍ରେଷ୍ଟି ଯଜ୍ଞ କରି ଚରୁଅନ୍ନ ତିନି ରାଣୀଙ୍କୁ ପ୍ରଦାନ କରିଥିଲେ । ଏହାପରେ ରାମ ଜନ୍ମ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ଶ୍ରୀ ରାମଲୀଳା ମହୋତ୍ସବ ୧୪ ଦିନ ଧରି ଅନୁଷ୍ଠିତ ହେବ ବୋଲି ରାମଲୀଳା ନାଟ୍ୟ ସଂସଦର ସଭାପତି କହିଛନ୍ତି । ଦୁଇ ବର୍ଷ ଧରି କରୋନା କଟକଣା ଯୋଗୁ ରାମଲୀଳା ମହୋତ୍ସବ ବନ୍ଦ ହୋଇଯାଇଥିଲା। ହେଲେ କରୋନା କଟକଣା ହଟିବା ପରେ ଏବର୍ଷ ଧୂମଧାମରେ ଆରମ୍ଭ ହୋଇଯାଇଛି । ରାମ ଜନ୍ମ ନାଟକରେ ବିଷ୍ଣୁ ଭୂମିକାରେ ଭୁବନେଶ୍ୱର ମେହେର, ବ୍ରହ୍ମା ପୀତାମ୍ବର ମେହେର, ଶିବ ବିଜୟ ମେହେର, ପାର୍ବତୀ ଛବିଳ ମେହେର, ଇନ୍ଦ୍ର ହୃଷୀକେଶ ମେହେର, ଦଶରଥ ରୋହିତ ମେହେର, କୈକେୟୀ ଭୀମ ମେହେର, କୌଶଲ୍ୟା ଭୂମିକାରେ ମାନଭଞ୍ଜନ ମେସୁଆ ନିଖୁଣ ଅଭିନୟ କରିଥିଲେ ।

# ନାଟକ 'ଥିପ୍ ଥିପ୍ ପାନି' ମଞ୍ଚସ୍ଥ

**ସୋହେଲା,୧୧।୪(ଡି.ଏନ.ଏ)**

ବରଗଡ଼ ଜିଲା ସୋହେଲାରେ ଚୈତ୍ର ବାସନ୍ତିକ ନବରାତ୍ର ପୂଜା ଅବସରରେ ସ୍ଥାନୀୟ ଚେତନା ମଣ୍ଡପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ଉଚ୍ଛବର ସୋମବାର ଅନ୍ତିମ ସନ୍ଧ୍ୟାରେ ନାଟକ 'ଥିପ୍ ଥିପ୍ ପାନି' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଅତିଶ କୁମାର ଶତପଥିଙ୍କ ରଚିତ, ନିର୍ଦ୍ଦେଶିତ ଏହି ନାଟକକୁ ସମ୍ବଲପୁର ଅଦୃଶ୍ୟ ନାଟ୍ୟାଶ୍ରମର କଳାକାରମାନେ ମଞ୍ଚସ୍ଥ କରିଥିଲେ। ଭୂତଳ ଜଳସ୍ତର ହ୍ରାସ ଏବଂ ପାନୀୟ ଜଳାଭାବର କାରଣ, ନିରାକରଣକୁ କଳାକାରମାନେ ଅଭିନୟ ମାଧ୍ୟମରେ ଉପସ୍ଥାପନ କରିଛନ୍ତି। ସେହିପରି ସୁବର୍ଣ୍ଣପୁର ନାଟ୍ ଅନୁଷ୍ଠାନର କଳାକାରମାନେ ନାଟକ 'କୁଇଲି' ମଞ୍ଚସ୍ଥ କରିଥିଲେ। ନାଟ୍ୟକାର ପ୍ରଦ୍ୟୁମ୍ନ ସାହୁଙ୍କ ରଚିତ, ନିର୍ଦ୍ଦେଶିତ ଏହି ନାଟକରେ କନ୍ୟାଭ୍ରୂଣ ହତ୍ୟା ଭଳି ଗୁରୁତର ସମସ୍ୟା ଉପରେ କଳାକାରମାନେ ଅଭିନୟ ମାଧ୍ୟମରେ ସଚେତନଧର୍ମୀ ବାର୍ତ୍ତା ଦେଇଛନ୍ତି। ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ପୂଜା କମିଟିର ବରିଷ୍ଠ ସଦସ୍ୟ ନଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ, ପ୍ରଦ୍ୟୁମ୍ନ ଦାଶ, କବି ମନୋରଞ୍ଜନ ସାହୁ, ନାଟ୍ୟକାର ନକୁଳ ବାଦୀ, ଜୟନ୍ତ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ତୁଷାରକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ନାଟକ 'ଥିପ୍‌ଥିପ୍ ପାନି'ର ଏକ ଦୃଶ୍ୟାଭିନୟ ।

### ବୌଦ୍ଧ ରାମଲୀଳା ଉତ୍ସବର ଦ୍ୱିତୀୟ ଦିବସ

## ମୁକ୍ତାକାଶ ରଙ୍ଗମଞ୍ଚରେ ହେଲା ନାଟକ ସୀତାବିବାହ

**ବୌଦ୍ଧ,୧୧।୪(ସ୍ୱ.ପ୍ର.)**

ଗଡଜାତ ବୌଦ୍ଧର ଗଣପର୍ବ ରାମଲୀଳା ଉତ୍ସବର ସୋମବାର ଥିଲା ଦ୍ୱିତୀୟ ଦିବସ। ରାମନବମୀଠାରୁ ସହରର ଅଗ୍ରଣୀ ଅନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣସ୍ଥ ମାରୁତି ମଣ୍ଡପଠାରେ ରାମଲୀଳା ଉତ୍ସବ ଆରମ୍ଭ ହୋଇଛି। ଏଥିପାଇଁ ବୌଦ୍ଧ ସହର ଏକପ୍ରକାର ଚଳ ଚଞ୍ଚଳ ହୋଇପଡିଛି। ଦ୍ୱିତୀୟ ଦିବସରେ ନାଟକ ସୀତା ବିବାହ ପରିବେଷଣ ହୋଇଥିଲା । ନାଟ୍ୟ ସଂସଦ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚରେ ଏହି ନାଟକ ହୋଇଥିଲା। ଏହି ଅବସରରେ ମାରୁତି ମଣ୍ଡପଠାରୁ ଏକ ବିରାଟ ଶୋଭଯାତ୍ରାରେ ପ୍ରଭୁ ରାମଚନ୍ଦ୍ର , ଅନୁଜ ଲକ୍ଷ୍ମଣଙ୍କୁ ମୁକ୍ତାକାଶ ରଙ୍ଗମଞ୍ଚ ହୋଇଥିବା ସହରର ବୁଢ଼ୁପାଲିକୁ ନିଆଯାଇଥିଲା। ଶୋଭାଯାତ୍ରା ସମୟରେ ଦୁଲଦୁଲି ବାଜା, ଘଣ୍ଟ ଓ ଆତସବାଜିରେ ସହର କମ୍ପି ଉଠିଥିଲା। ବୁଢ଼ୁପାଲିଠାରେ ପାରମ୍ପରିକ ରୀତିନୀତିରେ ପ୍ରଭୁ ରାମଚନ୍ଦ୍ରଙ୍କ ସ୍ୱୟମ୍ବର ଅନୁଷ୍ଠିତ ହୋଇଥିଲା। ସ୍ୱୟମ୍ବର ସଭାରେ ଜିଲାସ୍ତରୀୟ ପଦାଧିକାରୀ ଯୋଗ ଦେଇଥିଲେ। ୧୮ ଦିନ ଧରି ଏହି ଯାତ୍ରା ହେବ। ସନ୍ଧ୍ୟାରେ ରାମାୟଣ ପାରାୟଣ, ଭଜନସନ୍ଧ୍ୟା, ନିର୍ବାକ୍ ନୃତ୍ୟନାଟିକା ଓ ରାତିସାରା ରାମାୟଣର କଥାବସ୍ତୁକୁ ନେଇ ଯାତ୍ରା ପରିବେଷଣ କରାଯିବ। ଚଳିତବର୍ଷ ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ପଲ୍ଲିଶ୍ରୀ ମେଳା ଓ ପୁସ୍ତକମେଳା ଆୟୋଜନ କରାଯାଇଛି। ମଙ୍ଗଳବାର ନାଟକ ରାମ ବନବାସ ଅନୁଷ୍ଠିତ ହେବ ବୋଲି ନାଟ୍ୟ ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# ପାନୀୟଜଳ ଦାବିରେ ବିକ୍ଷୋଭ

**ବରଗଡ଼ ଅଫିସ୍,୧୧।୪**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜାମୁଟବାହାଲ ଗ୍ରାମରେ ଦୀର୍ଘଦିନ ହେଲା ପାନୀୟଜଳ ସମସ୍ୟା ଲାଗି ରହିଛି। ଏଠାରେ ଲୋକେ ବ୍ୟବହାର କରୁଥିବା ପାଣି ଯୋଗୁ ବିଭିନ୍ନ ରୋଗର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରିଆସୁଛନ୍ତି। ମାତ୍ର ଏ ଦିଗରେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ପାନୀୟ ଜଳଯୋଗାଣରେ ଏଭଳି ଅଣଦେଖା ପ୍ରତିବାଦରେ ଗ୍ରାମବାସୀ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସ୍ଥାନୀୟ ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ବଜରଙ୍ଗ ଦଳ ଏବଂ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ପରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଏବଂ ବିଭାଗୀୟ ଯନ୍ତ୍ରୀ ଧାରଣାସ୍ଥଳକୁ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ଏକ ମାସ ମଧ୍ୟରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ଉଠିଥିଲା।




ପାନୀୟଜଳ ଦାବିରେ ଗ୍ରାମବାସୀଙ୍କ ବିକ୍ଷୋଭ ।

# ଭାରତୀୟ ଶିକ୍ଷକ ମଣ୍ଡଳର ପ୍ରତିଷ୍ଠା ଦିବସ ପାଳିତ

**ବୌଦ୍ଧ,୧୧।୪(ସ୍ୱ.ପ୍ର.)**

ବୌଦ୍ଧ ସହରର ଶିଶୁମନ୍ଦିର ପ୍ରାଙ୍ଗଣରେ ସୋମବାର ଦିନ ଭାରତୀୟ ଶିକ୍ଷକ ମଣ୍ଡଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଗଠନର ସଭାପତି ଟଙ୍କଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା , ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସାର ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରବୀର କୁମାର ଦାସ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଘିବେଲା ପ୍ରାଥମିକ ସ୍ତରରୁ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ଦେବା ସହ ଶିକ୍ଷା ବ୍ୟବସ୍ଥାରେ ନୈତିକ ଓ ଆଧାତ୍ମିକ ଶିକ୍ଷାର ପ୍ରୟୋଗ କଲେ ବ୍ୟକ୍ତିର ଚରିତ୍ର ଗଠନ ହୋଇ ଭାରତ ଏକ ପରମ ବୈଭବଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସଂଗଠନର ସଂପାଦକ ଅର୍ଜୁନ କହଁର ଅତିଥି ପରିଚୟ ପ୍ରଦାନ କରିବା ସହ ବିବରଣୀ ପାଠ କରିଥିଲ। ଶିକ୍ଷକ ବିଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବସନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର, ରାଜକିଶୋର ମହାରଣା, ବିକାଶ କିଶୋର କାନୁନ୍‌ଗୋ, ଲଳିତ କୁମାର ମେହର, ରବୀନ୍ଦ୍ର କୁମାର ଗୁରୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ପ୍ରତିଷ୍ଠା ଦିବସ ପାଳନରେ ଯୋଗଦେଇଥିବା ଅତିଥି ଓ ସଂଗଠନର କର୍ମକର୍ତ୍ତା ।

# ଦୃଢ଼ ଆତ୍ମବିଶ୍ୱାସ ସଫଳତାର ମୂଳମନ୍ତ୍ର

**ଅମରପାଲି,୧୧।୪(ଡି.ଏନ.ଏ.)**

### ମୁର୍ଷୁଣ୍ଡୀ ହାଇସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀସ୍ଥିତ ରଘୁନାଥ ହାଇସ୍କୁଲରେ ସୋମବାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କାଳିଆ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ମନୋଜ କୁମାର ସାହୁ, ବୀରମହାରାଜପୁର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ,ସମିତି ସଭ୍ୟା ରୀତାରାଣୀ ଗର୍ଡିଆ, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ମନୋଜ କୁମାର ନାୟକ, ଲୁଥୁରପଙ୍କ ହାଇସ୍କୁଲର ପ୍ରଧାନଶିକ୍ଷକ ହିମାଂଶୁ ଶେଖର କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବାକୁ ଉତ୍ସାହିତ କରିଥିଲେ। ଏହାସହିତ କୌଣସି ସହଜ ଉପାୟ ଅବଲମ୍ବନ ନ କରି କଠିନ ପରିଶ୍ରମ କରିବା ଓ ଦୃଢ ଅତ୍ମବିଶ୍ୱାସ ହିଁ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ନୀଳାମ୍ବର ମେହେର ଉତ୍ସବ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସଚ୍ଚିଦାନନ୍ଦ ବେରିହା ବାର୍ଷିକ ବିବରଣୀ ପାଠ କରିଥିଲେ । ମମତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ୬ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

**ବରଗଡ଼ ଅଫିସ୍,୧୧।୪**

### ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ

ବରଗଡ଼ ଜିଲା ବିଜ୍ଞାନ କେନ୍ଦ୍ରରେ ସୋମବାର ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ ହୋଇଛି। ଏହି ମେଳାରେ ସ୍ଥାନୀତ ହୋଇଥିବା ପ୍ରକଳ୍ପ ମଧ୍ୟରୁ ୬ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ଏଥିରେ ଚର୍ଦାପାଲି ଏସ୍‌ଏସ୍‌ଡ଼ି ହାଇସ୍କୁଲର ପ୍ରୀତମ ତାଣ୍ଡିଙ୍କ ନାଚୁରାଲ କୁଲିଂ ହାଉସ୍, ବରଗଡ଼ ଜର୍ଜ ହାଇସ୍କୁଲର ଅସୀତ କୁମାର ସାହୁଙ୍କ ଅଟୋ ସୋଲାର ଟ୍ରାକିଂ ସିଷ୍ଟମ, କମଗାଁ ସରକାରୀ ହାଇସ୍କୁଲର ନୈନା ପ୍ରଧାନଙ୍କ ଆସ ଖେଳିବା, ପାଠ ପଢ଼ିବା, ଭୁକ୍ତା ଜନତା ହାଇସ୍କୁଲର କ୍ଷୀରୋଦ୍ର ସାହୁଙ୍କ ଇଜି ଟ୍ରାନ୍ସପୋଟେଶନ, କାଦୋବାହାଲ ପି.ଏନ୍ ହାଇସ୍କୁଲର ପ୍ରତୀକ୍ଷା ପଣ୍ଡାଙ୍କ ଇକୋ ଫ୍ରେଣ୍ଡଲି କୁଲର, ଲେବିଡ଼ି ୟୁ.ଜି ହାଇସ୍କୁଲର ଯସ୍ମୀନ ସାହୁଙ୍କ ଚିତ୍ତାକର୍ଷକ ଗଣିତ ପ୍ରକଳ୍ପ ରହିଛି।

ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବରଗଡ଼ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ବରପାଲି ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ମାହାର, ଭେଡ଼େନ ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ, ବରଗଡ଼ ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରେଣୁଦାସ ଶର୍ମା, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ଭାର୍ଗବ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

ଆରମ୍ଭରେ ଗ୍ରାମ୍ୟ ଉନ୍ନୟନ, ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ସୋହେଲା ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଗୋବିନ୍ଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡଃ ଅଶ୍ୱିନୀ କୁମାର ପାଣିଗ୍ରାହୀ, ଡଃ ସୁଶୀଲ କୁମାର ସାହୁ, ଡଃ ସୌଭାଗ୍ୟ ପ୍ରଧାନ, ଡଃ ନିରଞ୍ଜନ ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ବିରେନ୍ଦ୍ର ଦାଶ, ପରିତୋଷ ପାଢ଼ୀ, ସଦାନନ୍ଦ ଜାଲ, ଡଃ ଡୋଲାମଣି ଶତପଥି ଏବଂ ବରଗଡ଼ ବିଜ୍ଞାନ କେନ୍ଦ୍ରର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରଗଡ଼ ବ୍ଲକ ଶିକ୍ଷାଧିକାରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଯୁବକ ମୃତ

କନ୍ଧମାଳ,୧୧।୪ (ଡି.ଏନ.ଏ.): ସୋମବାର ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ମନମୁଣ୍ଡା ଥାନା ଅଧୀନ ପଲଶାଗୋରାସ୍ଥିତ କାନ୍ଦୁଲମୁଣ୍ଡା ପୋଖରୀରେ ଗାଧୋଇବା ବେଳେ ପାଣିରେ ବୁଡି ଯାଇ ବାଘମୁଣ୍ଡା ଗ୍ରାମର ସୁଶାନ୍ତ ନାଏକ (୩୦)ଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଅପରାହ୍ନ ୪ଟା ସମୟରେ ସୁଶାନ୍ତ ଗାଧୋଇବାକୁ ଉକ୍ତ ପୋଖରୀକୁ ଯାଇଥିଲେ। ହେଲେ କୌଣସି କାରଣରୁ ପାଣିରେ ବୁଡି ଯାଇଥିଲେ। ଏହି ସମୟରେ ପୋଖରୀ ନିକଟରେ ଛେଳି ଚରାଉଥିବା ଦୁଇ ଜଣ ବ୍ୟକ୍ତି ଦେଖି ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ପାଣିରୁ ଉଦ୍ଧାର କରିବା ପରେ ସୋନପୁର ମେଡିକାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁଶାନ୍ତ ପଲଶାଗୋରାଠାରେ ପରିବା ଦୋକନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ।

### ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

#### ହତ୍ୟା ଅଭିଯୋଗ ଆଣିଲେ ମା

ବିନିକା,୧୧।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ସିନ୍ଦୁରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚେରୁପାଲି ଗ୍ରାମରେ ସୋମବାର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁପମା ରଣା (୩୦)। ମହିଳା ଜଣକ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗତ ୮ ବର୍ଷ ତଳେ ବରଗଡ ଜିଲା ଭେଡେନ ଥାନା ଅଧୀନ ଧାତୁକପାଲି ଗାଁର ଅନୁପମାଙ୍କ ସହ ଚେରୁପାଲି ଗ୍ରାମର ଅର୍ଜ୍ଜୁନ ରଣା(୩୫)ଙ୍କ ବିବାହ ହୋଇଥିଲା। ସେମାନଙ୍କର ତିନୋଟି ସନ୍ତାନ ଅଛନ୍ତି। ତେବେ ଅନୁପମାଙ୍କ ମୃତ୍ୟୁ ଘଟିଥିବା ଖବର ପାଇ ପୋଲିସ ପହଞ୍ଚିଲା ବେଳକୁ ମୃତଦେହ ଶାଶୁଘର ବାରଣ୍ଡାରେ ପଡି ରହିଥିଲା। ପୋଲିସ ମୃତଦେହ ଜବତ କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ତେବେ ମୃତା ମହିଳାଙ୍କ ମା ସୁକାନ୍ତି ରଣା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ବିନିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେସ୍ ନଂ ୯୮/୨୨।

### ମା' ବାରପାହାଡ଼ ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା

ସୋନପୁର,୧୧।୪(ନି.ପ୍ର.): ସୋନପୁର ବ୍ଲକ କୁଦୋପାଲି ଗ୍ରାମରେ ପୂଜା ପାଉଥିବା ଅଞ୍ଚଳର ପ୍ରତ୍ୟକ୍ଷ ଦେବୀ ମା' ବାରପାହଡ ପୀଠରେ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଏହି ଅବସରରେ ଚଣ୍ଡୀପାଠ, ଚଣ୍ଡୀ ଯଜ୍ଞ, ହୋମ ଇତ୍ୟାଦି ଆୟୋଜିତ ହୋଇଛି। ପଣ୍ଡିତ ରାଜୀବ ଲୋଚନ ପଣ୍ଡାଙ୍କ ଦ୍ୱାରା ପୂଜାକାର୍ଯ୍ୟ ଆୟୋଜିତ ହୋଇଛି। ଗାଁ ଝାଙ୍କର ଯୁବରାଜ ବଗର୍ତ୍ତି ଦେବୀଙ୍କ ସ୍ୱତନ୍ତ୍ର ପୂଜା ନୀତି ସମାପନ କରିଥିଲେ। ରାଧେଶ୍ୟାମ ବଗର୍ତ୍ତି, ସୁଦର୍ଶନ ବଗର୍ତ୍ତି, ଚରୁହା ଝାଙ୍କର ପ୍ରମୁଖ ପୂଜାନୀତିରେ ସହାୟତା କରିଥିଲେ। ସୋମବାର ବାସନ୍ତିକ ଦଶହରାଠାରୁ ପାଞ୍ଚ ଦିନ ଧରି ମନ୍ଦିରରେ ବିଭିନ୍ନ ପୂଜାନୀତି ଅନୁଷ୍ଠିତ ହେବ। ପ୍ରଥମ ଦିନରେ ସନ୍ତୋଷ ମିଶ୍ରଙ୍କ ପରିବାର ପକ୍ଷରୁ ଚଣ୍ଡୀପାଠ ଆୟୋଜିତ ହୋଇଥିଲା। ମଙ୍ଗଳବାର ଖଲିଆପାଲି ପଞ୍ଚାୟତର ସମିତି ସଭ୍ୟ ସୁନିତା ନାଏକଙ୍କ ପରିବାର ଦ୍ୱାରା ଏବଂ ବୁଧବାର ଗାଁ ଗୌନ୍ତିଆ ମଧୁସୂଦନ ମିଶ୍ରଙ୍କ ପରିବାର ପକ୍ଷରୁ ମନ୍ଦିରରେ ଚଣ୍ଡୀପାଠ ଆୟୋଜିତ ହେବ। ଗୁରୁବାର ଦିନ ମା'ଙ୍କ ଛେନାପଣା ନୀତି କରାଯିବ। ଶୁକ୍ରବାର ମା'ଙ୍କ ବାର୍ଷିକ ପୂଜା ମା' ବାରପାହଡ ଯାତ୍ରା ଅନୁଷ୍ଠିତ ହେବ। ମା' ଛତ୍ର ସହ ଗାଁ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

# ପ୍ରଥମ ପର୍ଯ୍ୟାୟରେ ତେନ୍ତୁଳି କ୍ରୟ

- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ
- ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ
- ଆଦିବାସୀ ଅଧ୍ୟୁଷିତ ଥୁ. ରାମପୁର ବ୍ଲକରେ ପ୍ରଥମ

ଭବାନୀପାଟଣା,୧୧।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଥୁ. ରାମପୁର ବ୍ଲକ ଏକ ପ୍ରାକୃତିକ ବଣଜଙ୍ଗଲପୂର୍ଣ୍ଣ ଅଞ୍ଚଳ। ଏଠାରେ ପ୍ରକୃତିର ଅବଦାନ ଫଳସ୍ୱରୁପ ହରିଡା, ବାହାଡା, ଅଁଳା, ଶାଳମଞ୍ଜି, ମହୁଲ, ଟୋଳମଞ୍ଜି, ମହୁ, ଝାଡୁ ଓ ସିଆଡି ପତ୍ର ସହିତ ଅନେକ ଔଷଧୀୟ ଜଡିବୁଟି ଫଳମୂଳ ଭଳି ବିଭିନ୍ନ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଅଞ୍ଚଳର ଲୋକେ ଏହାକୁ ବିକ୍ରି କରି ଦି ପଇସା ରୋଜଗାର କରିଥାନ୍ତି। କିନ୍ତୁ ଏସବୁ ଦ୍ରବ୍ୟଗୁଡିକର ବିକ୍ରୟ ପାଇଁ ଦଲାଲର କବଜାରେ ପଡି ଏହାର ଉଚିତ ମୂଲ୍ୟରେ ବିକ୍ରିରୁ ବଞ୍ଚିତ ହୋଇଥାନ୍ତି। ଏହାର ବଜାର ଚାହିଦା ଯଥେଷ୍ଟ ରହିଛି। ଏଗୁଡିକର ଉପଯୁକ୍ତ ବଜାର ଅବା ମଣ୍ଡିର ବ୍ୟବସ୍ଥା ପାଇଁ ସରକାର 'ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସି)' ମାଧ୍ୟମରେ ସ୍ଥାନୀୟ ସଂଗ୍ରହକାରୀ ହିତାଧିକାରୀ ଉପକୃତ ହୋଇପାରିବେ। ଥୁଆମୂଳ ରାମପୁର ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ବ୍ଲକର ବିଭିନ୍ନ ସ୍ଥାନରେ ମଣ୍ଡି ବ୍ୟବସ୍ଥା ପାଇଁ ଦାବି ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ଆଦିବାସୀ ଉନ୍ନୟନ ସମବାୟ ନିଗମ ଦ୍ୱାରା ବ୍ଲକର ବାଲିସରାଠାରେ ସୋମବାର ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଆଦିବାସୀ ଉନ୍ନୟନ ସମବାୟ ନିଗମ ଅଧିକାରୀ ଗଙ୍ଗାଧର ମହାନ୍ତି ଏହି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ତେନ୍ତୁଳି କ୍ରୟ କରାଯିବା ନିଷ୍ପତ୍ତି ନିଆଯାଇଛି।



ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ।

ଉଦ୍‌ଘାଟନୀରେ ବାଲିସରା ଗ୍ରାମର ମା' ସନ୍ତୋଷୀ, ବୃନ୍ଦାବତୀ, ମା' ଲଙ୍କେଶ୍ୱରୀ ଏବଂ ମା' ଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସଂଗୃହିତ ତେନ୍ତୁଳି ବିକ୍ରି ଏଠାରେ ବିକ୍ରି କରାଯାଇଥିଲା। ବର୍ତ୍ତମାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୬୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଦଲାଲର ଶିକାର ହୋଇ ଶୋଷିତ ହେଉଥିବା ବେଳେ ଏବେ ଏହି ଦ୍ରବ୍ୟର ଉଚିତ ମୂଲ୍ୟ ପାଇ ଖୁସିଥିବା ପ୍ରକାଶ କରିଛନ୍ତି ବିକ୍ରେତା। ପର୍ଯ୍ୟାୟ କ୍ରମେ ନିଗମ ପକ୍ଷରୁ ଅନ୍ୟ ବନଜାତ ଦ୍ରବ୍ୟର ବଜାର ବ୍ୟବସ୍ଥା କରାଯିବା ବୋଲି କହିଛନ୍ତି ଟିଡିସିସି ଅଧିକାରୀ ମହାନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଦିବାସୀ ଉନ୍ନୟନ ସମବାୟ ନିଗମ କ୍ଷେତ୍ର ଅଧିକାରୀ ଶୈଳେଶ କୁମାର ସାହୁ, ବ୍ରାଞ୍ଚ ମ୍ୟାନେଜର ବିପିନ କୁମାର ରଥ, ସହକାରୀ ମାର୍କେଟିଂ ମ୍ୟାନେଜର ସୌଭାଗ୍ୟ ସାହୁ ଏବଂ ଆକାଉଣ୍ଟାଟ ନଳିନୀ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଗ୍ରାମରୁ ଆସିଥିବା ମହିଳାମାନଙ୍କୁ ଉତ୍ସାହିତ କରିଥିଲେ।

# ତାଲିମ ନେଲେ ଗାଁ ସାଥୀ



ତାଲିମ ନେବାକୁ ଶିବିରକୁ ଆସିଥିବା ଗାଁ ସାଥୀମାନେ।

ଦେଓଗାଁ,୧୧।୪(ଡି.ଏନ୍.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଗାଁ ସାଥୀମାନଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏପିଓ ପ୍ରଶାନ୍ତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ ଭାରପ୍ରାପ୍ତ ବିଡିଓ ରାମଦତ୍ତ ଭୋଇ ଯୋଗଦେଇ ଶୁଭାରମ୍ଭ କରିଥିଲେ । ବ୍ଲକର ୨୬ ପଞ୍ଚାୟତ ଅନ୍ତର୍ଗତ ୧୨୭ଖଣ୍ଡ ଗାଁରେ ନିୟୋଜିତ ଗାଁ ସାଥୀମାନେ ଶିବିରରେ ଯୋଗ ଦେଇଥିଲେ। ପ୍ରତିଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଧିକରୁ ଅଧିକ ଶ୍ରମଦିବସ ସୃଷ୍ଟି କରି ଶ୍ରମିକମାନଙ୍କୁ କାମ ପ୍ରଦାନ ଦିଗରେ ତତ୍ପରତାର ସହ କାମ କରିବା ପାଇଁ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

# ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା

## ମନ୍ତ୍ରୀଙ୍କୁ ଭେଟିଲା ସରପଞ୍ଚ ସଂଘ

ଭବାନୀପାଟଣା,୧୧।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ସରପଞ୍ଚ ସଂଘ କର୍ମକର୍ତ୍ତା ସୋମବାର ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହ ନିଜ ବାସଭବନରେ ସାକ୍ଷାତ କରିଛନ୍ତି। ନବନିର୍ବାଚିତ ସରପଞ୍ଚ ସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଭବାନୀପାଟଣା ବ୍ଲକ ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ଭବାନୀପାଟଣା ବ୍ଲକର ବିଦ୍ୟୁତ୍, ରାସ୍ତାଘାଟ, ପାନୀୟ ଜଳ ଭଳି ବିଭିନ୍ନ ମୌଳିକ ସମସ୍ୟା ଉପରେ ପ୍ରଥମେ ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ ମିଶ୍ର ସମସ୍ତ ସରପଞ୍ଚଙ୍କୁ ଆହ୍ୱାନ କରିଥିଲେ। ଏହାସହ ଭବାନୀପାଟଣା ବ୍ଲକର ବିକାଶ ପାଇଁ ଯାହାବି ସହଯୋଗ ହୋଇ ପାରିବ ମୁଁ ନିଶ୍ଚୟ ସହଯୋଗ କରିବି ଓ ମୁଖ୍ୟମନ୍ତ୍ରୀଙ୍କ ଜ୍ଞାତରେ ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରାଯିବା ବୋଲି ମନ୍ତ୍ରୀ ସରପଞ୍ଚ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷାତ ସମୟରେ ସ୍ଥାନୀୟ ବ୍ଲକ ସରପଞ୍ଚ ସଂଘ ସଭାପତି ଗୋବିନ୍ଦ ନାଏକ, କୈଳାସ ନାଏକ, ବିକାଶ ପ୍ରଧାନ, ଅନିତା ବେହେରା, ବିନୋଦିନୀ ବେହେରା, ଚାଳନା ଚଣ୍ଡୀ, ବିବେକ ନାଗ, ଗୀତାଞ୍ଜଳି ସାହୁ, ପ୍ରିୟଙ୍କା ମହାଖୁଡ଼, ଆଦିତ୍ୟ କୁମାର ନାଏକ, ସୁଷମା ସେନାପତି, ଜ୍ୟୋତିର୍ମୟୀ ମାଝି, ପ୍ରିୟାଙ୍କିନି ନାୟକ, ରମେଶ ନାୟକ, ଦିଗାମ୍ବର ଲୋହାର, ତପସ୍ୱିନୀ ସାହୁ, ମୁରଲୀ ପ୍ରଧାନ, ଦମୟନ୍ତୀ ବାଗ, ଉର୍ମିଳା ଯାନୀ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ସମସ୍ତେ ବିକାଶର ଆଶା ନେଇ ଉତ୍ସାହିତ ହୋଇଥିଲେ।



ମନ୍ତ୍ରୀଙ୍କ ସହ ସରପଞ୍ଚ ସଂଘ କର୍ମକର୍ତ୍ତାମାନେ ସାକ୍ଷାତ ଆଲୋଚନା କରୁଛନ୍ତି ।

### ୬ ଦିନ ହେଲା ବିଏସ୍‌ଏନ୍‌ଏଲ୍ ନେଟୱର୍କ ଫେଲ୍

ଲାଞ୍ଜିଗଡ,୧୧।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡରେ ଗତ ୬ ଦିବ ହେଲା ବିଏସ୍‌ଏନ୍‌ଏଲ୍ ନେଟୱର୍କ ଫେଲ୍ ରହିଛି। ଫଳରେ ଲୋକଙ୍କ ଯୋଗାଯୋଗରେ ବିଚ୍ଛିନ୍ନ ଘଟିଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଲାଞ୍ଜିଗଡ ସହରରେ ଅଧିକ ମାତ୍ରାରେ ଏହି ସିମକାର୍ଡ ବ୍ୟବହାର କରୁଛନ୍ତି। ହେଲେ ସେବା ନ ମିଳିବାରୁ ଶେଷରେ ସିମ ବଦଳାଉଛନ୍ତି। ୬ ଦିନ ହେଲା ନେଟ କାମ କରୁନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲାଞ୍ଜିଗଡ ବ୍ଲକର ଘାଟି ଅଞ୍ଚଳରେ ଥିବା ମୁଷନାଳ ଓ ବିଜେପୁରଠାରେ ମଧ୍ୟ ବିଏସ୍‌ଏନ୍‌ଏଲ୍ ଟାୱାର ସ୍ଥାପନ କରାଯାଇଛି। ହେଲେ ତାହା ନାମକୁ ମାତ୍ର। ୪-ଜି ନେଟ କଥା କୁହାଯାଉଛି ହେଲେ କିଛି କାମ କରୁନାହିଁ। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ସ୍ଥାନରେ ଟାୱାର ସ୍ଥାପନ କରିଛନ୍ତି। ହେଲେ ସରକାରୀ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ତାହା ବାଟବଣା ହେବାରେ ଲାଗିଛି। ଲୋକେ ଏହି କମ୍ପାନୀ ପ୍ରତି ବିମୁଖ ହେଉଛନ୍ତି। ଲାଞ୍ଜିଗଡ ସହରବାସୀ ଏହାକୁ ନେଇ ଆନ୍ଦୋଳନ ପାଇଁ ସଜବାଜ ହେବାକୁ ବସିଲେଣି। ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନକୁ ଏଡାଇ ଦିଆ ଯାଇ ନ ପାରେ। ସେଥିପାଇଁ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

# 'ବୁଦ୍ଧିଜୀବୀଙ୍କ ନୀରବତା ବିପଜ୍ଜନକ'

## ପ୍ରେରଣାର ୧୭ତମ ସ୍ୱନକ୍ଷତ୍ର

ବଲାଙ୍ଗୀର ଅଫିସ,୧୧।୪

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ରବିବାର ସନ୍ଧ୍ୟାରେ ସାପ୍ତାହିକ ପ୍ରେରଣାର ୧୭ତମ ସ୍ୱନକ୍ଷତ୍ର ସମାରୋହ ଅନୁଷ୍ଠିତ ହୋଇଥିଲା। ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଟଣାଗଡ ବିଧାୟକ ସରୋଜ ମେହେର, ସମ୍ମାନୀତ ଅତିଥି ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଓ ମୁଖ୍ୟବକ୍ତା ଭାବେ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେସନ୍ (ଆଇଆଇପିଏ)ର ସହକାରୀ ପ୍ରଫେସର ଡ. ସୁଜିତ କୁମାର ପୃଷେଠ ଯୋଗଦାନ କରିଥିଲେ।

ମୁଖ୍ୟବକ୍ତା ପ୍ରଫେସର ପୃଷେଠ୍ କହିଥିଲେ ଯେ, କୌଣସି ପରିସ୍ଥିତିରେ ବୁଦ୍ଧିଜୀବୀ ସମାଜର ନିରବତା ବଡ ବିପଜ୍ଜନକ। ଗଣମାଧ୍ୟମର କାମ ହେଲା ବୁଦ୍ଧିଜୀବୀ ହେଉ କି ଜନସାଧାରଣ ସମସ୍ତଙ୍କ ସ୍ୱରକୁ ଉଜାଗର କରିବା। ଏହା ନହେଲେ ସମାଜ ବ୍ୟବସ୍ଥାରେ ଅନେକ ଅସୁବିଧା ଦେଖାଦିଏ। ଆଜି ଭାରତବର୍ଷରେ କୌଣସି ବିଶ୍ୱବିଦ୍ୟାଳୟର ପ୍ରଫେସର ବା ବୁଦ୍ଧିଜୀବୀ କୌଣସି ପ୍ରସଙ୍ଗରେ ମତ ଦେଉନାହାନ୍ତି। ସେମାନେ ନିରବ ରହିବାକୁ ପସନ୍ଦ କରୁଛନ୍ତି। ଏଭଳି ସମୟରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ମୁଖ୍ୟଅତିଥି ବିଧାୟକ ମେହେର ଓ ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ସାହୁ ବିକାଶମୂଳକ କାର୍ଯ୍ୟରେ ଜନସହଭାଗିତା ଉପରେ କହି ଏଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରେରଣା ସମ୍ପାଦକ ରଘୁନନ୍ଦନ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାକୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରେରଣାର ବାର୍ଷିକ ସ୍ମରଣିକା ଓ ଡ. ଗୋବର୍ଦ୍ଧନ ସାହୁଙ୍କ କଷି ଆମ୍ବ ଝୁପା ପୁସ୍ତକ ଉନ୍ମୋଚିତ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱଜିତ ଦାସ, ଚିତ୍ତରଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, ଅନୀଲ ପୃଷ୍ଟି, କଣ୍ଟାବାଞ୍ଜି ପ୍ରେସକ୍ଲବ, ସ୍ୱାସ୍ଥ୍ୟ କ୍ଷେତ୍ରରେ କାମ କରୁଥିବା ନ୍ୟାଶନାଲ ପିସ ୟୁନିସନ ଅନୁଷ୍ଠାନ, ଅବସରପ୍ରାପ୍ତ ସୈନିକ ପ୍ରତାପ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପୂର୍ବରୁ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ସନ୍ଦୀପ କୁଅଁରଙ୍କ ସଭାପତିତ୍ୱ ଓ କବି ରତ୍ନମୟ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଗୋପବନ୍ଧୁ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପ୍ରେରଣାର ବାର୍ଷିକ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ମନ୍ତ୍ରୀ

ଟିଟିଲାଗଡ଼, ୧୧।୪ (ଡି.ଏନ.ଏ.)

ରାଜ୍ୟ ମହିଳା ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସୋମବାର ଟିଟିଲାଗଡ ଗସ୍ତ ଅବସରରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଉପଜିଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ସତ୍ୟଵାନ ମହାଜନ, ପୌରାଧ୍ୟକ୍ଷା ମମତା ଜୈନ, ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ ଓ କାଉନସିଲରଙ୍କ ସହ ମନ୍ତ୍ରୀ ଟିଟିଡୁଙ୍ଗରି ଏବଂ ନିଳଚକ୍ର ନଗର ଠାରେ ମହିଳାଙ୍କ ପାଇଁ ଦୁଇଟି ମିଶନ ଶକ୍ତି ଭବନର ଉଦ୍‌ଘାଟନ କରିଥିଲେ। ଏହା ସହ ବହୁ ଦିନ ଧରି ଅବହେଳିତ ହୋଇ ରହିଥିବା ରାଜକନୱର ପାର୍କରେ ପାଣି ଫୁଆରା ତଥା ପିଲାଙ୍କ ପାଇଁ ବିଭିନ୍ନ ଆମୋଦ ପ୍ରମୋଦ ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ସେହିପରି ମହାରାଜ ସାଗର କଡରେ ଓପନ ଜିମ ସହ ଏକ ସୁସଜ୍ଜିତ ପାର୍କର ଉଦଘାଟନ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୌର ସିଇଓ ଶୁଭଶ୍ରୀ ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ଏମ୍‌ପି ପ୍ରତିନିଧି ଗୁଲାବ ସୋନି, ନଗର ଭାଜପା ସଭାପତି ପ୍ରଶାନ୍ତ ଷଡଙ୍ଗୀ, ନବୀନ ଜୈନ, ରାକେଶ ଗାନ୍ଧୀ, ଅଶୋକ ବାଗ, ବାବୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମାଙ୍ଗାନିଜ ଚୋରାଚାଲାଣ ସନ୍ଦେହ: ଟ୍ରକ୍, ଜେସିବି ଅଟକାଇଲେ ଗ୍ରାମବାସୀ

ବଲାଙ୍ଗୀର ଅଫିସ, ୧୧।୪

ବଲାଙ୍ଗୀର ଜିଲା ଲରମ୍ଭା ଥାନା ଅନ୍ତର୍ଗତ ଚମ୍ପାସର ଗ୍ରାମରେ ସୋମବାର ମାଙ୍ଗାନିଜ ଚୋରାଚାଲାଣ ସନ୍ଦେହରେ ଗ୍ରାମବାସୀ ଏକ ଟ୍ରକ ଓ ଜେସିବିକୁ ଅଟକାଇ ପୋଲିସକୁ ଖବର କରିଥିଲେ। ଗ୍ରାମବାସୀ ୩ ଜଣଙ୍କୁ ଅଟକାଇ ଥିବାବେଳେ ୨ଜଣ ଫେରାର ହୋଇଯାଇଥିଲେ। ଲରମ୍ଭା ଥାନା ଆଇଆଇସି ଓ ପୋଲିସ ଟିମ ଉକ୍ତ ଟ୍ରକ ଓ ଜେସିବିକୁ ଥାନାକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହିଠାରୁ ବିଭିନ୍ନ ସମୟରେ ମାଙ୍ଗାନିଜ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି ।

# ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

ମୁରିବାହାଲ, ୧୧।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଛାତ୍ରୀମାନଙ୍କ ସାତଦିନ ବ୍ୟାପୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ଭବାନୀ ପୋଢ଼, ସାମାଜିକ କର୍ମୀ ଦୁର୍ଗାନନ୍ଦ ମହାକୁର ଯୋଗ ଦେଇଥିଲେ। ମାଷ୍ଟର ପ୍ରଶିକ୍ଷିକା ଡାକପ୍ରିୟା ନାଗ ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ କହିଥିଲେ। ବିଦ୍ୟାଳୟର ୧୪୭ଜଣ ଛାତ୍ରୀ ପ୍ରଶିକ୍ଷଣ ନେବେ। ଅଧ୍ୟାପକ ହୃଦାନନ୍ଦ ପୁହାଣ କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପକ ବିକ୍ରମ ତାଣ୍ଡି ଧନ୍ୟବାଦ ଦେଇଥିଲେ।




ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

# ତହସିଲଦାରଙ୍କୁ ଭେଟିଲା ନାଗରିକ କମିଟି

## ବେଲପଡାରେ ସିଭିଲ କୋର୍ଟ କୋଠା ନିର୍ମାଣ ପ୍ରସଙ୍ଗ

ବେଲପଡା, ୧୧।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡାରେ ଏକ ସିଭିଲ କୋର୍ଟ (ଜୁନିୟର ଡିଭିଜନ) ସ୍ଥାପନା ପାଇଁ ସରକାର ଅନୁମୋଦନ କରିଛନ୍ତି। ଏଥିପାଇଁ ୨୦୧୯ ମସିହାରେ ତତ୍କାଳୀନ ଜିଲାଜଜ, ତହସିଲଦାର, ଓକିଲ ସଂଘକୁ ନେଇ ଏକ ଆଲୋଚନା ହୋଇଥିଲା। ବେଲପଡା ହାଇସ୍କୁଲ ନିକଟରେ ଜମି ଅଧିଗ୍ରହଣ କରି କୋର୍ଟ ନିର୍ମାଣ ପାଇଁ ଆଲୋଚନାରେ ସ୍ଥିର ହୋଇଥିଲା । ହେଲେ ବର୍ତ୍ତମାନ ବେଲପଡାରୁ ୪କି.ମି. ଦୂର ଭରୁଆମୁଣ୍ଡାଠାରେ ପ୍ରସ୍ତାବିତ କୋର୍ଟ ପାଇଁ ଯୋଜନା ଚାଲିଥିବା ଜଣାପଡିବା ପରେ ବେଲପଡା ସଚେତକ ନାଗରିକ ମଞ୍ଚ ଓ ଗ୍ରାମବାସୀ ଏହାର ବିରୋଧ କରଛନ୍ତି। ସୋମବାର ବେଲପଡା ତହସିଲଦାର ପ୍ରିୟଙ୍କା ପଧାନଙ୍କୁ ଏକ ପ୍ରତିନିଧି ଦଳ ଭେଟି ୩୦୦ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ପୁନର୍ବିଚାର ପୂର୍ବକ ଭରୁଆମୁଣ୍ଡାରେ ଚିହ୍ନଟ କରାଯାଇଥିବା ପ୍ରସ୍ତାବିତ କୋର୍ଟ ବଦଳରେ ବେଲପଡା ଦୀନରଘୁ ମେହେର ହାଇସ୍କୁଲ ପାଖ ସରକାରୀ ଜମି କୋର୍ଟ ପାଇଁ ଅଧିଗ୍ରହଣ ପାଇଁ ଅନୁରୋଧ କରାଯାଇଛି। ଏଠାରେ କୋର୍ଟ ସ୍ଥାପନ ହେଲେ ତହସିଲ, ବ୍ଲକ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଥିବାରୁ ଜନସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ଦାବିପତ୍ର ପ୍ରଦାନ ସମୟରେ ସ୍ଥାନୀୟ ନାଗରିକ କମିଟି, ବଣିକ ସଂଘ, ଓକିଲ ସଂଘ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୧୫ ଦିନ ତଳେ ବଲାଙ୍ଗୀର ଜିଲାଜଜ ବେଲପଡା ଆସି ପ୍ରସ୍ତାବିତ କୋର୍ଟ ଏରିଆ ପରିଦର୍ଶନ କରିଥିଲେ। ନୂତନ କୋଠା ହେବା ପର୍ଯ୍ୟନ୍ତ ବେଲପଡା ରାଜସ୍ୱ ବଙ୍ଗଳାରେ କୋର୍ଟ ଚାଲିବ ବୋଲି କହିଥିଲେ ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କର୍ଲାମୁଣ୍ଡା ବ୍ଲକରେ ଏବେଠୁ ଜଳସଙ୍କଟ

କର୍ଲାମୁଣ୍ଡା,୧୧।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଏବେ ଠୁଁ ଜଳ ସଙ୍କଟ ଦେଖାଦେଲାଣି। ଫଳରେ ଜନଜୀବନ ପାଣି ପାଇଁ ଅନେକ ସମସ୍ୟା ଭୋଗୁଛନ୍ତି। ବ୍ଲକରେ ବୋହି ଯାଇଥିବା ଉତେଇ ନଦୀରେ ପାଣି ନ ଥିବାରୁ ନଦୀ ଭରସାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ହୋଇଥିବା ପ୍ରକଳ୍ପଗୁଡିକରେ ପାଇପ ଯୋଗେ ଜଳ ଯୋଗାଣ ଏକ ପ୍ରକାର ବ୍ୟାହତ ହୋଇଯାଇଛି। ବିଶେଷ ଭାବେ ସରଗୁଲ ମାଲପଡା, ଜୋରାଡବରା, ରେଗଡା, ବୋରପଦର, ରିଞ୍ଜା, ସାପଲହରା ଆଦି ପଞ୍ଚାୟତବାସୀ ନଦୀ ଶୁଖିଯିବାରୁ ପାଇପ ପାଣି ପାଇବା କଷ୍ଟ ହେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ବ୍ଲକର ପୌରକେଲା, ତେରେସିଙ୍ଗା, ଗଜବାହଲ, ରିଷିଡା, ରାଜପୁର, କର୍ଲାମୁଣ୍ଡା ପଞ୍ଚାୟତରେ ମଧ୍ୟ ପାନୀୟ ଜଳ ସମସ୍ୟା ଦେଖାଦେଉଥିବା ଜଣାପଡିଛି। ଜଳ ସମସ୍ୟା ଦୂର କରିବାକୁ ରିଞ୍ଜା ପଞ୍ଚାୟତ ପକ୍ଷରୁ ଉତେଇ ନଦୀରେ ଜେସିବି ସାହାର୍ଯରେ ଚହଲା ଖୋଳିଥିଲେ ହେଁ ଜଳ ସମସ୍ୟା ଦୂର ହେଉନାହିଁ ବୋଲି ସରପଞ୍ଚ ପଞ୍ଚାନନ ବାଗ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଗ୍ରାମ୍ୟ ଜଳ ଓ ପରିମଳ ମିଶନ ଯନ୍ତ୍ରୀ ବିଭୂତି କିଷାନଙ୍କୁ ପଚାରିବାରୁ ବ୍ଲକରେ ମୋଟ ୭୭୯ଟି ନଳକୂଅ କାର୍ଯ୍ୟକ୍ଷମ ରହିଛି। ନଦୀରେ ପାଣି ଶୁଖି ଯାଉଥିବାରୁ ପାଇପ ପାଣି ଯୋଗାଇବାରେ ସମସ୍ୟା ହେଉଛି। ଏଣୁ ଟ୍ୟାଙ୍କର ଯୋଗେ ଗାଁଗୁଡ଼ିକୁ ପିଇବା ପାଣି ଯୋଗାଇବାକୁ ସରପଞ୍ଚମାନଙ୍କୁ କୁହାଯାଇଛି ବୋଲି କହିଛନ୍ତି। ତେବେ ବ୍ଲକର ବଡଡୁଙ୍ଗୁରିଗୁଡା, କର୍ଲାମୁଣ୍ଡା, ରାଜପୁର, ଅଗାଧୁପୁର, କୁସୁରଲା, ରେଗଡା, ସାପଲହରା, ଭଟାପଲା, କଣ୍ଡରେଇ, ସିରାବହାଲ ଆଦି ଅଞ୍ଚଳକୁ ପାଇବ ଯୋଗେ ଜଳ ଯୋଗାଣ ପାଇଁ ପ୍ରକଳ୍ପଗୁଡିକ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରାଗଲେ ଜଳ ଯୋଗାଣ ସମସ୍ୟା ଦୂର ହୋଇପାରନ୍ତା ବୋଲି ବୁଦ୍ଧୀଜୀବୀ ମହଲରେ ମତପ୍ରକାଶ ପାଇଛି।



ଷ୍ଟାଣ୍ଡପୋଷ୍ଟକୁ ପାଣି ଆସୁ ନ ଥିବାରୁ ଅଚଳ ହୋଇପଡ଼ିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ମହିଳାଙ୍କ ମୃତ୍ୟୁ

**ଲହୁଣୀପଡ଼ା,୧୧।୪(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଗମଲେଇ ଗ୍ରାମରେ ରବିବାର ଜଣେ ମହିଳା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ, ଗିରିଧାରୀ ମାହାନ୍ତଙ୍କ ସ୍ତ୍ରୀ ସତ୍ୟଭାମା (୪୨) ଗମଲେଇ ଗ୍ରାମରେ ଭଡାଘରେ ରହି ଦିନମଜୁରିଆ ଭାବେ କାର୍ଯ୍ୟ କରି ଆସୁଥିଲେ। ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇଛି। ଘଟଣାର ତଦନ୍ତ ଚାଲିଛି।

### କାର୍ ଧକ୍କାରେ ଜଣେ ମୃତ

**ବଡ଼ଗାଁ, ୧୧।୪(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ନିକଟ ଭୋଜପୁର ଛକଠାରେ ସୋମବାର ଅପରାହ୍ଣ ପ୍ରାୟ ୪ଟାବେଳେ ଦୁର୍ଘଟଣା ଘଟିଛି। କାର ଧକ୍କାରେ ଭୋଜପୁର ଗ୍ରାମର ନୃପ ନାଏକ (୫୫)ଙ୍କ ମୃତ୍ୟୁ ହୋଇଛି। ନୃପ ସାଇକେଲରେ ରାସ୍ତା ଅତିକ୍ରମ କରୁଥିଲାବେଳେ କାର ଧକ୍କା ଦେଇ ଦ୍ରୁତ ଗତିରେ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରି ସୁନ୍ଦରଗଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

### ବଣିଆସାହି ନାମଯଜ୍ଞ କମିଟିର ନୂତନ କର୍ମକର୍ତ୍ତା

**ଦେବଗଡ଼,୧୧।୪(ଡି.ଏନ୍.ଏ.):** ଦେବଗଡ଼ ପୌରାଞ୍ଚଳ ବଣିଆସାହି ଅଷ୍ଟପ୍ରହରି ନାମ ଯଜ୍ଞ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବରିଷ୍ଠ ସଦସ୍ୟ କୁଳମଣି ସାହୁଙ୍କ ସଭାପତିତ୍ୱତରେ ଅନୁଷ୍ଠିତ ବୈଠକରେ ଆଗାମୀ ନାମଯଜ୍ଞ ଉପରେ ଆଲୋଚନା କରାଯାଇ ଥିଲା। ବିଗତ ଦୁଇ ବର୍ଷ ହେବ କୋଭିଡ୍ ପାଇଁ ନାମ ଯଜ୍ଞ ଆଡମ୍ବର ସହ ଅନୁଷ୍ଠିତ ହୋଇପାରି ନ ଥିବାବେଳେ ଚଳିତବର୍ଷ ଚିତାକର୍ଷକ ସହିତ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ନାମଯଜ୍ଞ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ପତିତପାବନ ସାହୁ (ବୁଟୁ), କୋଷାଧକ୍ଷ ଶିବ ଶଙ୍କର ସାହୁ ଓ ସହ କୋଷାଧକ୍ଷ ଭାବେ କାବୁଲୁ ଜେନାଙ୍କୁ ମନୋନୀତ କରାଯାଇଛି। ଆସନ୍ତା ୧୩ରେ ଅଧିବାସ, ୧୪ରେ ନାମ ଯଜ୍ଞ ଏବଂ ୧୫ରେ ନଗର କୀର୍ତ୍ତନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପ୍ରସ୍ତୁତି ବୈଠକରେ ଧନଞ୍ଜୟ ଝାଙ୍କର, ସତ୍ୟ ନାରାୟଣ ନାୟକ, ରାଜ ପିଆରୀ ସାହୁ, ଧ୍ରୁବ ଚରଣ ନାୟକ, ଜୟକୃଷ୍ଣ ସାହୁ, ହରେକୃଷ୍ଣ ସାହୁ, ସତ୍ୟ ନାରାୟଣ ନାୟକ, ଜନ୍ମେଜୟ ନାଏକ, ଆଶିଷ କପରଦାର, ବାବୁ ଖଡିରତ୍ନ ଓ ବିକାଶ ପୃଷ୍ଟି ପ୍ରମୁଖ ସାହିର ବହୁ ବରିଷ୍ଠ ଓ ଯୁବ ଗୋଷ୍ଠୀ ଉପସ୍ଥିତ ଥିଲେ।

### ୩୫ ପୂର୍ବତନ, ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବଡ଼ଗାଁ, ୧୧।୪(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଏକମା ଗ୍ରାମରେ ଥିବା ପଞ୍ଚାୟତ ହାଇସ୍କୁଲରେ ପୂର୍ବତନ ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ, ସ୍କୁଲର ପ୍ରତିଷ୍ଠାତା ସନ୍ତୋଷ କୁମାର ପୁରୋହିତ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଲକ୍ଷ୍ମଣ ପୁରୋହିତ, ଗଣେଶ ରାମ ସିଂ ଠାକୁର ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷକ ଗଣେଶ ବାରିକ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ପୂର୍ବତନ ଶିକ୍ଷକ ବିଭୀଷଣ ବାରିକ, ଭୀଷ୍ମଦେବ ବାରିକ, ବାସୁଦେବ ହୋତା, ଦିଲ୍ଲୀପ କୁମାର ପଟେଲ, ମାହେଶ୍ୱରୀ ମହାନ୍ତି, ବ୍ରଜେଶ୍ୱରି ମହାନ୍ତି, ବିଦୁଷୀ ପଟେଲ, ଅହଲ୍ୟା କୁମାରୀ ବାଇକ, ମହେଶ ସାହୁଙ୍କ ସହିତ ୩୫ ଜଣ ପୂର୍ବତନ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍କୁଲର ପୂର୍ବତନ ଛାତ୍ର ତଥା ଶିକ୍ଷକ କୃଷ୍ଣଚନ୍ଦ୍ର ଟପ୍ପୋ ତାଙ୍କ ଗୁରୁମାନଙ୍କୁ ଭେଟି ଦେଇ ଭକ୍ତିସୁମନ ଜଣାଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ରାମେଶ୍ୱର ରାୟ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ଗଣେଶ ବାରିକ ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ ଅତିଥି ପରିଚୟ କରିଥଲେ। ଏହି ଉପଲକ୍ଷେ ଛାତ୍ରୀମାନେ ଭଜନ ନୃତ୍ୟ ପରିବେଷଣ କରିଥିଲେ। ସଭାରେ ସ୍କୁଲ ପ୍ରତିଷ୍ଠା ପରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇଥିବା ଦିନମଣି ବାରିକ ଓ ଶଶିଧର ସୁକନ୍ୟାଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା।

# ବିଜ୍ଞାନ ମାନବ କଲ୍ୟାଣରେ ବିନିଯୋଗ ହେଉ

**ସୁନ୍ଦରଗଡ଼,୧୧।୪ (ଡି.ଏନ୍.ଏ.)**



ସୁନ୍ଦରଗଡ଼ ଜିକଲାସ୍ତରୀୟ ବିଜ୍ଞାନମେଳାରେ ଅତିଥିମାନେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ଜିଲାସ୍ତରୀୟ ବିଜ୍ଞାନମେଳା**
- ୧୦୮ ପ୍ରକଳ୍ପ ପ୍ରଦର୍ଶିତ
- ରାଜ୍ୟସ୍ତରକୁ ୬ ପ୍ରକଳ୍ପ ମନୋନୀତ

ସୁନ୍ଦରଗଡ଼ ଜିଲାସ୍ତରୀୟ ବିଜ୍ଞାନ ମେଳା ସୋମବାର ସ୍ଥାନୀୟ ଭବାନୀଶଙ୍କର ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ବଲପୁରର ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ଼ ଜିଲା କ୍ରୀଡା ସହିତ ଶିକ୍ଷା କ୍ଷେତ୍ରରେ ମଧ୍ୟ ରାଜ୍ୟରେ ବିଶେଷ ସ୍ଥାନରେ ରହିଥିବା ମୁଖ୍ୟ ଅତିଥି ପ୍ରଧାନ କହିଥିଲେ। ଏହି ମେଳାରେ ଜିଲାର ୧୭ଟି ବ୍ଲକ ଓ ରାଉରକେଲା ମହାନଗର ନିଗମର ମନୋନୀତ ୧୦୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିସହ ବିଜ୍ଞାନ ସେମିନାରରେ ୧୮ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ଭବିଷ୍ୟତରେ ବିଜ୍ଞାନକୁ ମାନବ କଲ୍ୟାଣ ଓ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଧାନଙ୍କ ସମେତ ସୁନ୍ଦରଗଡ଼ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ଶିବଶଙ୍କର ଷଡଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା, ସଦର ବ୍ଲକ ଶିକ୍ଷାଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ରାଜଗାଙ୍ଗପୁର ବ୍ଲକ ଶିକ୍ଷାଧିକାରୀ ସରିତା ସରୋନିଆ, ବଡଗାଁ ବ୍ଲକ ଶିକ୍ଷାଧିକାରୀ ସନିମୁନୀ ସୁରେଖା ହରୋ, ହେମଗିର ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ, ଗୁରୁଣ୍ଡିଆ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ମାଝୀ, ସବଡେଗା ବ୍ଲକ ଶିକ୍ଷାଧିକାରୀ ତନୁଲତା ବେହେରା, ବିଶ୍ରା ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପରମିତା ଜେନା, ଟାଙ୍ଗରପାଲି ଶିକ୍ଷାଧିକାରୀ ମହେନ୍ଦ୍ର ସରୋନିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଜ୍ଞାନ ମେଳାରେ କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କର ପ୍ରକଳ୍ପ ଶ୍ରେଷ୍ଠ ସ୍ଥାନ ଅଧିକାର କରି ରାଜ୍ୟସ୍ତର ପ୍ରତିଯୋଗିତାକୁ ମନୋନୀତ ହୋଇଛି। ଟ୍ରାନ୍ସପୋର୍ଟ ପ୍ରକଳ୍ପରେ କାର୍ମେଲ ସ୍କୁଲର ଆୟୁଷ୍ମାନ ନାଏକ, ସଫ୍ଟଓୟାର ଆଣ୍ଡ ଆପରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଓମ ପରିଡା, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ପ୍ରକଳ୍ପରେ ରାଉରକେଲା ସେକ୍ଟର ୧୯ ଡିଏଭି ପବ୍ଲିକ ସ୍କୁଲର ପ୍ରାଂଶୁ ଦାସ, ଇକୋ ଫ୍ରେଣ୍ଡଲି ପରିଚାଳନାରେ ଲଇକେରା ସରକାରୀ ହାଇସ୍କୁଲର ଡିକି ସାହୁ, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ପ୍ରକଳ୍ପରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ସ୍ମୃତିଶିଖା ଶତପଥୀ, ଗାଣିତିକ ପ୍ରକଳ୍ପରେ ଲେଫ୍ରିପଡା ଡିଏଭି ସ୍କୁଲର ଶିଖାରାଣୀ ସାହୁ ଏବଂ ବିଜ୍ଞାନ ସେମିନାରରେ ସୁନ୍ଦରଗଡ ସେଣ୍ଟ ଟେରେସା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ନବନୀତ ଭିତ୍ରିଆ ଜିଲାସ୍ତରରେ ଶ୍ରେଷ୍ଠ ହୋଇ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଜିଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ସୁରଜପ୍ରକାଶ ଚୌଧୁରୀ,ଭବାନୀଶଙ୍କର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ନାଏକ ସଭା ସଞ୍ଚାଳନ କରିଥିଲେ। ସୁଧାଂଶୁ କୁମାର ଚୌଧୁରୀ, ସୁସ୍ମିତା ଯୋଶୀ, ଅଶୋକ ବାଗ, ଦୀପକ ବାରିକ, ପ୍ୟାରୀମୋହନ ନାଏକ, ଅନନ୍ତ ପାଣ୍ଡେ, ଦିନେଶ ସିଂ, ସୁଶାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ରାଉରକେଲା ଅଫିସ,୧୧।୪**

ରାଉରକେଲା ସେକ୍ଟର-୫ ସ୍ଥିତ ଆଞ୍ଚଳିକ ଶ୍ରମ ଆୟୋଗ କାର୍ଯ୍ୟାଳୟ ସମ୍ମୁଖରେ ବକେୟା ଦରମା ପ୍ରଦାନ ଦାବିରେ କିଛି ଠିକା ଶ୍ରମିକ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଶ୍ରମଆୟୁକ୍ତ ଏସ୍. ସେଠୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ରାଜଗାଙ୍ଗପୁର ସ୍ଥିତ ଏଲ୍‌ଆଣ୍ଡ୍‌ଟି ଠିକା ସଂସ୍ଥା ପକ୍ଷରୁ କିଛି ଶ୍ରମିକ ରାଉରକେଲା ଇସ୍ପାତ କାରଖାନାର ହଟ୍‌ଷ୍ଟ୍ରିପ୍ ମିଲରେ କାର୍ଯ୍ୟ କରୁଥିଲେ। ଆଜିକୁ ପ୍ରାୟ ଦେଢ଼ ବର୍ଷ ହେବ ଉକ୍ତ ଠିକା ଶ୍ରମିକମାନଙ୍କୁ ସଂସ୍ଥା ପକ୍ଷରୁ କୌଣସି ଦରମା ପ୍ରଦାନ କରାଯାଇ ନ ଥିବା ନେଇ ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଶ୍ରମଆୟୁକ୍ତ ସେଠୀ ଏଲ୍‌ଆଣ୍ଡଟି କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଏହାସହ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ସମସ୍ୟାର ସମାଧାନ ପାଇଁ ଚିଠି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଶ୍ରମିକମାନେ ଆନ୍ଦୋଳନରୁ ଓହରିଥିଲେ।

## ଜିଲାପାଳଙ୍କୁ ଭେଟିଲେ ଛାତରୁ ଡେଇଁ ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ପରିବାର

**ସୁନ୍ଦରଗଡ଼, ୧୧।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ପଟୁଆଡ଼ିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ଶାରୀରିକ ଓ ମାନସିକ ଚାପ ସହି ନ ପାରି ଦଶମ ଶ୍ରେଣୀ ଛାତ୍ରୀ ଅପର୍ଣ୍ଣା ପାଣ୍ଡେ ହଷ୍ଟେଲ ଛାତରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହି ଘଟଣାର ତଦନ୍ତ କରି ଲେଫ୍ରିପଡ଼ା ପୋଲିସ ଅଭିଯୁକ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ପଟେଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାର ତଦନ୍ତ ତ୍ୱରାନ୍ୱିତ କରିବା ସହ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି। ଏନେଇ ପରିବାରବର୍ଗ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ଜଣାଇବା ସହ ଏହି ଘଟଣାରେ ହଷ୍ଟେଲ ପରିଚାଳିକା ସନ୍ଦେହ ଘେରକୁ ଆସୁଥିବା ନେଇ ଲିଖିତ ଦେଇଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ କଠୋର ଦଣ୍ଡ ଦେବାନେଇ ଦାବି କରିଛନ୍ତି। ପରେ ସୁନ୍ଦରଗଡ଼ ଏସ୍‌ପିଙ୍କ ଅନୁପସ୍ଥିତିରେ ମୃତା ଅପର୍ଣ୍ଣା ପରିବାର ବର୍ଗ ଅତିରିକ୍ତ ଏସ୍‌ପି ଉଗ୍ରସେନ ପ୍ରଧାନଙ୍କୁ ଭେଟିଥିଲେ। ପ୍ରଧାନ ତାଙ୍କୁ ଆଶ୍ୱାସନା ଦେଇ କହିଥିଲେ, ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଜଣେ ଡିଏସ୍‌ପି ଏହି ଘଟଣାର ତଦନ୍ତ କରୁଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ସେ କହିଥିଲେ।

# ଶ୍ରୀଶନି ଦକ୍ଷିଣକାଳୀ ମନ୍ଦିର ଚୁଆର ସଫେଇ, ପୁନରୁଦ୍ଧାର

**ଦେବଗଡ଼,୧୧।୪(ଡି.ଏନ୍.ଏ.)**

ରାମ ନବମୀ ଅବସରରେ ଦେବଗଡ ପୌରାଞ୍ଚଳର ଉତ୍ସାହୀ ଯୁବକମାନଙ୍କୁ ନେଇ 'ହାପି ଟୁ ହେଲ୍‌ପ ଫାଉଣ୍ଡେସନ' ନାମରେ ରବିବାର ଏକ ନୂତନ ସଙ୍ଗଠନର ଶୁଭାରମ୍ଭ ହୋଇଛି। ଏହା ସହ ଶ୍ରୀଶ୍ରୀ ଶନି-ଦକ୍ଷିଣକାଳୀ ମନ୍ଦିର ପରିସରରେ ଥିବା ଚୁଆ (ଷୋହଳ ବଖରୀ ଚୁଆ)ର ସଫେଇ ଏବଂ ପୁନରୁଦ୍ଧାର କରାଯାଇଛି। ରବିବାର ପୂର୍ବାହ୍ନରେ 'ହାପି ଟୁ ହେଲ୍‌ପ ଫାଉଣ୍ଡେସନ'ର ସଦସ୍ୟ ରାଜକିଶୋର ଦାଶ, ଶୁକଦେବ ଭଞ୍ଜ, ବିଷ୍ଣୁ ପ୍ରସାଦ ନାୟକ, ଆଲୋକ କୁମାର ଅମାତ, ଯତୀନ କୁମାର ନାୟକ, କଳିତ କୁମାର କର, ସୁକାନ୍ତ ନାୟକ, ପ୍ରଭାତ ସାହୁ, ସୁକେନ ମୁଖି, ଦେବେନ୍ଦ୍ର ନାଥ ସାହୁ, ଦୀପକ ଷଣ୍ଢ, ଶୁଭ୍ରାଂଶୁ ଶେଖର ଗିରି, ଅନୁଜ କୁମାର ପଣ୍ଡା, ଶଶାଙ୍କ ଶେଖର ଆଚାର୍ଯ୍ୟ, ଚଗଲା ପୃଷ୍ଟି, ଆଶିଷ କପରଦାର, ମାନସ ଖଡିରତ୍ନ, ଦୀପନ କୁମାର ନାୟକ, ସନ୍ତୋଷ ବାର୍ଲା, ଭୁବନ ନାଏକ ଓ ଉଦିତ ମିସ୍ତ୍ରୀଙ୍କ ସମେତ ବହୁ ସଦସ୍ୟ ଶ୍ରୀଶ୍ରୀ ଶନି-ଦକ୍ଷିଣ କାଳୀ ମନ୍ଦିର ପରିସରରେ ଥିବା ଚୁଆ (ପ୍ରାକୃତିକ ଜଳ ଉତ୍ସ)ରୁ ଅଳିଆ ଆବର୍ଜନା ସଫା କରିବା ସହ ଏହାର ପୁନରୁଦ୍ଧାର କରିଥିଲେ। ଆଗାମୀ ଦିନରେ ଏହି ଜଳଉତ୍ସର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଜତୀନ ନାୟକ ସୂଚନା ଦେଇଛନ୍ତି।


ମନ୍ଦିର ପରିସରରେ ଥିବା ଚୁଆରୁ ଅଳିଆ ଆବର୍ଜନା ସଫା କରାଯାଉଛି।

# ରାଜ୍ୟସ୍ତରୀୟ ଖେଳକୁଦରେ ଦେବଗଡ଼କୁ ସଫଳତା

**ଦେବଗଡ଼,୧୦।୪(ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥିତ 'କିଟ୍'କ୍ୟାମ୍ପସରେ ଚାଲିଥିବା ୬୮ତମ ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ଦେବଗଡ଼କୁ ଅଭୂତପୂର୍ବ ସଫଳତା ମିଳିଛି। ୨୦ବର୍ଷରୁ କମ ବାଳିକା ବର୍ଗ ୫୦୦୦ ମିଟର ଦୌଡ ପ୍ରତିଯୋଗିତାରେ ଦେବଗଡ଼ ପୌରାଞ୍ଚଳ ରଜାମୁଣ୍ଡାର ସସ୍ମିତା ସିଂଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ସେହିପରି ୧୮ବର୍ଷରୁ କମ ବାଳିକା ବର୍ଗ ୫୦୦୦ ମିଟର ପାଦଚଲା (ୱାକିଂ)ରେ ଦେବଗଡ଼ ବଣିଆସାହିର ଡିଶା ବାରିକଙ୍କୁ ସ୍ୱର୍ଣ୍ଣ ପଦକ, ୧୬ ବର୍ଷରୁ କମ ବାଳିକା ବର୍ଗ ୩୦୦୦ ମିଟର ପାଦଚଲା(ୱାକିଂ)ରେ ଦେବଗଡ ବଣିଆସାହିର ନିଶା ବାରିକଙ୍କୁ ସ୍ୱର୍ଣ୍ଣ ପଦକ, ୧୬ ବର୍ଷରୁ କମ ବାଳକ ବର୍ଗରେ ୫୦୦୦ ମିଟର ପାଦଚଲା(ୱାକିଂ)ରେ ଦେବଗଡ ବଣିଆସାହିର ଜିତ ବାରିକଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ସେହିପରି ୨୦ ବର୍ଷରୁ କମ୍ ବାଳକ ବର୍ଗ ୧୦୦୦୦ ମିଟର ପାଦଚଲା(ୱାକିଂ)ରେ ଦେବଗଡ ବଣିଆସାହିର ସାଇସ୍ପନ୍ଦନ ବେହେରା ଦ୍ୱିତୀୟ ସ୍ଥାନ ଓ ୧୮ ବର୍ଷରୁ କମ୍ ବାଳକ ବର୍ଗ ୧୦୦୦୦ ମିଟର ପାଦଚଲା(ୱାକିଂ)ରେ ଆତ୍ମାନନ୍ଦ ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ୧୬ ବର୍ଷରୁ କମ ବାଳିକା ବର୍ଗ ୩୦୦୦ ମିଟର ପାଦଚଲା(ୱାକିଂ)ରେ ଦେବଗଡ ବଣିଆସାହିର ରିତ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରି ଦେବଗଡ ପାଇଁ ଗୌରବ ଆଣିଛନ୍ତି। ପ୍ରତିଯୋଗୀଙ୍କର ଏଭଳି ସଫଳତା ପାଇଁ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରତିଯୋଗୀ।

## ଲିଙ୍ଗ ନିରୂପଣ ଆଇନ କାର୍ଯ୍ୟକାରିତାରେ ସୁନ୍ଦରଗଡ଼ ଜିଲା ରାଜ୍ୟରେ ପ୍ରଥମ

**ସୁନ୍ଦରଗଡ଼,୧୧।୪(ଡି.ଏନ.ଏ.)**

ଲିଙ୍ଗ ନିରୂପଣ ଆଇନ ୧୯୯୧କୁ ଠିକ୍ ଭାବରେ ପ୍ରଣୟନ କରି ଏବଂ ଜିଲାରେ ଲିଙ୍ଗଗତ ବିଭେଦତା ଦୂରକରିବା ଦିଗରେ ଉତ୍ତମ ପ୍ରଦର୍ଶନ କରି ୨୦୧୯-୨୦ ଓ ୨୦୨୦-୨୧ ବର୍ଷ ପାଇଁ ରାଜ୍ୟରେ ସୁନ୍ଦରଗଡ଼ ଜିଲା ପ୍ରଥମ ସ୍ଥାନ ଲାଭ କରିଛି। ଏହି ପ୍ରଦର୍ଶନ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସୁନ୍ଦରଗଡ଼ ଜିଲା ଉପପ୍ରବନ୍ଧକ ବୁଦ୍ଧିରଞ୍ଜନ ଭୋଇଙ୍କୁ ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ପ୍ରଶସ୍ତିପତ୍ର ପ୍ରଦାନ କରିଛନ୍ତି।

# ୩ କୁଇଣ୍ଟାଲ ଚୋରା ଆଲୁମିନିୟମ ବିଦ୍ୟୁତ୍ ତାର ଜବତ

**ଦେବଗଡ଼,୧୧।୪ (ଡି.ଏନ୍.ଏ.)**

ଦେବଗଡ଼ ଥାନା ତିଳେଇବଣି ଫାଣ୍ଡି ଅନ୍ତର୍ଗତ ଜୁରେଇକେଳା ଗ୍ରାମରେ ଜଣେ ଯୁବକଙ୍କ ଘରେ ଦୀର୍ଘ ଦିନ ଧରି ବେଆଇନ ଚୋରା ସ୍କ୍ରାପ ବ୍ୟବସାୟର ପର୍ଦ୍ଦାଫାସ କରିଛି ଦେବଗଡ଼ ଥାନା ପୋଲିସ। ଏଥିସହ ପ୍ରାୟ ୧୦ ଲକ୍ଷ ଟଙ୍କା ମୂଲ୍ୟର ୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଆଲୁମିନିୟମ ବିଦ୍ୟୁତ୍ ତାର ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଜୁରେଇକେଳା ଗ୍ରାମର ନେଲସନ ଲମ୍ବଗା ଓ ତିଳେଇବଣି ଗ୍ରାମର ପପୁ ଜୟସ୍ୱାଲ ଦୀର୍ଘ ଦିନ ଧରି ଚୋରା ସ୍କ୍ରପ ବ୍ୟବସାୟ କରି ଆସୁଥିଲେ। ନେଲସନଙ୍କ ଘରକୁ ଚୋରା ଆଲୁମିନିୟମ ତାର ଆସିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଦେବଗଡ଼ ଥାନା ପୋଲିସ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଚୋରା ଆଲୁମିନିୟମ ତାର ଜବତ କରାଯାଇଛି। ଏହା ସହ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ନେଲସନଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚରା କରାଯାଉଥିବାବେଳେ ପପୁ ଫେରାର ଥିବା ସୂଚନା ମିଳିଛି।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଇସ୍ପାତ ସହର



ଆଖଡା ଶୋଭାଯାତ୍ରାରେ ଏମ୍‌ପି, ବିଧାୟକ, ଏସ୍‌ପିଙ୍କ ସମେତ ଅନ୍ୟ ନେତୃବୃନ୍ଦ ସାମିଲ ହୋଇଛନ୍ତି।

**ରାଉରକେଲା ଅଫିସ,୧୧।୪**

ପବିତ୍ର ରାମନବମୀ ଅବସରରେ ରାଉରକେଲା ସହରର ବିଭିନ୍ନ ଆଖଡା କମିଟି ପକ୍ଷରୁ ସୋମବାର ଆଖଡା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଏସ୍‌ପି ମୁକେଶ କୁମାର ଭାମୁ, ପୂର୍ବତନ କାଉନସିଲର ଆଫରୋଜ ଅହମ୍ମଦ, ରାଉରକେଲା ଓକିଲ ସଂଘର ପୂର୍ବତନ ସଭାପତି ରମେଶ ବଳ, ନିହାର ରାୟ, ହରିହର ରାଉତରାୟ ପ୍ରମୁଖ ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପରେ ଭୂତନାଥ ଆଖଡା, ଜୟବୀର ହନୁମାନ ଆଖଡା, ବଜରଙ୍ଗବାଲି ଆଖଡା ଆଦି ୧୦ଟି କମିଟି ପକ୍ଷରୁ ବିଶ୍ରା ଛକରୁ ରାଉରକେଲା ମେନ୍ ରୋଡ ଦେଇ ଆଖଡା ଶୋଭାଯାତ୍ରା ବାହାରିଥିଲା। ବିଭିନ୍ନ ଆଖଡା କମିଟି ପକ୍ଷରୁ ଆଖଡା ଖେଳ ପ୍ରଦର୍ଶନ ସହ ପଥଚାରୀଙ୍କୁ ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଥଲା। ଶୋଭାଯାତ୍ରା ବେଳେ ଜୟ ଶ୍ରୀରାମ ଧ୍ୱନିରେ ସହର କମ୍ପିଉଠିଥିଲା। ଇସ୍ପାତ ସହରରେ ରାମନବମୀ ଆଖଡା ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଆଖଡା ଶୋଭାଯାତ୍ରାରେ ଏମ୍‌ପି, ବିଧାୟକ, ଏସ୍‌ପିଙ୍କ ସମେତ ଅନ୍ୟ ନେତୃବୃନ୍ଦ ସାମିଲ ହୋଇଛନ୍ତି।

# ସବୁଠି ଗଡ଼ିଲା ଶିକ୍ଷା ସଚେତନତା ରଥ

**କୁତ୍ରା/ଲହୁଣୀପଡ଼ା/ସବ୍‌ଡେଗା, ୧୧।୪ (ଡି.ଏନ.ଏ.)**

କରୋନା ମହାମାରୀ ଯୋଗୁ ୨ବର୍ଷ ଧରି ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। କିଛି ଦିନ ହେବ ବିଦ୍ୟାଳୟଗୁଡିକ ଖୋଲିଥିଲେ ମଧ ଉପସ୍ଥାନ କମି ଯାଇଛି। ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି କରିବା ପାଇଁ ସମଗ୍ର ରାଜ୍ୟରେ ସୋମବାରଠାରୁ ପାଞ୍ଚଦିନ ଧରି ଶିକ୍ଷା ସଚେତନତା ରଥ ବିଭିନ୍ନ ଗ୍ରାମରେ ବୁଲିବ। ଏହା ମାଧମରେ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ସଚେତନ କରାଯିବ। ସେହି କ୍ରମରେ କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା ଓ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କୁତ୍ରା ବ୍ଲକ ଶିକ୍ଷାଧିକାରୀ ଗୁରୁଚରଣ ସାହୁ, ଏବିଓ ପ୍ରକାଶ ରଏ, ଏବିଓ ଲକ୍ଷ୍ମଣ ଜାମୁଣ୍ଡା, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକଙ୍କ ସମେତ ସିଆରସିସିମାନେ ଉପସ୍ଥିତ ଥିଲେ। ସେହିପରି ଲହୁଣୀପଡ଼ାସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଶିକ୍ଷା ସଚେତନତା ରଥକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ସମ୍ମାନିତ ଅତିଥି ଭାବେ ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଭଗବାନ ବାଙ୍କିରା, ଏବିଇଓ ନରହରି କିଷାନ, ଇମାକ୍ରିପା ମିଞ୍ଜ ପ୍ରମୁଖଙ୍କ ଉପସ୍ଥିତିରେ ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

ସେହିପରି ସବ୍‌ଡେଗା ବ୍ଲକରେ ଶିକ୍ଷା ବିଭାଗ ତରଫରୁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥକୁ ସବଡେଗା ବିଇଓ ଅଫିସରେ ପୂଜାର୍ଚ୍ଚନା କରି ସବଡେଗା ସରପଞ୍ଚ ଗଣେଶ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଝଣ୍ଡା ଦେଖାଇ ରଥକୁ ସଙ୍କେତ ଦେଇଥିଲେ। ରଥ ଗଡ଼ିବା ସମୟରେ ବିଇଓ ତନୁଲତା ବେହେରା, ଏବିଓ ବେଦବ୍ୟାସ ପଟେଲଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।


କୁତ୍ରାରେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି।

## ପିଲାଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟ

**କୁଆଁରମୁଣ୍ଡା,୧୧।୪(ଡି.ଏନ.ଏ.)**

କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ସ୍କୁଲ ପ୍ରତି ଅଧିକ ସଂଖ୍ୟକ ପିଲାଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ପିଲାଙ୍କୁ କିଭଳି ପୁନର୍ବାର ଶିକ୍ଷା ପ୍ରତି ଆକୃଷ୍ଟ କରାଯାଇ ସ୍କୁଲକୁ ଅଣାଯାଇପାରିବ ସେ ନେଇ ସଚେତନ କରାଇବ ବୋଲି ବ୍ଲକ ଶିକ୍ଷା ବିଭାଗ ପ୍ଲାନିଂ ସଂଯୋଜକ ରାଜୀବ କୁମାର ନାଏକ ସୂଚନା ଦେଇଛନ୍ତି । ଉକ୍ତ ସଚେତନତା ରଥ ପ୍ରଥମେ କୁଆଁରମୁଣ୍ଡା ହରିହର ଉଚ୍ଚ ବିଦ୍ୟାଳୟରୁ ଶୁଭାରମ୍ଭ ହୋଇଛି । ଏହାକୁ କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ହରିହର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ପାଣିଗ୍ରାହୀ, କୁଆଁରମୁଣ୍ଡା ଏବିଇଓ ଡୋରୋଥିଆ ଟପ୍ପୋଙ୍କ ସହ ସମସ୍ତ ସିଆରସିସି ଉପସ୍ଥିତ ଥିଲେ।

# କଟକ ଚାମ୍ପିୟନ, ଭୁବନେଶ୍ୱର ରନର୍ସ ଅପ୍

**ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ୍ ଓ କିଟ୍-କିସ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଆଥଲେଟିକ୍ସ ମିଟ୍ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ମୋଟ ୧୨ଟି ନୂଆ ମିଟ୍ ରେକର୍ଡ ସ୍ଥାପନ ହୋଇଥିବାବେଳେ ଦଳଗତ ଭାବେ କଟକ ୫୭୯ ପଏଣ୍ଟ ପାଇ ଚାମ୍ପିୟନ ଓ ଭୁବନେଶ୍ୱର ୨୬୦ ପଏଣ୍ଟ ସହିତ ରନର୍ସଅପ୍ ହୋଇଛି। ୧୦୫୨ ପଏଣ୍ଟ ପାଇ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଶ୍ରେଷ୍ଠ ମହିଳା ଆଥଲେଟ୍ ବିବେଚିତ ହୋଇଛନ୍ତି। ସେହିପରି ପୁରୁଷ ବିଭାଗରେ ଆର୍ଯ୍ୟନ ଏକ୍କା ୧୦୦୨ ପଏଣ୍ଟ ସହିତ ଶ୍ରେଷ୍ଠ ପୁରୁଷ ଆଥଲେଟ୍ ହୋଇଛନ୍ତି।

**ଅନ୍ତିମ ଦିବସରେ ୫ ମିଟ୍ ରେକର୍ଡ**

ପ୍ରତିଯୋଗିତାର ଅନ୍ତିମ ଦିବସରେ ୫ ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ୧୮ ବର୍ଷରୁ କମ୍ ଶଟ୍‌ପୁଟ୍ ଥ୍ରୋରେ ରେକର୍ଡ କରିଛନ୍ତି ଭୁବନେଶ୍ୱରର ଆଂଶିକା ରାଉତରାୟ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ କନ୍ୟା ଆଂଶିକା ସୋମବାର ୧୧.୭୫ ମିଟର ଦୂରକୁ ଶଟ୍‌ପୁଟ୍ ପକାଇ ରେକର୍ଡ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବ ରେକର୍ଡ ଥିଲା ୧୧.୪୩ ମିଟର। ମୟୂରଭଞ୍ଜର ଦୀପା ସିଂ ୧୦.୧୩ ଓ ଜଗତ୍‌ସିଂହପୁରର ଜ୍ୟୋତ୍ସ୍ନା ସାହୁ ୯.୯୧ ମିଟର ଦୂରକୁ ଥ୍ରୋ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ବ୍ରାଣ୍ଡ ଆମ୍ବାସାଡର ଥିବା ଆଂଶିକା ୨୦୧୫ରୁ ବିଭିନ୍ନ ବୟସ ବର୍ଗରେ ରାଜ୍ୟ ରେକର୍ଡ କରିଆସୁଛନ୍ତି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଆଂଶିକାଙ୍କ କୋଚ୍ ଏବଂ ମା' ଅନୁରାଧା। ପୁରୁଷ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା। ସେ ୩୧:୨୪.୦୬ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୂର୍ବ ରେକର୍ଡ ୩୧:୩୬.୦ ସେକେଣ୍ଡ ଥିଲା। ରାଜ୍ୟ ମିଟ୍‌ରେ ଏହା ଥିଲା ଦଣ୍ଡସେନାଙ୍କ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଲଙ୍ଗ୍ ଡିଷ୍ଟାନ୍ସ ରନର ଦଣ୍ଡସେନା ପୂର୍ବରୁ ୫୦୦୦ ମିଟର ରେସ୍‌କୁ ୧୪:୩୯.୦୪ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦୂତୀ ମହିଳା ୨୦୦ ମିଟର ରେସ୍‌କୁ ୨୩.୭ ସେକେଣ୍ଡରେ ଅତିକ୍ରମ କରିଛନ୍ତି। ପୂର୍ବରୁ ଏହି ଇଭେଣ୍ଟରେ ରେକର୍ଡ ଥିଲା ୨୪.୨ ସେକେଣ୍ଡ। ସେହିପରି ୨୦ ବର୍ଷରୁ କମ୍ ବାଳିକା ଟ୍ରିପଲ ଜମ୍ପରେ ମାରି ମୁକ୍ତା ସୋରେଙ୍ଗ ୧୧.୪୯ ମିଟର ଡେଇଁ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଇଭେଣ୍ଟରେ ପୂର୍ବ ରେକର୍ଡ ଥିଲା ୧୧.୪୦ ମିଟର। ୨୦ ବର୍ଷରୁ କମ୍ ବାଳକ ୨୦୦ ମିଟର ରେସ୍‌କୁ ଆର୍ଯ୍ୟନ ଏକ୍କା ୨୨.୦ ସେକେଣ୍ଡରେ ଅତିକ୍ରମ କରି ରେକର୍ଡ କରିଛନ୍ତି। ପୂର୍ବରୁ ରେକର୍ଡ ଥିଲା ୨୨.୧ ସେକେଣ୍ଡ।

ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ୍ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍ ସମ୍ପାଦକ ଅଭିଜିତ୍ ପାଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନଶିପ୍‌ରେ ଓଡ଼ିଶାର ୩୦ ଜିଲା, ପାରାଦୀପ ବନ୍ଦର ଓ ଟେଲିକମ୍ ଆଦିରୁ ୨ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍, କୋଚ୍ ଓ ଅଫିସିଆଲ୍ ଯୋଗଦେଇଥିଲେ।

**ରାଜ୍ୟ ଆଥଲେଟିକ୍ସ ମିଟ୍ ଉଦ୍‌ଯାପିତ**
- ୧୨ ନୂଆ ମିଟ୍ ରେକର୍ଡ
- ଦୂତୀ ଚାନ୍ଦ, ଆର୍ଯ୍ୟନ ଏକ୍କା ଶ୍ରେଷ୍ଠ ଆଥଲେଟ୍






ରାଜ୍ୟ ଆଥଲେଟିକ୍ସ ମିଟ୍‌ର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ। ଦୂତୀ ଚାନ୍ଦଙ୍କୁ ଶ୍ରେଷ୍ଠ ମହିଳା ଆଥଲେଟ୍ ପୁରସ୍କାର ପ୍ରଦାନ କରୁଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

# ଓଡ଼ିଶାର ରେକର୍ଡ ସଂଖ୍ୟକ ମହିଳାଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ



ଓଡ଼ିଶାରେ ଆତ୍ମରକ୍ଷା ପ୍ରଶିକ୍ଷଣ ସମ୍ପର୍କରେ ସୂଚନା ଦେଉଛନ୍ତି ହରିପ୍ରସାଦ ପଟ୍ଟନାୟକ।

**ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)** ବିଶ୍ୱର ବିଭିନ୍ନ ସ୍ଥାନରେ ଛାତ୍ରୀ ଓ ମହିଳାମାନଙ୍କ ଆତ୍ମରକ୍ଷା ନିମନ୍ତେ ବିଭିନ୍ନ ପରାମର୍ଶ, କର୍ମଶାଳା ଓ ସେମିନାର ଆଦି ଆୟୋଜନ ହେଉଛି। କେତେକ ସ୍ଥାନରେ ସାମରିକ କଳା ଓ କ୍ରୀଡ଼ା ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଉଛି, ଯାହା ଦୈନନ୍ଦିନ ଜୀବନରେ ମହିଳାମାନଙ୍କ ଉପରେ ହେଉଥିବା ଶାରୀରିକ ଆକ୍ରମଣକୁ ପ୍ରତିହତ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଆସୁଛି। ଓଡ଼ିଶା ସରକାର ମହିଳାମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଛନ୍ତି। ୨୦୧୩ ଯୁବନୀତିରେ ଏପର୍ଯ୍ୟନ୍ତ ୧୬, ୫୦,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଓ କର୍ମଜୀବୀ ମହିଳାଙ୍କୁ ଆତ୍ମରକ୍ଷା କୌଶଳରେ ପ୍ରଶିକ୍ଷିତ କରିଛନ୍ତି। ରାଜ୍ୟର ଉଚ୍ଚଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, କ୍ରୀଡ଼ା ବିଭାଗ, ମହିଳା ଓ ଶିଶୁକଲ୍ୟାଣ ବିଭାଗ, ଓଡ଼ିଶା ପୋଲିସ, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ଦ୍ୱାରା ଏହି ପ୍ରଶିକ୍ଷଣ ଦିଆଯାଇଥିବାବେଳେ ଶିକ୍ଷା ବିଭାଗ ଦ୍ୱାରା ଏହି ପ୍ରଶିକ୍ଷଣ ଏବେ ମଧ୍ୟ ଚାଲୁ ରହିଛି। ଓଡ଼ିଶାର ସର୍ବପୁରାତନ ସାମରିକ କଳା ଓ କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ର ଉତ୍କଳ କରାଟେ ସ୍କୁଲ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ୪୨ ଘଣ୍ଟାର ଆତ୍ମରକ୍ଷା ପ୍ରଶିକ୍ଷଣ କୋର୍ସ 'ରିଆକ୍ଟ' ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ୧୬ ଲକ୍ଷ ୫୦ ହଜାର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ବେସରକାରୀ ସଂସ୍ଥା ମାଧ୍ୟମରେ ୫୦,୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଶିକ୍ଷିତ କରାଯାଇଛି। ଗୁଜରାଟର ଜାମ୍‌ନଗରସ୍ଥିତ ରିଲାଏନ୍ସ ରିଫାଇନେରି, ଦିଲ୍ଲୀସ୍ଥିତ ଅନ୍ତର୍ଜାତୀୟ ମାନବିକ ଅଧିକାର ସଙ୍ଗଠନ, ମାଇଣ୍ଡ୍ ଟ୍ରି, ଟାଟା ଏଆଇଏ, ବିଜୟା, ଭାରତୀୟ ରିଜର୍ଭ ବ୍ୟାଙ୍କ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, କଲେଜ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଏଜୁକେଶନ, ହାଇ-ଟେକ୍ ଗ୍ରୁପ୍ ଅଫ୍ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଏନ୍‌ସିସି ୱିଙ୍ଗ୍ ଆଦି ଅନେକ ସଂସ୍ଥା ଦ୍ୱାରା ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କୌଣସି ସଂସ୍ଥା ଦ୍ୱାରା ରେକର୍ଡ ସୃଷ୍ଟି କରିବାର ଆଶା କରାଯାଇ ନ ଥିଲେ ମଧ୍ୟ ଓଡ଼ିଶାର ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ସାରା ବିଶ୍ୱରେ ଏକ ରେକର୍ଡ ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉତ୍କଳ କରାଟେ ସ୍କୁଲର ସମ୍ପାଦକ ତଥା 'ରିଆକ୍ଟ'ର ଲେଖକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଦେଶରେ ଓଡ଼ିଶା ହିଁ ଏକମାତ୍ର ରାଜ୍ୟ, ଯେଉଁଠି ମହିଳାମାନଙ୍କୁ ସରକାରୀସ୍ତରରେ ମାଗଣାରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି। ସେଥିପାଇଁ ହରିପ୍ରସାଦ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଋଦ୍ଧିମାନଙ୍କ ଅଭିଯୋଗର ତଦନ୍ତ ରିପୋର୍ଟ ରିଭ୍ୟୁ କରାଯିବ

**ନୂଆଦିଲ୍ଲୀ, ୧୧।୪ (ପିଟି):** ଜଣାଶୁଣା ଜର୍ନାଲିଷ୍ଟ ବୋରିଆ ମଜୁମ୍‌ଦାରଙ୍କ ବିରୋଧରେ ଭାରତୀୟ ଟେଷ୍ଟ ଉଇକେଟ୍‌କିପର ଋଦ୍ଧିମାନ ଶାହା ଆଣିଥିବା ଅଭିଯୋଗ ଉପରେ ତଦନ୍ତକାରୀ ଦଳ ରିପୋର୍ଟକୁ ବିସିସିଆଇର ଆପେକ୍ସ କାଉନ୍ସିଲ ପୁନଃ ଯାଞ୍ଚ କରିବ। ଏଥିଲାଗି ଉପସଭାପତି ରାଜୀବ ଶୁକ୍ଲା, ଟ୍ରେଜରର ଅରୁଣ ଧୁମାଲ ଓ ଆପେକ୍ସ ସଦସ୍ୟ ପ୍ରଭତେଜ ଭାଟିଆଙ୍କୁ ନେଇ ବିସିସିଆଇ ଏକ ୩ ଜଣିଆ ପେନାଲ ଗଠନ କରିଛି। ୩୭ ବର୍ଷୀୟ କ୍ରିକେଟର ଗତମାସରେ କମିଟି ଆଗରେ ହାଜର ହୋଇଥିଲେ। ତାଙ୍କ ଭଳି ଜର୍ନାଲିଷ୍ଟ ବୋରିଆ ମଧ୍ୟ ପେନାଲ ଆଗରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ। ସାକ୍ଷାତ୍‌କାର ଦେବା ପାଇଁ ମଜୁମ୍‌ଦାର ଧମକ ଦେଇଥିବା ଶାହା ଅଭିଯୋଗ କରିଥିଲେ। ଆଶା କରାଯାଉଛି, ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ଏହି ସମସ୍ୟାର ସମାଧାନ ହେବ।

# ଟେଷ୍ଟ ସିରିଜ୍‌ରେ ବାଂଲାଦେଶକୁ ମୂଳପୋଛ କଲା ଦକ୍ଷିଣ ଆଫ୍ରିକା

**ପୋର୍ଟ ଏଲିଜାବେଥ (ଦକ୍ଷିଣ ଆଫ୍ରିକା), ୧୧।୪:** ବାଂଲାଦେଶ ଦଳକୁ ଦ୍ୱିତୀୟ ଇନିଂସ୍‌ରେ ୮୦ ରନ୍‌ରେ ଅଲଆଉଟ୍ କରି ୨ୟ ଟେଷ୍ଟକୁ ୩୩୨ ରନ୍‌ର ବୃହତ୍ ବ୍ୟବଧାନରେ ଜିତିନେଇଛି ଦକ୍ଷିଣ ଆଫ୍ରିକା। ଏଥିସହ ଘରୋଇ ଦଳ ସୋମବାର ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ୨-୦ରେ ମୂଳପୋଛ କରିଛି। କେଶବ ମହାରାଜ (୭/୪୦) ଏବଂ ସାଇମନ ହାରମର(୩/୩୪)ଙ୍କ ସ୍ପିନ୍ ଯୋଡ଼ି ପୁଣିଥରେ ବାଂଲାଦେଶ ବିପକ୍ଷରେ ସମସ୍ତ ୧୦ ଉଇକେଟ ହାତେଇଛି। ଏହି ଦୁଇ ସ୍ପିନର ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ମଧ୍ୟ ସମାନ ସଫଳତା ପାଇଥିଲେ। ପୂର୍ବ ଦିନର ସ୍କୋର ୨୭/୩ରୁ ବ୍ୟାଟିଂ ଆରମ୍ଭ କରିଥିବା ବାଂଲାଦେଶକୁ ଅଲଆଉଟ୍ କରିବା ପାଇଁ ଦକ୍ଷିଣ ଆଫ୍ରିକା ସ୍ପିନରଙ୍କୁ ମାତ୍ର ୧୪ ଓଭର ବୋଲିଂ କରିବାକୁ ପଡ଼ିଥିଲା। ପ୍ରଥମ ଇନିଂସ୍‌ରେ ଘରୋଇ ଦଳ ୪୫୩ ରନ୍ କରିଥିବା ବେଳେ ଭ୍ରମଣକାରୀ ବାଂଲାଦେଶ ୨୧୭ରେ ସୀମିତ ରହିଥିଲା। ଏହାପରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୧୭୬/୬ରେ ପାଳି ଘୋଷଣା କରିବାରୁ ବାଂଲାଦେଶ ଆଗରେ ଛିଡ଼ା ହୋଇଥିଲା ବିଶାଳ ୪୧୩ ରନ୍‌ର ବିଜୟଲକ୍ଷ୍ୟ।

## ରାଜ୍ୟ ଖବର

# କୁବେର ଯନ୍ତ୍ରୀଙ୍କ ଦୁର୍ନୀତି ଗୁମର ଖୋଲିବ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ) :** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ଗଞ୍ଜାମ ଜିଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କୁ ପୁଣି ଥରେ ରିମାଣ୍ଡରେ ଆଣିଛି ଭିଜିଲାନ୍ସ। ଗତ ୮ ତାରିଖରେ ସେ ପ୍ରଥମେ ରିମାଣ୍ଡରେ ଆସିଥିଲେ। ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ତିନିଦିନ ଧରି ପଚରାଉଚରା କରିବା ସହ ପୁଳା ପୁଳା ଟଙ୍କା, ସୁନା ବିସ୍କୁଟ, ଅଳଙ୍କାର ଆଦି ବାହାର କରିଥିଲେ। ଭୁବନେଶ୍ୱରସ୍ଥିତ କାର୍ତ୍ତିକେଶ୍ୱରଙ୍କ ବାସଗୃହ ସମେତ ଦ୍ୱିତୀୟ ସ୍ତ୍ରୀଙ୍କ ଘର ଓ ଶାଳୀଙ୍କ ଘରୁ ନଗଦ ୩କୋଟି ୪୧ଲକ୍ଷ ୬୬ହଜାର ଟଙ୍କା ଜବତ ହୋଇଥିବାବେଳେ ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ୭ କୋଟି ୪୮ ଲକ୍ଷ ୬୨ ହଜାରକୁ ବୃଦ୍ଧି ପାଇଥିଲା। ଏହା ତାଙ୍କ ଆୟଠାରୁ ୧୧୦୮ ପ୍ରତିଶତ ବୋଲି ଭିଜିଲାନ୍ସ କହିଥିଲା। ତେବେ ସେ ସରକାରୀ ପଦର ଦୁରୁପଯୋଗ କରି ଏସବୁ ବିପୁଳ ସମ୍ପତ୍ତି ଠୁଳ କରିଥିବା ଜଣାପଡିଥିଲା। ଏହି ଦୁର୍ନୀତି ଟଙ୍କାର ପରିମାଣ ବଢ଼ିବା ସମ୍ଭାବନା ଥିବାରୁ କାର୍ତ୍ତିକେଶ୍ୱରଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଆଣିବାକୁ ଭିଜିଲାନ୍ସ ଯୋଜନା କରିଥିଲା। ତେଣୁ ପ୍ରଥମ ପର୍ଯ୍ୟାୟ ରିମାଣ୍ଡ ସରିବା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ସୋମବାର ଭୁବନେଶ୍ୱରସ୍ଥିତ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରିବା ସହ ୫ ଦିନିଆ ରିମାଣ୍ଡ ଆବେଦନ କରିଥିଲା। ହେଲେ କୋର୍ଟ ୩ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଥିବାବେଳେ ସୋମବାରଠାରୁ ଏହା ଲାଗୁ ହୋଇଛି। ଏତେ ଟଙ୍କା ସେ କେମିତି ହାତେଇଲେ, ଆଉ କେଉଁଠି ତାଙ୍କର ସମ୍ପତ୍ତି ରହିଛି, ତାହାର ଗୁମର ଖୋଲିବାକୁ ଘନଘନ ଜେରା କରୁଛି ଭିଜିଲାନ୍ସ ଟିମ୍।

କାର୍ତ୍ତିକେଶ୍ୱରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ବୁଧବାର ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ସରକାରୀ ବାସଭବନ, କାର୍ଯ୍ୟାଳୟ, ଖଲ୍ଲିକୋଟ ଓ ଭୁବନେଶ୍ୱର ଆଦି ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଖଲ୍ଲିକୋଟ ଲଙ୍ଗଳେଶ୍ୱରସ୍ଥିତ ପୈତୃକ ଘର, ଭୁବନେଶ୍ୱର ଖଣ୍ଡଗିରି କସ୍ମୋପଲିସ୍ ରେସିଡେନ୍ସିର ୨ ବିଏଚ୍‌କେ ଫ୍ଲାଟ୍, ତୃପ୍ତି ରେସିଡେନ୍ସିରେ ଥିବା ୩ ବିଏଚ୍‌କେ ଫ୍ଲାଟ, ଜାଗମରାସ୍ଥିତ ଦୁଇ ମହଲା ଘର ସମେତ ଗଞ୍ଜାମରେ ୫ଟି ଓ ଭୁବନେଶ୍ୱରରେ ୨ଟି ପ୍ଲଟ୍ ଠାବ ହୋଇଥିଲା। ଯାଞ୍ଚରୁ ନଗଦ ୨ ଲକ୍ଷ ୫୦ ହଜାର ୮୮୦ ଟଙ୍କା, ୩୭.୨୩ ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ୍, ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ଡିପୋଜିଟ୍, ଘରେ ଥିବା ୧୭.୯୫ ଲକ୍ଷ ଟଙ୍କାର ସାମଗ୍ରୀ, ଗୋଟିଏ ୧୪ ଲକ୍ଷ ଟଙ୍କାର ଚାରି ଚକିଆ ଯାନ, ୨ଟି ବାଇକ୍ ଓ ୫.୭୨ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଆଦି ମିଳିଛି। ଠାବ ହୋଇଥିବା ସମ୍ପତ୍ତିର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ କାର୍ତ୍ତିକେଶ୍ୱରଙ୍କୁ ଶୁକ୍ରବାର ଗିରଫ କରିଥିଲା। ପରେ ତାଙ୍କ ଦ୍ୱିତୀୟ ସ୍ତ୍ରୀ କଳ୍ପନା ପ୍ରଧାନଙ୍କ ଭୁବନେଶ୍ୱର ଆଇଗିଣିଆଠାରେ ଥିବା ଟାଟା ଆରିଆନାସ୍ଥିତ ଘରୁ (ଫ୍ଲାଟ୍ ନଂ.୦୫୦୫) ନଗଦ ୨ କୋଟି ୨୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ, ୫୮୦ ଗ୍ରାମର ୨୦ଟି ସୁନା ବିସ୍କୁଟ୍ ଜବତ କରିଥିବାବେଳେ ସାଲିଆ ସାହିରେ ରହୁଥିବା କାର୍ତ୍ତିକେଶ୍ୱରଙ୍କ ଶାଳୀ ତଥା କଳ୍ପନାଙ୍କ ଭଉଣୀ ରହୁଥିବା ଝୁମ୍ପୁଡି ଘରୁ ନଗଦ ୧ କୋଟି ୪୧ ଲକ୍ଷ ୬୨ ହଜାର ୪୦୦ ଟଙ୍କା ଓ ୩୬୦ ଗ୍ରାମ ସୁନା ସହ ୧୦୦୪ ଗ୍ରାମ ରୁପା ମଧ୍ୟ ଜବତ କରିଥିଲା ଭିଜିଲାନ୍ସ ଟିମ୍। ଦୁର୍ନୀତିକୁ ପ୍ରୋତ୍ସାହନ ଓ ଟଙ୍କା ଲୁଚାଇବାରେ ସହଯୋଗ କରିବା ଅଭିଯୋଗରେ କଳ୍ପନାଙ୍କୁ ମଧ୍ୟ ଗିରଫ କରାଯାଇଥିଲା।



**କାର୍ତ୍ତିକେଶ୍ୱରଙ୍କୁ ଆଉ ୩ଦିନିଆ ରିମାଣ୍ଡରେ ଆଣିଲା ଭିଜିଲାନ୍ସ**

# ହରିଣକୁ ଉଦ୍ଧାରକରି ସଂରକ୍ଷିତ ଜଙ୍ଗଲରେ ଛଡ଼ାଗଲା

**ପାଟଣା, ୧୧।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ଉଦୟପୁର ବିଟ ଅନ୍ତର୍ଗତ ଦେଉଳିଆପଶି ଗାଁ ମୁରଲୀ ମହାନ୍ତଙ୍କ ବାଡିରୁ ସୋମବାର ଅପରାହ୍ଣରେ ଏକ ହରିଣକୁ ବନବିଭାଗ ଉଦ୍ଧାର କରି ଅଟେଇ ସଂରକ୍ଷିତ ବଣମହୁଲଡିହା ଜଙ୍ଗଲରେ ସୁରକ୍ଷିତ ଭାବେ ବନ ବିଭାଗ ଛାଡିଛି। ସୂଚନା ଅନୁଯାୟୀ, ହରିଣଟିକୁ କୁକୁର ଗୋଡ଼ାଇବାରୁ ଗାଁ ଭିତରକୁ ଜୀବନ ବଞ୍ଚାଇବା ପାଇଁ ପଶିଆସିଥିଲା। ଗ୍ରାମବାସୀ ବନ ବିଭାଗକୁ ଖବର ଦେବା ପରେ ଘଟଣାସ୍ଥଳରେ ପାଟଣା ରେଞ୍ଜର ଟିକେଶ୍ୱର ମହାନ୍ତ, ସାହାରପଡା ବନପାଳ ମୋହିନୀ ମହାନ୍ତ ପ୍ରମୁଖ ପହଞ୍ଚିଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ଭାରତର ସୁପ୍ରସିଦ୍ଧ ୨୧ବର୍ଷର ମାନ୍ୟତାପ୍ରାପ୍ତ ବଶୀକରଣ ବିଶେଷଜ୍ଞ, ପ୍ରେମ ବିବାହ, ମନଚାହୁଁଥିବା ପ୍ରେମ, ପତି-ପତ୍ନୀ ସମସ୍ୟା ଏହିପରି ସବୁ ପ୍ରକାର Love problem ସମାଧାନ କରାଯାଏ।
7749814706
7606076003

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637 9471160476
Whatsapp: 8902923601

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ରାଜକିଶୋର ମିଶ୍ର
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ: ୧୧।୦୪।୧୯୪୪
ତିରୋଧାନ: ୦୩।୦୪।୨୦୨୨
ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ସରଳ ଜୀବନଶୈଳୀ ଓ ସମ୍ମାନବୋଧ ଏବଂ ସର୍ବଦା ସହାସ୍ୟ ମୁଖ ଆମର ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। (ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତିମାନେ।
ଧ-୦୯୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା କମଳିନୀ ତ୍ରିପାଠୀ
ଯୋଗୀସର୍ଡା, ଲୋଇସିଂହା, ବଲାଙ୍ଗୀର
ଆବିର୍ଭାବ: ୧୫।୦୨।୧୯୪୫
ତିରୋଧାନ: ୦୧।୦୪।୨୦୨୨
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ମଣିଷ ପଣିଆ, ଦୂରଦୃଷ୍ଟି, ସମ୍ମାନବୋଧ, ଆଦର୍ଶ, ତ୍ୟାଗ ଓ ଆଶୀର୍ବାଦ ସବୁଦିନ ସ୍ମୃତି ହୋଇ ରହିବ। ଅମର ଆତ୍ମାର ଶାନ୍ତି, ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ (ପ୍ରଭୁ) ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।
ଧ-୧୦୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

୰ ରାମଚନ୍ଦ୍ର ମଣ୍ଡଳ
ନିରାଳ (ଆସିକା) ଗଞ୍ଜାମ
ତିରୋଧାନ : ୧.୪.୨୦୨୨
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
କୃଷ୍ଣଚନ୍ଦ୍ର ମଣ୍ଡଳ, ଲବ ମଣ୍ଡଳ
ନାରାୟଣ ବେହେରା,
ଭାଗ୍ୟଲତା ମଣ୍ଡଳ ଓ ଆତ୍ମୀୟ ସ୍ୱଜନ
ଧ-୧୧୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

୰ କନ୍ଧ ପଣ୍ଡା
ବାଣୀବିହାର, ଆସିକା ଗଞ୍ଜାମ
ପ୍ରଥମ ଶ୍ରାଦ୍ଧବାର୍ଷିକୀ : ୧୨.୪.୨୨
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୦୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ କୋରି ପଣ୍ଡା
ଅନନ୍ତ ନଗର ୩ୟ ଲାଇନ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ : ୨୭.୦୭.୧୯୩୪
ତିରୋଧାନ : ୨୩.୦୪.୨୦୨୧
ତିଥି - ଏକାଦଶୀ
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟ ଆମ ପାଇଁ ସବୁଦିନ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :
ଉତ୍ତମ, ଗୌତମ, ମମତା
ରିତା, ଗିତା ଏବଂ ସବିତା,
ନାତି, ନାତୁଣୀ - ବଦ୍ରୀ, ପୂଜା, କ୍ରୀଷ୍ଣା
ଧ-୧୧୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ସୌନ୍ଦର୍ଯ୍ୟ



# ମେଥି ହେୟାର ମାସ୍କ

କେଶକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାରର ଦାମୀ ପ୍ରଡକ୍ଟ ବ୍ୟବହାର କରାଯାଏ। କିନ୍ତୁ ଘରୋଇ ଉପାୟରେ ମେଥି ବ୍ୟବହାର କରି ସୁନ୍ଦର ଘନ କେଶ ପାଇ ହେବ...

➡ମେଥି ହେୟାର ମାସ୍କ ଲଗାଇବା ଫଳରେ କେଶ ଝଡ଼ିବା, କେଶ ଧଳା ହୋଇଯିବା ଏବଂ ରୁପି ଆଦି ସମସ୍ୟା ଦୂର ହୋଇଥାଏ।

➡କେଶକୁ ଅଧିକ ମଜଭୁତ କରିବା ପାଇଁ ସପ୍ତାହରେ ୨ ଥର ମେଥିକୁ ରାତିରେ ଭିଜାଇ ସେହି ପାଣିରେ କେଶ ଧୁଅନ୍ତୁ।

➡ସେହିପରି କେଶ ଅଧିକ ଶୁଷ୍କ ଥିଲେ ମେଥିକୁ ଭିଜାଇ ବାଟି ସେଥିରେ ନଡିଆ କିମ୍ବା ବାଦାମ ତେଲ ମିଶାଇ କେଶରେ ଲଗାନ୍ତୁ।

➡ମେଥିରେ ଭିଟାମିନ୍ ଏ, କେ, ସି, ଆଇରନ୍, କ୍ୟାଲସିଅମ୍ ଓ ଫଲିକ୍ ଏସିଡ୍ ଭଳି ତତ୍ତ୍ୱ ଥିବାରୁ ତାହା କେଶ ବୃଦ୍ଧି ସହ କେଶର ବିଭିନ୍ନ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ।

➡ ମେଥି ହେୟାର ମାସ୍କ ତିଆରି କରିବା ପାଇଁ ପ୍ରଥମେ ଦୁଇ ଚାମଚ ମେଥିକୁ ରାତିରୁ ଭିଜାଇ ରଖନ୍ତୁ। ସକାଳେ ମେଥିକୁ ବାଟି ସେଥିରେ ଲେମ୍ବୁ ରସ ଓ ନଡିଆ କ୍ଷୀର ମିଶାନ୍ତୁ। ଏହି ପେଷ୍ଟକୁ କେଶ ମୂଳରେ ୨୦ ମିନିଟ ପର୍ଯ୍ୟନ୍ତ ଲଗାଇ ତା' ପରେ ସାମ୍ପୁ କରି ଦିଅନ୍ତୁ।

➡ ମେଥିକୁ ଗୁଣ୍ଡ କରି ନଡିଆ ତେଲରେ ମିଶାଇ କେଶ ମୂଳରେ ଲଗାନ୍ତୁ। ଶୁଖିଗଲା ପରେ ସାମ୍ପୁ କରି ଦିଅନ୍ତୁ।



# ସମର ଫ୍ୟାଶନ୍

ଋତୁ ଅନୁସାରେ ସବୁବେଳେ ଫ୍ୟାଶନ୍ ବଦଳିଥାଏ। ଖରାଦିନେ ସାଧାରଣତଃ ହାଲ୍କା ରଙ୍ଗର ଆରାମଦାୟକ ପୋଷାକ ପିନ୍ଧିବାକୁ ଭଲ ଲାଗେ। ଏହି ଦୃଷ୍ଟିରୁ ଏବେ ଫ୍ୟାଶନ୍ ଟ୍ରେଣ୍ଡରେ କେଉଁ ସବୁ ପୋଷାକ ଆରାମଦାୟକ ହେବା ସହ ଷ୍ଟାଇଲିସ୍ ଲାଗିବ ଜାଣି ରଖନ୍ତୁ...



➤ଖରାଦିନିଆ ଫ୍ୟାଶନରେ କ୍ଲୋଟ୍ସ ସହିତ କ୍ରପ ଟପ୍ ବେଶ୍ ଭଲ ଲାଗିବ। କ୍ଲୋଟ୍ସ ଆଣ୍ଠୁଠାରୁ ତଳକୁ ରହିବା ସହ ଢିଲା ରହିଥାଏ। ତେଣୁ ଏହା ଆରାମଦାୟକ ଏବଂ ଷ୍ଟାଇଲିସ୍ ଲାଗେ। ଏଥିରେ ସ୍ଲିଭ୍ ଲେସ୍ ଟି-ଶାର୍ଟ ବି ଭଲ ଲାଗିଥାଏ।

➤ଖରାଦିନେ ପ୍ଲାଜୋ ବହୁତ ଭଲ ଲାଗିଥାଏ। ଏହା ସହିତ କ୍ରପଟପ୍, ଟି-ଶାର୍ଟ ମଧ୍ୟ ଭଲ ଲାଗେ।

➤ଜିନ୍ସ, ପ୍ଲାଜୋ, ସ୍କର୍ଟ ସହିତ ବିଭିନ୍ନ ରଙ୍ଗର ସ୍ପାଗେଟି ମଧ୍ୟ ଏବେ ଫ୍ୟାଶନ୍ ଟ୍ରେଣ୍ଡରେ ଖୁବ୍ ପସନ୍ଦ ହୋଇପାରୁଛି।

➤ହାଫ୍ ହଲଟର୍ ନେକ୍ ଟପ୍ ମଧ୍ୟ ଷ୍ଟାଇଲିସ୍ ଲାଗିଥାଏ। ଏହାକୁ ଜିନ୍ସ କିମ୍ବା ସ୍କର୍ଟ ସହିତ ପିନ୍ଧିପାରିବେ। ଅଫିସ୍ ବ୍ୟତୀତ ଏହାକୁ ପାର୍ଟିରେ ମଧ୍ୟ ପିନ୍ଧିପାରିବେ।

➤ଯଦି ଆପଣଙ୍କର ପେଟ ସାମାନ୍ୟ ବଡ ଲାଗୁଛି ତେବେ ଆପଣ ପେଲପମ୍ ଟପ୍ ପିନ୍ଧିପାରିବେ। ଏହା ଆରାମଦାୟକ ହେବା ସହିତ ଟ୍ରେଣ୍ଡି ଲୁକ୍ ଦେଇଥାଏ।

➤ଖରାଦିନେ ଫ୍ୟାଶନ୍ ଟ୍ରେଣ୍ଡରେ ସ୍କର୍ଟର ଚାହିଦା ଖୁବ୍ ରହିଥାଏ। ସ୍କର୍ଟ ସହିତ କଟ୍ ସ୍ଲିଭ୍ ଟପ୍ କିମ୍ବା ଡେନିମ୍ ଜ୍ୟାକେଟ୍‌କୁ ଖୋଲା କରି ପିନ୍ଧି ହେବ। ଏହା ସହିତ ଜୋତା ବଦଳରେ ବୁଟ୍ କିମ୍ବା ହାଇ ହିଲ ପିନ୍ଧନ୍ତୁ। ଷ୍ଟାଇଲିସ୍ ଲୁକ୍ ମିଳିବ।

➤ଗରମରେ ହାଲ୍କା ରଙ୍ଗର ପୋଷାକ ଭଲ ଲାଗିଥାଏ। ତେଣୁ ଆପଣ ଡେନିମ୍ ପ୍ଲାଜୋ, ଜିନ୍ସ କିମ୍ବା ଶର୍ଟ ସ୍କର୍ଟ ସହିତ ବଲୁନ୍ ସ୍ଲିଭ୍‌ର ନଟେଡ୍ ଟପ୍ ପିନ୍ଧିପାରିବେ।



# କହିବା ଆଗରୁ...

କହିବାର କଳା ତ ପ୍ରାୟ ସମସ୍ତେ ଜାଣନ୍ତି କିନ୍ତୁ ନ କହିବା ବି ଏକ ସୁନ୍ଦର କଳା ଏକଥାକୁ ହୁଏତ କେତେଜଣ ଜାଣନ୍ତି। ଆଉ ଥରେ ଏଇ କଳା ଜାଣିଗଲେ ପରିବାରରେ ସୁଖଶାନ୍ତି ଆସିବା ସହିତ ଢେର୍ ମଧୁର ହୋଇଥାଏ ସମ୍ପର୍କ। ପଦିଏ କଥାରେ ଝରିଯାଏ ପ୍ରେମର ମଧୁର ମୂର୍ଚ୍ଛନା ଆଉ ପଦେ କଥାରେ ବି ଭୁଶୁଡି ଯାଏ ସମ୍ପର୍କର ମଜଭୁତ ନିଅାଁ। କେଉଁ ସମୟରେ କଥାର ପ୍ରଭାବ କ'ଣ ହୁଏ ସେ ଅନୁଭବ ତ ଅନ୍ତେ ବହୁତେ ଥାଏ ଗୃହିଣୀଙ୍କର। ତେଣୁ ହଠାତ୍ କିଛି କହିବା ଆଗରୁ ଥରେ ଭାବିବା ଉଚିତ...

ପରିବାର ଭିତରେ ସମସ୍ତଙ୍କ ମନ ନେଇ ଚଳିବାକୁ ହେଲେ ପ୍ରଥମେ ନିଜ ଉପରେ ନିୟନ୍ତ୍ରଣ ରଖିବାକୁ ହୁଏ। କେଉଁ ସମୟରେ କଥା କହିଲେ ତା'ର ସକାରାତ୍ମକ ପ୍ରଭାବ ପଡିବ ସେକଥା ବିଚାର କରିବା ଦରକାର। ନଚେତ୍ ବିରକ୍ତି ଭାବରେ ପ୍ରତିକ୍ରିୟାରେ ପଦେ କଥା କହିଦେଲେ ନିମିଷକେ ହୁଏତ ସୁନା ସଂସାର ଭାଙ୍ଗି ଯାଇପାରେ। ତେଣୁ ସଙ୍ଗେ ସଙ୍ଗେ ସବୁ କଥା ନ କହି ସମୟକୁ ଅପେକ୍ଷା କରି ନିଜ କଥା ଉପସ୍ଥାପନ କରିବା ଉଚିତ।

**ହଠାତ୍ ଡରାନ୍ତୁ ନାହିଁ:** ପିଲାମାନେ କିଛି ଭୁଲ୍ କରିଲେ ସେମାନଙ୍କୁ ସଙ୍ଗେ ସଙ୍ଗେ ଗାଳି ଦିଅନ୍ତୁ ନାହିଁ। ଆପଣଙ୍କ ଦୃଷ୍ଟିରେ ହୁଏତ ସେମାନେ କିଛି ଭୁଲ୍ କରିଥାଇ ପାରନ୍ତି କିନ୍ତୁ ସଙ୍ଗେ ସଙ୍ଗେ ପିଲାଙ୍କୁ ଗାଳି କିମ୍ବା ମାଡ ଦେଲେ ସେମାନେ ହୁଏତ ପ୍ରତିକ୍ରିୟାଶୀଳ ହୋଇପାରନ୍ତି। ଫଳରେ ସେମାନଙ୍କ କଅଁଳ ମନକୁ ଢେର୍ ଆଘାତ ଲାଗିବ। ହୁଏତ ସବୁଦିନ ପାଇଁ ସେମାନେ ଭୟରେ କିମ୍ବା କ୍ରୋଧରେ ଲୁଚାଇ ଲୁଚାଇ ଭୁଲ କାମ କରିପାରନ୍ତି। ତେଣୁ ପିଲାଙ୍କୁ ସବୁବେଳେ ବୁଝାଇ ଶୁଝାଇ ପ୍ରତି କଥା କୁହନ୍ତୁ। ଏମିତିକି ସେମାନଙ୍କ ଭୁଲ୍ କାମକୁ ବି ପ୍ରଥମେ ଭୁଲ୍ କୁହନ୍ତୁ ନାହିଁ। ପରେ ସମୟ ଦେଖି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତୁ।

**ଉତ୍ତର ଦେବାକୁ ହେଲେ:** ପରିବାରରେ ଥିବା ଗୁରୁଜନମାନେ ଆପଣଙ୍କୁ କିଛି କହିଲେ ତାଙ୍କୁ କିଛି ଉତ୍ତର ଦେବା ପୂର୍ବରୁ ସେ କଥାର କ'ଣ ପ୍ରଭାବ ହେବ ଚିନ୍ତା କରିବା ଉଚିତ। କାହିଁକି ନା ସେମାନଙ୍କ ମନରେ ସାମାନ୍ୟ ଟିକିଏ ବି ଆଘାତ ଲାଗିଲେ ତାହା ପରିବାରରେ ଏକ ବିରାଟ ଝଡ଼ ସୃଷ୍ଟି କରିଥାଏ। ତେଣୁ ଶାଶୁ, ଶ୍ୱଶୁର କିମ୍ବା ଅନ୍ୟ ଗୁରୁଜନଙ୍କୁ କିଛି କହିବା ସମୟରେ ପ୍ରଥମେ ଭାବିବା ଉଚିତ। ହୁଏତ ଅନେକ ସମୟରେ ଠିକ୍ କିମ୍ବା ସତ କଥା ବି ସେମାନଙ୍କୁ ଠିକ୍ ଲାଗି ନ ଥାଏ। ତେଣୁ ସେଭଳି ସତ ବି କହିବା ଉଚିତ ନୁହେଁ। ଅବଶ୍ୟ ସମୟ ସୁବିଧା ଦେଖି ପର ମୁହୂର୍ତ୍ତରେ କେବେ ସେହି କଥାକୁ କହିଲେ କଥାର ଗୁରୁତ୍ୱ ରହିଥାଏ। ତା' ଛଡ଼ା ସେମିତି କିଛି କଥା ପରେ କହିବା ଫଳରେ ପରିବାରରେ ବୋହୂ ପ୍ରତି ସମସ୍ତଙ୍କର ଭଲପାଇବା ବି ଅତୁଟ ରହିଥାଏ।

**ମନକୁ ବୁଝି :** ସାଥୀଙ୍କ ଆଗରେ ମନଖୋଲି ସବୁ କିଛି କହିଦେବାକୁ ଇଚ୍ଛା ହୋଇଥାଏ। ହେଲେ କହିବା ପାଇଁ ଉପଯୁକ୍ତ ସମୟ ସୁଯୋଗକୁ ଅପେକ୍ଷା କରିବା ଉଚିତ। ନଚେତ୍ ଆପଣଙ୍କ କଥାର ବିପରୀତ ପ୍ରଭାବ ପଡ଼ିପାରେ। ହୁଏତ ସାଥୀଙ୍କ ସହ ସମ୍ପର୍କରେ ଫାଟ ବି ସୃଷ୍ଟି ହୋଇପାରେ। ପରିବେଶ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି କଥା କହିଲେ ସହଜରେ ସ୍ୱାମୀଙ୍କ ମନକୁ କିଣିହୁଏ। ଆଉ କିଛି ବିଚାର ନ କରି କ୍ରୋଧରେ ପ୍ରତିକ୍ରିୟାଶୀଳ ହୋଇ ସବୁକିଛି କହିଦେଲେ କଥା ସରିଯାଏ। କିନ୍ତୁ ବୁଦ୍ଧିମତୀ ମହିଳା ଏମିତି ଭୁଲ୍ କେବେ କରନ୍ତି ନାହିଁ। ସ୍ୱାମୀଙ୍କ ମନକୁ ବୁଝି ସମୟ ନେଇ କଥା କହିଲେ ଆପତ୍ତି ଅଭିଯୋଗ ଅବା ଅଭିମାନ ସବୁର ମୂଲ୍ୟ ରହିଥାଏ।









## ଏମାନେ କ'ଣ କରନ୍ତି...

**ସମସ୍ତେ ଭଲ ପାନ୍ତି:** ଶାଶୁ ଘରେ ଆଜିପର୍ଯ୍ୟନ୍ତ କେବେ କାହାକୁ ରାଗରେ ମୁଁ କିଛି କହିନି। ସେମିତି ବି ନୁହଁ ଯେ ମୁଁ ସବୁ କଥା ଲୁଚାଇ ରଖେ। କିନ୍ତୁ କୌଣସି କଥାକୁ ନେଇ ଯୁକ୍ତି ହେଉଥିବା ସମୟରେ ମୁଁ କାହାକୁ କିଛି ନ କହି ପରେ ସମସ୍ତେ ଭଲ ମୁଡରେ ଥିବାବେଳେ ମୋର ପରାମର୍ଶ କିମ୍ବା ମତ ଦେଇଥାଏ। ଏମିତି କରିବା ଫଳରେ ଅନେକ ସମୟରେ ସହଜରେ ସମସ୍ୟା ସମାଧାନ ହୋଇଯାଏ। ତେଣୁ ଶାଶୁ ଘରେ କୌଣସି ସଦସ୍ୟ ମୋ ଉପରେ କେବେ ରାଗନ୍ତି ନାହିଁ। ବରଂ ଭଲ ବୋହୂ କହି ମତେ ସମସ୍ତେ ବହୁତ ଭଲ ପାଆନ୍ତି।

*–ସୁରଭି ମିଶ୍ର, ଗୃହିଣୀ, ଭୁବନେଶ୍ୱର*

**ଉଦାହରଣ ଦେଇ ବୁଝାଏ:** ମୋ ପିଲା ପାଇଁ ମୁଁ ବହୁତ ଭାବପ୍ରବଣ। ତେଣୁ ଘରେ ଆମ ଭିତରେ କେବେ ଯଦି କୌଣସି କଥାରେ ଛୋଟମୋଟ ଝଗଡା ହୁଏ ତେବେ ପିଲାମାନଙ୍କୁ ଅଲଗା ଘରେ ରଖିଥାଏ। ସେମାନଙ୍କର ପ୍ରତିଟି ଭାବନାକୁ ମୁଁ ଗୁରୁତ୍ୱ ଦିଏ। ସେଥିପାଇଁ କୌଣସି କଥାରେ ମୁଁ ତାଙ୍କୁ ରାଗିକି କିଛି କହେନି। ବରଂ ବୁଝାଇବା ସହ ଅନ୍ୟମାନଙ୍କର ଉଦାହରଣ ଦେଖାଇ ସବୁ କଥା କହିଥାଏ। ତେଣୁ ପ୍ରଥମେ ରାଗିଲେ ବି ସାଙ୍ଗେ ସାଙ୍ଗେ ସେ ତା' ଭୁଲ୍ ବୁଝିଯାଏ।

*–କବିତା ପାତ୍ର, ଗୃହିଣୀ, ଫେଜ୍-୩, ବଡମାଲ, ବଲାଙ୍ଗୀର*

**ମୁଡ୍ ଦେଖି କହେ:** ଘରକୁ ଫେରିବା ମାତ୍ରେ ସାଙ୍ଗେ ସାଙ୍ଗେ ମୁଁ କାହାକୁ କିଛି କହେନି। ଏମିତି କି ସ୍ୱାମୀ ଘରକୁ ଆସିବାର କିଛି ସମୟ ପରେ ତାଙ୍କ ମୁଡ୍ ଦେଖି ମୁଁ କଥା କହେ। ଖିଆପିଆ ସରିବା ପରେ ଏକୁଟିଆ ସମୟରେ ମୁଁ ଯାହା କହିଲେ ସେ ସହଜରେ ବୁଝିପାରନ୍ତି। ଏମିତି କି ମୁଁ ବିରକ୍ତ ହୋଇଥିବା କୌଣସି କଥା କହିଲେ ବି ସେ ମତେ ବୁଝାଇବାକୁ ଚେଷ୍ଟା କରନ୍ତି। ତେଣୁ ଆମ ଭିତରେ କେବେ କୌଣସି ମତପାର୍ଥକ୍ୟ ହୁଏନି ଓ ଭଲ ବୁଝାମଣା ରହିଥାଏ। ମୋର ଏଇ ସ୍ୱଭାବ ପାଇଁ ଆମ ପରିବାର ସୁଖ ଶାନ୍ତିରେ ଚାଲିଛି ବୋଲି କହି ଶାଶୁ ଘରେ ସମସ୍ତେ ମତେ ପ୍ରଶଂସା କରନ୍ତି।

*–ସସ୍ମିତା ବ୍ରହ୍ମା, ସାଉଥ୍ ସିଟି, ବାନର ଘାଟ ରୋଡ୍, ବେଙ୍ଗାଲୁରୁ*



କବିତା



ସୁରଭି



ସସ୍ମିତା

# ଖାଦ୍ୟରୁଚି: ଓନିଅନ୍ ମସାଲା

**ଆବଶ୍ୟକ ସାମଗ୍ରୀ–**
ପିଆଜ– ୧ଟି (ବଡ), ଭଜା ଜିରା ଗୁଣ୍ଡ– ଅଧା ଛୋଟ ଚାମଚ, ଚାଟ ମସଲା– ଅଧା ଛୋଟ ଚାମଚ, ଲଙ୍କା ଗୁଣ୍ଡ– ଅଧା ଛୋଟ ଚାମଚ, ଗୋଲମରିଚ ଗୁଣ୍ଡ– ଅଧା ଛୋଟ ଚାମଚ, ଲେମ୍ବୁ ରସ– ୧ ଛୋଟ ଚାମଚ, ଧନିଆପତ୍ର– ୧ ଛୋଟ ଚାମଚ (କଟା), ଲୁଣ ସ୍ୱାଦ ଅନୁସାରେ।

**ପ୍ରଣାଳୀ–**
ପିଆଜକୁ ପତଳା ଓ ଲମ୍ବା ଲମ୍ବା କରି କାଟି ଏକ ବଡ଼ ପାତ୍ରରେ ରଖନ୍ତୁ। ଏବେ ଏଥିରେ ସବୁ ମସଲା ଓ ଲୁଣ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଲେମ୍ବୁ ରସ ପକାଇ ମିଶାନ୍ତୁ। ଶେଷରେ ଏଥିରେ କଟା ଧନିଆପତ୍ରକୁ ପକାଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ ପୁଦିନା ପତ୍ରକୁ କାଟି ମିଶାଇ ପାରିବେ। ଏବେ ପ୍ରସ୍ତୁତ ହୋଇଗଲା ମସାଲା ଓନିଅନ୍। ଏହାକୁ ଆପଣ ଭାତ କିମ୍ବା ରୁଟି ସହିତ ଖାଇପାରିବେ।



# ଘରୋଇ ଉପାୟରେ ଦୂରାନ୍ତୁ ମଶା

ପ୍ରବଳ ଗରମ ସାଙ୍ଗକୁ ମଶାଙ୍କ ଦୌରାତ୍ମ୍ୟ ଭାରି କଷ୍ଟ ଦେଇଥାଏ। ତେବେ ମଶା କାମୁଡ଼ାରୁ ବର୍ତ୍ତିବା ପାଇଁ ଚାହୁଁଥିଲେ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...





➔ମଶା ଘଉଡାଇବା ପାଇଁ ରସୁଣ ବେଶ୍ ଫଳପ୍ରଦ। ଏଥିପାଇଁ ଆପଣ କିଛି ରସୁଣକୁ ଛେଚି ପାଣିରେ ମିଶାଇ ସିଝାଇ ଦିଅନ୍ତୁ। ଏବେ ଏହି ରସୁଣ ସିଝା ପାଣିକୁ ସ୍ପ୍ରେ ବୋତଲରେ ଭର୍ତ୍ତି କରି ଘରର ସବୁଆଡେ ସ୍ପ୍ରେ କରି ଦିଅନ୍ତୁ। ଏପରି କଲେ ଘର କୋଣରେ ରହିଥିବା ସବୁ ମଶା ବାହାରି ଯିବେ।

➔କଫି ବ୍ୟବହାର କରି ଆପଣ ମଶା ବାହାର କରିପାରିବେ। ଅଧିକ ମଶା ଥିବା ସ୍ଥାନରେ କଫି ପକାଇ ଦିଅନ୍ତୁ। କଫିର ଗନ୍ଧରେ ମସା ହେବେ ନାହିଁ।

➔ପୁଦିନାର ବାସ୍ନାରେ ମଧ୍ୟ ମଶା ରହିପାରନ୍ତି ନାହିଁ। ତେଣୁ ଘରର ବିଭିନ୍ନ ସ୍ଥାନରେ ଯଦି ପୁଦିନାର ତେଲ ପକାଇ ଦେବେ ତା'ହେଲେ ଘରେ ମଶା ରହିବେ ନାହିଁ।

➔ ନିମ୍ବ ତେଲରେ ମଧ୍ୟ ମଶାକୁ ଘଉଡାଇହେବ। ନିମ୍ବ ତେଲକୁ ପାଣିରେ ମିଶାଇ କିମ୍ବା ଲୋସନରେ ମିଶାଇ ଶରୀରରେ ଲଗାଇ ଦିଅନ୍ତୁ। ମଶା ଆପଣଙ୍କ ପାଖ ମାଡ଼ିବେ ନାହିଁ।

➔ସୋୟାବିନ୍ ତେଲକୁ ମଧ୍ୟ ଦେହରେ ଲଗାଇଲେ ମଶା କାମୁଡନ୍ତି ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଏପ୍ରିଲ ୧୨/୨୦୨୨ Sambalpur, Tuesday, April 12/ 2022

# ଅମିତ ଅଧିନାୟକ ରହିଲେ, ଶୀଲାନନ୍ଦ ସାମିଲ



ଜର୍ମାନୀ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚ ପାଇଁ ମନୋନୀତ ଭାରତୀୟ ପୁରୁଷ ହକି ଦଳ।

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

- ଜର୍ମାନୀ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ପୁରୁଷ ହକି ଦଳ ଘୋଷିତ

ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)

ଭାରତ ଓ ଜର୍ମାନୀ ମଧ୍ୟରେ ପ୍ରୋ ଲିଗ୍ ପୁରୁଷ ହକି ମ୍ୟାଚ୍ ଆସନ୍ତା ଗୁରୁବାର ଓ ଶୁକ୍ରବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ୨୨ ଜଣିଆ ଭାରତୀୟ ଦଳ ସୋମବାର ଘୋଷଣା କରାଯାଇଛି। ଓଡ଼ିଶାର ଅମିତ୍ ରୋହିଦାସ ଅଧିନାୟକ ପଦ ବଜାୟ ରଖିଥିବାବେଳେ ଫରୱାର୍ଡ ଶୀଳାନନ୍ଦ ଲାକ୍ରା ଦଳରେ ସ୍ଥାନ ପାଇଛନ୍ତି। ହରମନପ୍ରୀତ ସିଂ ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଦଳ ଚୟନ ସମ୍ପର୍କରେ ମତଦେଇ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି ଯେ, ଚଳିତ ବର୍ଷର ପ୍ରୋ ହକି ଲିଗ୍ ଆମକୁ ଭିନ୍ନ କମ୍ବିନେଶନ ଓ କୌଶଳରେ ଖେଳିବାର ସୁଯୋଗ ଦେଇଛି। ଯେଉଁଠି ଦୁର୍ବଳତା ପରିଲକ୍ଷିତ ହେଉଛି ଆମେ ତାହାକୁ ସୁଧାରିବାକୁ ଉଦ୍ୟମ କରୁଛୁ। ଘରୋଇ ପରିବେଶରେ ଆମେ ଶେଷ ମ୍ୟାଚ୍ ଜର୍ମାନୀ ବିପକ୍ଷରେ ଖେଳିବୁ। ତେଣୁ ଏହି ଦୁଇ ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ ପାଇଁ ଆମେ ଚେଷ୍ଟା କରିବୁ। ଜର୍ମାନୀ ସବୁବେଳେ ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥାଏ। ତେଣୁ ଆଗାମୀ ୨ଟି ମ୍ୟାଚ୍‌ରୁ ଯଥାସମ୍ଭବ ଅଧିକ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷରେ ରହିବା ଆମର ଲକ୍ଷ୍ୟ ରହିବ। ଚଳିତ ସିଜନରେ ଭାରତ ୧୦ଟି ମ୍ୟାଚ୍ ଖେଳି ୨୧ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଛି। ଜର୍ମାନୀ ୮ ଗେମ୍‌ରୁ ୧୭ ପଏଣ୍ଟ ପାଇ ଦ୍ୱିତୀୟରେ ରହିଛି। ଦକ୍ଷିଣ ଆଫ୍ରିକାକୁ ଭାରତ ତା'ର ଘରୋଇ ପରିବେଶରେ ୧୦-୨, ୧୦-୨ ଗୋଲରେ ହରାଇଥିବାବେଳେ ଫ୍ରାନ୍ସ ନିକଟରୁ ଗୋଟିଏ ମ୍ୟାଚରେ ୫-୦ରେ ଜିତିଥିଲା ଏବଂ ଅନ୍ୟଟିରେ ୨-୫ରେ ପରାଜିତ ହୋଇଥିଲା। ଘରୋଇ ପରିବେଶରେ ଭାରତ ସ୍ପେନ୍‌କୁ ୫-୪ରେ ହରାଇବା ପରେ ୩-୫ରେ ପରାସ୍ତ ହୋଇଥିଲା। ସେହିପରି ଆର୍ଜେଣ୍ଟିନା ବିପକ୍ଷରେ ୫-୪ ଗୋଲରେ ବିଜୟୀ ହୋଇଥିଲା ଏବଂ ପରବର୍ତ୍ତୀ ମ୍ୟାଚରେ ଶୁଟ୍‌ଆଉଟ ୧-୩ ଗୋଲରେ ପରାସ୍ତ ହୋଇଥିଲା। ତେବେ ଇଂଲଣ୍ଡ ବିପକ୍ଷ ଉଭୟ ଗେମ୍‌କୁ ଶୁଟ୍‌ଆଉଟ ୩-୨ ଓ ୪-୩ ଗୋଲରେ ଜିତିବାକୁ ସକ୍ଷମ ହୋଇଥିଲା।

**ଭାରତୀୟ ଦଳ**

ଗୋଲକିପର: ଶ୍ରୀଜେଶ ପାରାଟ୍ଟୁ ରବୀନ୍ଦ୍ରନ, କ୍ରିଷ୍ଣନ ବାହାଦୁର ପାଠକ। ଡିଫେଣ୍ଡର: ବରୁଣ କୁମାର, ଅମିତ ରୋହିଦାସ, ସୁରେନ୍ଦର କୁମାର, ଜୁଗରାଜ ସିଂ, ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ଗୁରିନ୍ଦର ସିଂ। ମିଡ୍‌ଫିଲ୍ଡର: ନୀଳକାନ୍ତ ଶର୍ମା, ମନପ୍ରୀତ ସିଂ, ବିବେକ ସାଗର ପ୍ରସାଦ, ଶମ୍‌ଶେର ସିଂ, ହାର୍ଦ୍ଦିକ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ। ଫରୱାର୍ଡ: ସୁଖଜିତ ସିଂ, ଅଭିଷେକ, ମନଦୀପ ସିଂ, ଶୀଳାନନ୍ଦ ଲାକ୍ରା, ଦିଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ, ଆକାଶଦୀପ ସିଂ।

# ଜାତୀୟ ସବ୍‌ଜୁନିୟର ତୀରନ୍ଦାଜୀ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୧୪ରୁ ରାଜସ୍ଥାନରେ ୩୯ତମ ଏନ୍‌ଟିପିସି ଜାତୀୟ ସବ୍‌ଜୁନିୟର ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଓଡ଼ିଶା ପକ୍ଷରୁ ୨୦ ଜଣିଆ ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। ମାର୍ଚ୍ଚ ୧୨ରୁ ଏପ୍ରିଲ ୧୧ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପରେ ଏହି ଦଳ ଚୟନ କରାଯାଇଥିଲା। ଏ. ରାଜୁ ଓ ରାଜକୁମାର ନାୟକ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମନୋନୀତ ଖେଳାଳିଙ୍କୁ ଓଡ଼ିଶା ଆର୍ଚେରୀ ଆସୋସିଏଶନ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଆସୋସିଏଶନ ସଭାପତି ଗୋକୁଳ ଚନ୍ଦ୍ର ପତି, ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

**ଓଡ଼ିଶା ଦଳ**

ଇଣ୍ଡିଆନ ରାଉଣ୍ଡ (ବାଳକ): ସଞ୍ଜୟ ମାଝି, ବାହାଦୁର ମାରାଣ୍ଡି, ତ୍ରିନାଥ ମୁଣ୍ଡା, ବିକ୍ରମ ମାଝି। ବାଳିକା-ଫୁଲମଣି ହାଁସ୍‌ଦା, ମଞ୍ଜୁଲତା ହାଁସ୍‌ଦା, ଜଇନା ଇସ୍‌ଲାମ, ମଧୁସ୍ମିତା ମୁଣ୍ଡା। ରିକର୍ଭ ରାଉଣ୍ଡ (ବାଳକ): ସୁରେଶ ଓ୍ୱିକା, ବିଜୟ ମାଢ଼ୀ, କୃଷ୍ଣ ମୁଣ୍ଡା, କେଶବ ବନର୍ସା। ବାଳିକା-ମୋମିତା ଓରାମ, ମାନେଶ୍ୱରୀ ହାଁସ୍‌ଦା, ପ୍ରଜ୍ଞା ଦଳାଇ, ଉଜ୍ଜୟିନୀ କେଶରୀ। କମ୍ପାଉଣ୍ଡ ରାଉଣ୍ଡ (ବାଳକ): ରାହୁଲ ମାଡ଼କାମୀ, ଭାସ୍କର ଖିଲୋ, ଗଙ୍ଗୁଲି ଗୁଡ଼ିଆ, ସିଦ୍ଧାନ୍ତ ଖାରା। କୋଚ୍: ଏ. ରାଜୁ, ରାଜକୁମାର ନାୟକ। ମ୍ୟାନେଜର: ବିଶ୍ୱଜିତ୍ ସିଂ, କୋଷାଧ୍ୟକ୍ଷ: ସୌରଜିତ୍ ସିଂ।



ଜାତୀୟ ସବ୍‌ଜୁନିୟର ତୀରନ୍ଦାଜୀ ପାଇଁ ଘୋଷିତ ଓଡ଼ିଶା ଦଳର ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

# ବାବର, ହେନ୍ସ ଶ୍ରେଷ୍ଠ କ୍ରିକେଟର

ଦୁବାଇ, ୧୧।୪ (ପିଟି)

ପାକିସ୍ତାନ ଅଧିନାୟକ ବାବର ଆଜାମଙ୍କୁ ସୋମବାର ମାର୍ଚ୍ଚ ମାସର ଶ୍ରେଷ୍ଠ ଆଇସିସି ପୁରୁଷ ଖେଳାଳି ଭାବେ ବିବେଚିତ କରାଯାଇଛି। ସେହିଭଳି ଅଷ୍ଟ୍ରେଲିଆନ ଦଳର ଓପନର ରିଚେଲ ହେନ୍ସ ସେହିମାସର ଶ୍ରେଷ୍ଠ ମହିଳା କ୍ରିକେଟର ସମ୍ମାନ ପାଇଛନ୍ତି।

ଅଷ୍ଟ୍ରେଲିଆ ବିପକ୍ଷ ୩ ଫର୍ମାଟର ସିରିଜ୍‌ରେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ ଯୋଗୁ ବାବରଙ୍କୁ ଏହି ପୁରସ୍କାର ମିଳିଛି। ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ବାବର ୩୯୦ ରନ୍ କରିଥିଲେ। ଏଥିରେ ୧୯୬ ରନ୍‌ର ରେକର୍ଡ ଇନିଂସ ସାମିଲ ରହିଛି। ବାବରଙ୍କ ଏହି ଇନିଂସ ବଳରେ ପାକିସ୍ତାନ ଦ୍ୱିତୀୟ ମ୍ୟାଚ୍‌କୁ ଡ୍ର' ରଖିବାରେ ସକ୍ଷମ ହୋଇଥିଲା। ଦିନିକିଆ ସିରିଜ୍‌ରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ବାବର ଓ୍ୱେଷ୍ଟଇଣ୍ଡିଜର କ୍ରେଗ ବ୍ରାଥୱେଟ ଓ ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସଙ୍କୁ ପଛରେ ପକାଇ ମାର୍ଚ୍ଚ ମାସର ଆଇସିସି ଶ୍ରେଷ୍ଠ କ୍ରିକେଟର ପୁରସ୍କାର ହାତେଇଛନ୍ତି। ସେ ପ୍ରଥମ କ୍ରିକେଟର ଭାବେ ଏହି ସମ୍ମାନଜନକ ଟ୍ରଫିକୁ ଦୁଇଥର ହାତେଇବାର ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ହେନେସଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ୭ମ ଥର ପାଇଁ ମହିଳା ଦିନିକିଆ ବିଶ୍ୱକପ୍ ଟାଇଟଲ ଜିତିଛି। ହେନ୍ସ ୮ ମ୍ୟାଚ୍‌ରେ ୬୧.୨୮ ହାରରେ ୪୨୯ ରନ୍ କରିଥିଲେ। ଟପ୍ ଅର୍ଡରରେ ତାଙ୍କ ପ୍ରଦର୍ଶନ ଯୋଗୁ ଅଷ୍ଟ୍ରେଲିଆ ପୂରା ବିଶ୍ୱକପ୍‌ରେ ଅପରାଜେୟ ରହିଥିଲା। ସେ ସୋଫି ଇକଲେଷ୍ଟୋନ (ଇଂଲଣ୍ଡ) ଏବଂ ଲୀରା ଓ୍ୱଲଭାର୍ଡ (ଦକ୍ଷିଣ ଆଫ୍ରିକା)ଙ୍କୁ ପଛରେ ପକାଇ ଏହି ପୁରସ୍କାର ପାଇଛନ୍ତି।

# ଗୁଜରାଟର ପ୍ରଥମ ପରାଜୟ

ମୁମ୍ବାଇ, ୧୧।୪

ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୮ ଉଇକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ସନ୍‌ରାଇଜର୍ସ ୧୯.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରି ନେଇଥିଲା। ଆଇପିଏଲ୍‌ର ନୂଆ ଦଳ ଗୁଜରାଟ ଟାଇଟାନ୍ସର ପ୍ରଥମ ପରାଜୟ ସ୍ୱାଦ ଚାଖିଛି। ପୂର୍ବରୁ ଅନୁଷ୍ଠିତ ୩ଟି ଯାକ ମ୍ୟାଚ ଜିତି ଏହି ଦଳ ବିଜୟରେ ହ୍ୟାଟ୍ରିକ୍ କରିଥିଲା। ସନ୍‌ରାଇଜର୍ସ ୪ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସହ ନିଜ ପଏଣ୍ଟ ସଂଖ୍ୟାକୁ ୪ରେ ପହଞ୍ଚାଇଛି।

ଟସ୍ ହାରି ଗୁଜରାଟ ଟାଇଟାନ୍ସ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଶୁବମନ ଗିଲ୍ ମାତ୍ର ୭ ରନ କରି ଟି. ନଟରାଜନଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଫଳରେ ୨୪ ରନରେ ଗୁଜରାଟ ପ୍ରଥମ ଉଇକେଟ ହରାଇଥିଲା। ସାଇ ସୁଦର୍ଶନ ୧୧ ଓ ମାଥ୍ୟୁ ୱାଡେ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ମିଡିଲ ଅର୍ଡରରେ ଡେଭିଡ ମିଲର ମାତ୍ର ୧୨ ରନ କରିଥିଲେ। ତେବେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ଅଭିନବ ମନୋହରଙ୍କ ଉପଯୋଗୀ ୩୫ (୨୧ ବଲ, ୫ ଚୌକା, ୧ ଛକା) ରନ ଯୋଗୁ ଗୁଜରାଟ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ହାର୍ଦ୍ଦିକ ୪୨ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୫୦ ରନକରି ଅପରାଜିତ ରହିଥିଲେ। ସନ୍‌ରାଇଜର୍ସ ବୋଲରମାନେ ଅତିରିକ୍ତଭାବେ ୨୨ ରନ ବ୍ୟୟ କରିଥିଲେ। ଭୁବନେଶ୍ୱର କୁମାର ଓ ଟି. ନଟରାଜନ ୨ଟି ଲେଖାଏ ଉଇକେଟ ନେଇଥିଲେ।

ସନ୍‌ରାଇଜର୍ସ ଓପନିଂ ଯୋଡ଼ିରେ ୬୪ ରନ ଯୋଗକରି ଦୃଢ଼ ଭିତ୍ତି ପକାଇଥିଲା। ଫର୍ମରେ ଥିବା ଯୁବ ଓପନର ଅଭିଷେକ ଶର୍ମା ଏଠାରେ ଭଲ ଆରମ୍ଭ କରିଥିଲେ ହେଁ ଅର୍ଦ୍ଧଶତକ ହାସଲ ପୂର୍ବରୁ ଆଉଟ ହୋଇ ଯାଇଥିଲେ। ସେ ୩୨ ବଲ୍‌ରୁ ୬ ଚୌକା ସହାୟତାରେ ୪୨ ରନ କରିଥିବାବେଳେ ରଶିଦ ଖାଁଙ୍କ ବଲ୍‌ରେ ସାଇ ସୁଦର୍ଶନଙ୍କୁ କ୍ୟାଚଦେଇ ପ୍ୟାଭିଲିୟନ ଫେରିଥିଲେ। ରାହୁଲ ତ୍ରିପାଠୀ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରି ୧୧ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ୧୭ ରନ କରିଥିବାବେଳେ ଗୋଡ଼ ମାଂଶପେଶୀ ଟାଣି ଧରିବାରୁ ରିଟାୟର୍ଡ ହର୍ଟ ହୋଇ ଯାଇଥିଲେ। କେନ୍ ୱିଲିୟମସନ ୪୬ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ୫୭ ରନ କରିଥିଲେ। ନିକୋଲସ ପୁରନ ୧୮ ବଲ୍‌ରୁ ୩୪ (୨ ଚୌକା, ୨ ଛକା) ଓ ଏଡେନ ମାରକ୍ରାମ ୧୨ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ।



ଉଇକେଟ ନେବାପରେ ଖୁସି ମନାଉଛନ୍ତି ଟି.ନଟରାଜନ (ଡାହାଣ)।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୬୨/୭ (ହାର୍ଦ୍ଦିକ ପାଣ୍ଡ୍ୟା- ୫୦*, ଅଭିନମ ମନୋହର-୩୫, ଭୁବନେଶ୍ୱର କୁମାର-୨/୩୭, ଟି. ନଟରାଜନ-୨/୩୪, ମାର୍କୋ ଜାନସେନ-୧/୨୭, ଉମ୍ରାନ ମଲିକ-୧/୩୯)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୯.୧ ଓଭରରେ ୧୬୮/୨ (କେନ୍ ୱିଲିୟମସନ-୫୭, ଅଭିଷେକ ଶର୍ମା-୪୨, ନିକୋଲସ ପୁରନ-୩୪*, ହାର୍ଦ୍ଦିକ ପାଣ୍ଡ୍ୟା- ୧/୨୭, ରଶିଦ ଖାଁ-୧/୨୮)।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ଚେନ୍ନାଇ ସୁପର କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରାଜକିଶନ, ଶୁଭମ୍‌ଙ୍କୁ ୫ ଉଇକେଟ

**କଳାହାଣ୍ଡି କପ୍ କ୍ରିକେଟ**

ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)

କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଇଷ୍ଟକୋଷ୍ଟ ରେଲ୍‌ୱେ ସ୍ପୋର୍ଟ୍ସ ଆସୋସିଏଶନ (ଇକୋର୍ସା), ଭୁବନେଶ୍ୱର-ଏ, ଖୋର୍ଦ୍ଧା, ଝାରସୁଗୁଡ଼ା, କଟକ-ଏ ଓ ରାଉରକେଲା ବିଜୟ ହାସଲ କରିଛନ୍ତି। ଝାରସୁଗୁଡ଼ାର ରାଜକିଶନ ପଟେଲ ଓ କଟକ-ଏର ଶୁଭମ୍ ନାୟକ ୫ ଉଇକେଟ ସଫଳତା ପାଇଛନ୍ତି। ରେଲ୍‌ୱେ ଷ୍ଟାଡିୟମରେ ଇକୋର୍ସା ୧ ଉଇକେଟରେ ସମ୍ବଲପୁରକୁ ହରାଇ ରୋମାଞ୍ଚକ ବିଜୟ ହାସଲ କରିଛି। ସମ୍ବଲପୁର ୫୦ ଓଭରରେ ୮ ଉଇକେଟ ହରାଇ ୨୭୭ ରନ୍ କରିଥିଲା। ଦେବବ୍ରତ ପ୍ରଧାନ ୭୪ ଓ ରୋଶନ ମହାପାତ୍ର ୬୪ ରନ୍ କରିଥିଲେ। ଇକୋର୍ସା ୪୯.୫ ଓଭରରେ ୯ ଉଇକେଟ ହରାଇ ୨୮୦ ରନ୍ ସଂଗ୍ରହ କରିନେଇଥିଲା। ସୁଜିତ ଲେଙ୍କା ସର୍ବାଧିକ ୬୩ ରନ୍ କରିଥିଲେ। ସି.ଭି. ରମଣ ପଡ଼ିଆରେ ଭୁବନେଶ୍ୱର-ଏ ୯୭ ରନ୍‌ରେ ସୁନ୍ଦରଗଡ଼କୁ ହରାଇଛି। ଭୁବନେଶ୍ୱର-ଏ ୪୩.୫ ଓଭରରେ ୧୯୩ ରନ୍ କରି ଅଲ୍‌ଆଉଟ ହୋଇଥିଲା। ସନ୍ଦୀପ ପଟ୍ଟନାୟକ ୬୬ ଓ ଶାନ୍ତନୁ ମିଶ୍ର ୫୦ ରନ୍ କରିଥିଲେ। ଜବାବରେ ସୁନ୍ଦରଗଡ଼ ୩୨.୨ ଓଭରରେ ୯୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ସେଞ୍ଚୁରିଅନ ଗ୍ରାଉଣ୍ଡରେ ଖୋର୍ଦ୍ଧା ୬ ଉଇକେଟରେ କଟକ 'ବି'କୁ ପରାସ୍ତ କରିଛି। କଟକ 'ବି' ୫୦ ଓଭରରେ ୮ ଉଇକେଟ ହରାଇ ୨୩୮ ରନ୍ କରିଥିଲା। ଅଭିଷେକ ଗିରି ୭୯ ଓ ପ୍ରଦୀପ ଦାଶ ୬୦ ରନ୍ କରିଥିଲେ। ଜବାବରେ ଖୋର୍ଦ୍ଧା ୪୯.୪ ଓଭରରେ ୪ ଉଇକେଟ ହରାଇ ୨୪୨ ରନ୍ କରିଥିଲା। ଆର୍ଯ୍ୟଶ୍ରୀ ଭଞ୍ଜ ୬୮ ଓ ରଞ୍ଜିତ ପାଇକରାୟ ୫୮ ରନ୍ କରିଥିଲେ। ରେଭେନ୍ସା-୨ ଗ୍ରାଉଣ୍ଡରେ ଝାରସୁଗୁଡ଼ା ୪୬ ରନ୍‌ରେ ଭୁବନେଶ୍ୱର 'ବି'କୁ ପରାସ୍ତ କରିଛି। ଝାରସୁଗୁଡ଼ା ୪୮.୪ ଓଭର ଖେଳି ୧୮୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲେ ହେଁ ଭୁବନେଶ୍ୱର 'ବି' ୩୭.୪ ଓଭରରେ ୧୩୮ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଝାରସୁଗୁଡ଼ାର ରାଜକିଶନ ପଟେଲ ମାତ୍ର ୧୬ ରନ୍ ଦେଇ ୫ ଉଇକେଟ ହାସଲ କରିଥିଲେ। ରେଭେନ୍ସା-୧ ପଡ଼ିଆରେ କଟକ-ଏ ୧୦ ଉଇକେଟରେ ମୟୂରଭଞ୍ଜକୁ ହରାଇଛି। ମୟୂରଭଞ୍ଜ ୨୩.୩ ଓଭରରେ ୧୦୧ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। କଟକ-ଏ'ର ଶୁଭମ୍ ନାୟକ ୧୪ ରନ୍ ବିନିମୟରେ ୫ ଉଇକେଟ ନେଇଥିଲେ। ଜବାବରେ କଟକ-ଏ ୧୯.୧ ଓଭରରେ କୌଣସି ଉଇକେଟ ନ ହରାଇ ୧୦୪ ରନ୍ ସଂଗ୍ରହ କରି ନେଇଥିଲା। ରାମଚନ୍ଦ୍ର ବେହେରା ୫୩ ରନ୍ କରି ଅପରାଜିତ ଥିଲେ। ସନ୍‌ସାଇନ୍ ପଡ଼ିଆରେ ରାଉରକେଲା ୬ ଉଇକେଟରେ ଯାଜପୁରକୁ ପରାସ୍ତ କରିଛି। ଯାଜପୁର ୩୬.୧ ଓଭର ଖେଳି ମାତ୍ର ୧୨୦ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ରାଉରକେଲା ୨୮.୧ ଓଭରରେ ୪ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିନେଇଥିଲା। ଶୁଭଙ୍କର ବିଶ୍ୱାସ ୫୧ ରନ୍‌ରେ ଅପରାଜିତ ରହିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ